76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୬୯ ● କଟକ ● ବୁଧବାର ● ୧୭ ମଇ-୨୦୨୩ ● ବୃଷ ୧ ● ସାଲ୍ ୧୪୩୦

CUTTACK ● WEDNESDAY ● 17 MAY-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

## ରୋଜଗାର ମେଳା ଯୁବକମାନଙ୍କୁ ଶକ୍ତିଶାଳୀ କରିବାକୁ ଏକ ପ୍ରୟାସ



ନୂଆଦିଲ୍ଲୀ: ରୋଜଗାର ମେଳା ଯୁବକ ମାନଙ୍କୁ ଶକ୍ତିଶାଳୀ କରିବା ଓ ରାଷ୍ଟ୍ରୀୟ ବିକାଶରେ ସେମାନଙ୍କର ଭାଗିଦାରୀକୁ ସୁନିଶ୍ଚିତ କରିବାର ଏକ ପ୍ରୟାସ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ କହିଛନ୍ତି । ମଙ୍ଗଳବାର ଦିନ ଭିଡିଓ କନଫେନ୍ସିଂ ଜରିଆରେ ରୋଜଗାର ମେଳା ଜରିଆରେ ସରକାରୀ ବିଭାଗ ମାନଙ୍କରେ ନବ ନିଯୁକ୍ତ ଭର୍ତି ପାଇଁ ପାଖାପାଖି ୭୧ ହଜାର ନିଯୁକ୍ତି ପତ୍ର ପ୍ରଦାନ କରିବା ପରେ ସେ ନିଜର ସମ୍ବୋଧନରେ ଏହା କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ – ଆଜି ୭୦ ହଜାରରୁ ଅଧିକ ଯୁବକ ମାନଙ୍କୁ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ସରକାରୀ ନିଯୁକ୍ତି ମିଳୁଛି । ଆପଣ ମାନେ ସମସ୍ତେ କଡା ପରିଶ୍ରମ କରି ସଫଳତା ହାସଲ କରିଛନ୍ତି । ମୁଁ ଆପଣଙ୍କୁ ଓ ଆପଣଙ୍କ ପରିବାରକୁ ଅନେକ ଅନେକ ଅଭିନନ୍ଦନ ଜଣାଉଛି । ରୋଜଗାର ମେଳାର ଆୟୋଜନ ସାରା ଦେଶର ୪୫ଟି ସ୍ଥାନରେ କରାଯାଇଛି । ଯେଉଁ ସବୁ ପଦ ପାଇଁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ସେଥିରେ ରହିଛି ଗ୍ରାମୀଣ ଡାକସେବକ, ଡାକ ଇନିସ୍ପେକ୍ଟର, କମର୍ସିଆଲ-କମ୍-ଟିକେଟ କ୍ଲର୍କ, ଟ୍ରାକ୍ ମେଣ୍ଟେନରସ, ସହକାରୀ ସେକସନ୍ ଅଫିସର, କନିଷ୍ଠ କିରାଣି, ଉପଖଣ୍ଡୀୟ ଅଧିକାରୀ, ଟିକସ ସହାୟକ, ସହକାରୀ ପ୍ରବର୍ତ୍ତନ ଅଧିକାରୀ, ଇନିସ୍ପେକ୍ଟର, ନର୍ସିଂ ଅଫିସର, ସହକାରୀ ନିରାପତ୍ତା ଅଧିକାରୀ, ଆଗ୍ନିକ, ସହକାରୀ ଆକାଉଣ୍ଟସ୍ ଅଫିସର, ସହକାରୀ ଅଡିଟ୍ ଅଫିସର, ଡିଭିଜିନାଲ ଅକାଉଣ୍ଟା, ଅଡିଟର, କନ୍ଷ୍ଟେବଲ, ହେଡ୍ କନଷ୍ଟେବଲ, ସହକାରୀ କମାଣ୍ଡାଣ୍ଟ, ପ୍ରିନ୍ସିପାଲ, ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର୍ସ, ସହକାରୀ ରେଜିଷ୍ଟ୍ରାର ଓ ସହକାରୀ ପ୍ରଫେସର । ନିଯୁକ୍ତି ସୃଷ୍ଟିକୁ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଅଙ୍ଗୀକାର ପ୍ରକାଶ କରିଥିଲେ ରୋଜଗାର ମେଳା ତାହାର ଏକ ଅଂଶବିଶେଷ । ଏହି ରୋଜଗାର ମେଳା ଅଧିକ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ ଏବଂ ନିଯୁକ୍ତି ଆଶାୟୀଙ୍କୁ ଯଥାର୍ଥ କର୍ମନିଯୁକ୍ତି ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ । ଯଥାର୍ଥ କର୍ମ ନିଯୁକ୍ତି ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ । ଯଥା କର୍ମ ନିଯୁକ୍ତି ଓ ରୋଜଗାର ପାଇଲେ ଯୁବ ସମାଜ ସଶକ୍ତ ହେବା ସହିତ ଜାତୀୟ ବିକାଶ ପ୍ରକ୍ରିୟାରେ ଯଥାର୍ଥ ସହଯୋଗ ଯୋଗାଇ ପାରିବେ ।

## ୧୮ରେ ପ୍ରକାଶ ପାଇବ ମାଟ୍ରିକ୍ ପରୀକ୍ଷା ଫଳ

ଭୁବନେଶ୍ୱର(ପିପିଏସ୍):ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ(ମାଟ୍ରିକ୍) ପରୀକ୍ଷା ଫଳ ଆସନ୍ତା ୧୮ ତାରିଖରେ ପ୍ରକାଶ ପାଇବ । କଟକ ସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ରମାଶିଷ ହାଜରା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ଗୁରୁବାର ସକାଳ ୧୦ଟା ବେଳେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ। ଦିନ ୧୨ଟା ସୁଦ୍ଧା ସମସ୍ତେ




ମାଟ୍ରିକ୍ ପରୀକ୍ଷା ଫଳ ଜାଣିପାରିବେ ବୋଲି ବୋର୍ଡର ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି କହିଛନ୍ତି, । ପିଲାମାନେ ମୋବାଇଲରେ ଏସଏମଏସ କରି ମଧ୍ୟ ଜାଣିପାରିବେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଛାତ୍ରଛାତ୍ରୀ ମାନେ ୱେବସାଇଟରୁ ବି ଫଳ ଜାଣିପାରିବେ । ବୋର୍ଡ ୱେବସାଇଟରେ ଛାତ୍ରଛାତ୍ରୀ ରେଜଲ୍ଟ ଜାଣିପାରିବେ। ଏହାସହିତ ନିଜର ମୋବାଇଲରୁ ଓଆର୧୦ ଏବଂ ନିଜର ରୋଲ ନମ୍ବରକୁ ଟାଇପ କରି ୫୬୭୬୭୫୦କୁ ପଠାଇଲେ ପରୀକ୍ଷା ଫଳ ଜାଣିହେବ। ଏଥର ୫ ଲକ୍ଷ ୧୮ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏଥର ପରୀକ୍ଷାଫଳକୁ ତ୍ରୁଟିଶୂନ୍ୟ କରିବା ଲାଗି ପ୍ରୟାସ କରାଯାଇଛି। ସୂଚନାଯୋଗ୍ୟ, ମାଟ୍ରିକ୍, ମଧ୍ୟମା, ମୁକ୍ତବିଦ୍ୟାଳୟ ପାଇଁ ମୋଟ ୫ଲକ୍ଷ ୪୧ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବା ବେଳେ ରାଜ୍ୟର ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା। ରାଜ୍ୟରେ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାର ମୂଲ୍ୟାୟନ ଏପ୍ରିଲ ୩ ତାରିଖରୁ ଆରମ୍ଭ ହୋଇ ୧୨ ଦିନ ପର୍ଯ୍ୟନ୍ତ ଚାଲିଥିଲା।

## ଏଥର ବିଳମ୍ବରେ ଆସିବ ମୌସୁମୀ



ଭୁବନେଶ୍ୱର (ପିପିଏସ୍):ସାମାନ୍ୟ ବିଳମ୍ବରେ ଏଥର କେରଳ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଚଳିତ ବର୍ଷ ମୌସୁମୀ ଜୁନ ୪ ତାରିଖ ବେଳକୁ କେରଳ ଛୁଇଁବାର ସମ୍ଭାବନା ଥିବା ଆଜି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଳମ୍ବରେ ମୌସୁମୀ ଆସିବାକୁ ଥିଲେ ହେଁ ଏହାର ପ୍ରଭାବରେ ସ୍ୱାଭାବିକ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ ପୁଣିଥରେ କୁହାଯାଇଛି। ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧ରେ କେରଳ ଛୁଇଁଥାଏ। ହେଲେ ଏଥର ଏହା ସାମାନ୍ୟ ବିଳମ୍ବରେ ଆସିବ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌମୁସୀ ବାୟୁ କେରଳ ଆସିବାରେ ସାମାନ୍ୟ ବିଳମ୍ବ ହେବ। ଜୁନ ୪ରେ ମୌସୁମୀ କେରଳ ଛୁଇଁବାର ସମ୍ଭାବନା ରହିଛି। ଏହା ୪ ଦିନ ଏପଟ ସେପଟ ମଧ୍ୟ ହୋଇପାରେ।" କେରଳ ଛୁଇଁବାର ୧୦ ଦିନ ପରେ ମୌସୁମୀ ଓଡ଼ିଶାକୁ ଆସିଥାଏ। ଗତବର୍ଷ ମେ' ୨୯ ତାରିଖରେ ମୌସୁମୀ କେରଳ ଛୁଇଁଥିଲା। ୨୦୨୧ରେ ଏହା ଜୁନ ୩ ଓ ୨୦୨୦ରେ ମୌସୁମୀ ଜୁନ ୧ରେ କେରଳରେ ତା'ର ଉପସ୍ଥିତି ଜାହିର କରିଥିଲା। ଗତମାସରେ ଆଇଏମଡି କହିଥିଲା ଯେ ଚଳିତ ବର୍ଷ ଏଲ ନିନୋର ପ୍ରଭାବ ପଡ଼ିପାରେ। ତଥାପି ସମଗ୍ର ଦେଶରେ ସ୍ୱାଭାବିକ ବର୍ଷା ହେବ। ଆଇଏମଡି କହିଛି ଯେ ଜୁନ୍ ?ରୁ ସେପଟ୍ମେ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬% ବର୍ଷା ହେବ। ଏହାର ଅର୍ଥ ସ୍ୱାଭାବିକ ବର୍ଷା ହେବ। ୯୬%ରୁ +/- ୫ ବର୍ଷାକୁ ସ୍ୱାଭାବିକ ବର୍ଷା କୁହାଯାଏ। ସାରା ଦେଶରେ ସ୍ୱାଭାବିକ ବର୍ଷାର ଆକଳନ ହୋଇଥିଲେ ମଧ୍ୟ ଉତ୍ତର ପଶ୍ଚିମ ଭାରତର କିଛି ରାଜ୍ୟରେ ସ୍ୱାଭାବିକ ଠାରୁ କମ ବର୍ଷା ହେବାର ଆଶଙ୍କା ରହିଛି। ମୌସୁମୀ ବର୍ଷାର ପ୍ରଭାବ ଏଲ ନିନୋ ଉପରେ ନର୍ଭର କରିଥାଏ। ଏଲ ନିନୋର ପ୍ରଭାବ ପଡ଼ିଲେ ବର୍ଷାର ମାତ୍ରା ସାଧାରଣତଃ କମ ହୋଇଥାଏ। ଦକ୍ଷିଣ ଓ ପଶ୍ଚିମ ଭାରତରେ ଯଦି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବ ପଡ଼ିବ, ତା'ହେଲେ ମରୁଡ଼ି ସମସ୍ୟା ମଧ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି।

ମୌସୁମୀ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ସମସ୍ତେ ଭଲ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଏଲ ନିନୋର ପ୍ରଭାବ ଯଦି ମୌସୁମୀର ଦ୍ୱିତୀୟ ଭାଗରେ ଶକ୍ତିଶାଳୀ ହେବ, ତା'ହେଲେ ପଞ୍ଜାବ, ହରିଆଣା, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ଚାଷ କାମ ପ୍ରଭାବିତ ହେବାର ଆଶଙ୍କା ରହିଛି।

## ବନ୍ଧା ହେଲେ ଘରୋଇ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର (ପିପିଏସ୍): ୧୫ କୋଟି ଟଙ୍କା ଠକେଇ ଅଭିଯୋଗରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଏକ ରିୟଲ ଇଷ୍ଟେଟ୍ କମ୍ପାନୀ ର ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ରାଜଧାନୀ ଭୁବନେଶ୍ୱରର ଚନ୍ଦକା ଅଞ୍ଚଳରେ ଫ୍ଲାଟ ଦେବାକୁ କହି ୧୨୭ ଜଣଙ୍କୁ ଠକି ଆସୁଥିବା ମିଶ୍ର କ୍ରିଏସନ୍ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ଗିରଫ କରିଛି ଇଓଡବ୍ଲୁ । ସୂଚନା ଅନୁସାରେ ଘରୋଇ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମିଶ୍ରଙ୍କ ଦ୍ୱାରା ଠକାମୀର ଶିକାର ହେଲା ପରେ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳର ସ୍ୱଦେଶ ରାୟ ଚୌଧୁରୀ ନାମରେ ଜଣେ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ଇଓଡବ୍ଲୁ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ କମ୍ପାନୀ ଅନ୍ୟ ନିବେଶକାରୀଙ୍କ ଭଳି ଶ୍ରୀ ଚୌଧୁରୀଙ୍କୁ ମଧ୍ୟ ଫ୍ଲାଟ ଦେବାକୁ କହିଥିଲେ। ଶ୍ରୀ ଚୌଧୁରୀ ୧୬ ଲକ୍ଷ ଟଙ୍କା ଦେଇ ୨୦୧୬ ମସିହାରେ ଏକ ଫ୍ଲାଟ ବୁକିଂ କରିଥିଲେ। ଶ୍ରୀ ଚୌଧୁରୀଙ୍କୁ ୩୦ ମାସ ମଧ୍ୟରେ ଫ୍ଲାଟ ହସ୍ତାନ୍ତର କରାଯିବାକୁ କମ୍ପାନୀ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏବେ ଯାଏଁ କମ୍ପାନୀ ପ୍ରତିଶ୍ରୁତି ପୂରଣ କରିପାରି ନାହିଁ ଅଥବା ଟଙ୍କା ଫେରସ୍ତ କରିନାହିଁ। ତେବେ ଇଡଓବ୍ଲୁ ତନ୍ତ୍ରରୁ ଜାଣିବାକୁ ପାଇଛି ଯେ କମ୍ପାନୀ ୧୨୭ ଜଣଙ୍କ ଠାରୁ ୧୫ କୋଟି ଟଙ୍କା ସଂଗ୍ରହ କରିଛି।

## ୬ଘଣ୍ଟାରେ ହାଓ୍ୱଡାରୁ ପୁରୀ ପହଞ୍ଚିବ 'ବନ୍ଦେ ଭାରତ ଏକ୍ସପ୍ରେସ', ସପ୍ତାହକୁ ୬ଦିନ ଚାଲିବ



ଭୁବନେଶ୍ୱର: ଓଡ଼ିଶାରେ 'ବନ୍ଦେ ଭାରତ ଏକ୍ସପ୍ରେସ' ଚଳାଚଳ ଆରମ୍ଭ କରିବ । ଆସନ୍ତା ୧୮ତାରିଖରେ ପୁରୀ-ହାଓ୍ୱଡା ମଧ୍ୟରେ ଏହି ସେମି-ହାଇସ୍ପିଡ୍ ଟ୍ରେନ ଚଳାଚଳକୁ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ଏହା ସପ୍ତାହକୁ ୬ଦିନ ଚାଲିବ । ମାତ୍ର ୬ଘଣ୍ଟା ୨୫ମିନିଟରେ ଏହି ଟ୍ରେନ ହାଓ୍ୱଡାରୁ ପୁରୀ ପହଂଚିବ ଓ ମୋଟ ୭ଟି ସ୍ଥାନରେ ରହଣୀ କରିବ ବୋଲି ଜଣାପଡ଼ିଛି । ପୂର୍ବତଟ ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୧୮ତାରିଖରେ ପୁରୀ-ହାଓ୍ୱଡା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ ହେବ । ଭର୍ଚୁଆଲ ମୋଡରେ ପ୍ରଧାନମନ୍ତ୍ରୀ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ । ଏହି ଟ୍ରେନ ଚଳାଚଳ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଏହି ଟ୍ରେନ ଗୁରୁବାରକୁ ଛାଡ଼ିଦେଲେ ବାକି ୬ଦିନ ଚଳାଚଳ କରିବ । ହାଓ୍ୱଡାରୁ ସକାଳ ୬ଟା ୧୦ମିନିଟରେ ବାହାରି ଏହି ଟ୍ରେନ ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁ-କେନ୍ଦୁଝର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଦେଇ ପୁରୀରେ ଦିନ ୧୨ଟା ୩୫ମିନିଟରେ ପହଂଚିବ । ସେହିପରି ପୁରୀରୁ ଦିନ ୧ଟା ୫୦ମିନିଟରେ ବାହାରି ଉକ୍ତ ମାର୍ଗ ଦେଇ ହାଓ୍ୱଡାରେ ରାତି ସାଢ଼େ ୮ଟାରେ ପହଂଚିବ ବୋଲି ଜଣାପଡ଼ିଛି । ଏହି ଟ୍ରେନରେ ମୋଟ ୧୬ଟି ବଗି ରହିଛି ଓ ସମସ୍ତ ବଗି ଶୀତତାପ ନିୟନ୍ତ୍ରିତ । ଏହି ଟ୍ରେନ ଚଳାଚଳ ପାଇଁ ଟ୍ରାଏଲ ରନ୍ ଶେଷ ହୋଇଛି । ପୁରୀରେ ଏହି ଟ୍ରେନ ଚଳାଚଳ ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶାରେ ପ୍ରଥମଥର ପାଇଁ 'ବନ୍ଦେ ଭାରତ ଏକ୍ସପ୍ରେସ' ଚଳାଚଳ କରୁଛି ।

## ଶଶିଭୂଷଣ ବେହେରାଙ୍କ ବିରୁଦ୍ଧରେ ଯୌତୁକ ନିର୍ଯାତନା ଅଭିଯୋଗ



ଭୁବନେଶ୍ୱର: ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ନାଁରେ ଆସିଛି ଯୌତୁକ ନିର୍ଯାତନା ଅଭିଯୋଗ। ତାଙ୍କ ବୋହୂ ରୋନାଲି ବେହେରା କରିଛନ୍ତି ଏହି ଅଭିଯୋଗ। ରୋନାଲି ଶ୍ୱଶୁର ଶଶିଭୂଷଣ ବେହେରାଙ୍କ ସହିତ ସ୍ୱାମୀ ସତ୍ୟପ୍ରକାଶ ବେହେରା, ଶାଶୂ ସୁପ୍ରଭା ମହାନ୍ତି, ନଣଦ ସୁଶ୍ରୀ ଭାରତୀ ବେହେରା ଓ ମାଉସୀ ଶାଶୁ ପ୍ରତିଭା ମହାନ୍ତିଙ୍କ ନାଁରେ ଏଫଆଇଆର ଦେଇଛନ୍ତି। ଗତ ମାର୍ଚ୍ଚ ୩ ତାରିଖରୁ ରୋନାଲି କଟକ ଜିଲ୍ଲା ବାଙ୍କୀ ଥାନାରେ ଏତଲା ଦେଇ ସାରିଛନ୍ତି। ୨୦୨୧ ମାର୍ଚ୍ଚ ୩ ତାରିଖରେ ଶଶିଭୂଷଣ ବେହେରାଙ୍କ ପୁଅ ସତ୍ୟପ୍ରକାଶ ବେହେରାଙ୍କ ବିବାହ କଟକ ବାଙ୍କୀ ଅଞ୍ଚଳର ବେଦପୁରର ଅବସରପ୍ରାପ୍ତ ବିଚାରପତି ଗୋଖା ବେହେରାଙ୍କ ଝିଅ ରୋନଲିଙ୍କ ସହିତ ସମ୍ପନ୍ନ ହୋଇଥିଲା।

ରୋନାଲି ତାଙ୍କ ଏତଲାରେ ଦର୍ଶାଇଛନ୍ତି, ନିର୍ବନ୍ଧ ସମୟରେ ମୋ ଶ୍ୱଶୁର ଶଶିଭୂଷଣ ବେହେରା, ଶାଶୁ ସୁପ୍ରଭା ମହାନ୍ତି ଓ ମାଉସୀ ଶାଶୁ ପ୍ରତିଭା ମହାନ୍ତି ମୋ ବାପାମା'ଙ୍କୁ ବାହାଘର ବେଳେ କାଠର କୌଣସି ଘରକରଣା ଜିନିଷ ନ ଦେବା ପାଇଁ କହିଥିଲେ। ତା' ବଦଳରେ ସୁନା ଜିନିଷ ଓ ଟଙ୍କା ଦେବା ପାଇଁ କହିଥିଲେ। ତା' ସହିତ ଦୁଇଟି ନଣଦ ପୁଟୁଳି ଦେବାକୁ କହିଥିଲେ। ନଣଦ ପୁଟୁଳିରେ ସୁନା ଜିନିଷ ଦେବାକୁ କହିଥିଲେ। ଏହା ସହିତ ରୁପାର ଥାଳି ଦେବାକୁ କହିଥିଲେ। ସେମାନଙ୍କ ଦାବି ମୁତାବକ ମୋ ବାପା ସବୁ ଜିନିଷ ଦେଇଥିଲେ। ବାହାଘର ପରେ ୧୦/୧୨ଦିନ ପର୍ଯ୍ୟନ୍ତ ଭଲରେ ରହିଲି। ତା'ପରେ ମୋ ଶାଶୁ, ନଣଦ ସୁଶ୍ରୀ ଭାରତୀ ବେହେରା ଓ ମାଉସୀ ● ପୃଷ୍ଠା/-୪

## ଅନଙ୍ଗଉଦୟଙ୍କ ପରିବାର ନାଁରେ ନିର୍ଯାତନା ଅଭିଯୋଗ ଆଣିଲେ ସାନବୋହୂ



ବଲାଙ୍ଗିର: ସାମ୍ନାକୁ ଆସିଛି ବଲାଙ୍ଗିର ରାଜ ପରିବାରର ବଡ ଗୁମର । ଶାଶୂଘରର ସମସ୍ତଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଅନଙ୍ଗ ଉଦୟ ସିଂହଦେଓଙ୍କ ସାନବୋହୂ ତଥା ଅର୍କେଶ ନାରାୟଣ ସିଂହଦେଓଙ୍କ ପତ୍ନୀ ଅଦ୍ରିଜା ମଞ୍ଜରୀ ସିଂହଦେଓ । ତାଙ୍କୁ ତାଙ୍କ ସ୍ୱାମୀ ମାଡପିଟ୍ କରିଥିବା ଦର୍ଶାଇ ସେ ଉତରାଖଣ୍ଡର ଡେରାଡୁନ ଥାନାରେ ଲିଖିତ ଅଭିଯୋଗ ଦାୟର୍ କରିଛନ୍ତି । ଏହା ସହିତ ତାଙ୍କୁ ତାଙ୍କ ଶାଶୂ, ଶ୍ୱଶୁର, ଦେଢ଼ଶୁର ଓ ଯାଆ ନିର୍ଯାତନା ଦେଉଥିବା ସେ ଏତଲାରେ ଦର୍ଶାଇଛନ୍ତି । ଏଥିସହ ସାମାଜିକ ଗଣମାଧ୍ୟମରେ ଅଦ୍ରିଜାଙ୍କ ବୟାନ୍ ଭାଇରାଲ୍ ହୋଇଥିବା ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଅର୍କେଶ ନାରାୟଣ ସିଂହଦେଓ ଗତ ୨୦୧୯ ନିର୍ବାଚନରେ ବଲାଙ୍ଗିର ସଦର ନିର୍ବାଚନ ମଣ୍ଡଳିରୁ ବିଜେଡ଼ି ବିଧାୟକ ପ୍ରାର୍ଥୀ ହୋଇଥିଲା ବେଳେ ତାଙ୍କ ସମର୍ଥନରେ ପତ୍ନୀ ଅଦ୍ରିଜା ପ୍ରଚାର ମଇଦାନକୁ ଓହ୍ଲାଇଥିବା ଦେଖିବାକୁ ମିଳିଥିଲା । ଏଥିସହିତ ସେ ଦୀର୍ଘ ଦିନ ଧରି ସ୍ୱାମୀଙ୍କୁ ରାଜନୀତିରେ ସହଯୋଗ କରି ଆସୁଥିଲେ । ଅନ୍ୟପକ୍ଷରେ ଅର୍କେଶ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ତାଙ୍କ ବିରୋଧରେ ଆସିଥିବା ଏସବୁ ଅଭିଯୋଗ ମିଥ୍ୟା ଓ ଭିତିହୀନ । ଆଜିକାଲି ଦାମ୍ପତ୍ୟ ଜୀବନରେ ଏ ପ୍ରକାର ଅଭିଯୋଗ କରି ସାଧାରଣରେ ବଦନାମ କରିବା ପାଇଁ ଏକ ପ୍ରକାର ଚାପ ସୃଷ୍ଟି କରୁଛନ୍ତି । ମାମଲା ଡେରାଡୁନ କୋର୍ଟରେ ଚାଲିଛି । ନ୍ୟାୟପାଳିକା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି । ପ୍ରକାଶ ଥାଉକି, ଶ୍ରୀମତୀ ଅଦ୍ରିଜା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ନାତୁଣୀ ।

## ୪୦ ଡିଗ୍ରୀ ଉପରେ ୧୮ ସହର, ସମ୍ବଲପୁର ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର: ପ୍ରବଳ ଖରା ଓ ଗୁଳୁଗୁଳିରେ ସମ୍ପୂର୍ଣ୍ଣ ଓଡିଶା ସିଝୁଛି । ଏତେ ଗୁଳୁଗୁଳି ହେଉଠି ଯେ ଲୋକ ମାନଙ୍କୁ ଏହା ସହ୍ୟ ହେଉ ନାହିଁ । ମଙ୍ଗଳବାର ଦିନ ରାଜ୍ୟର ୧୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ରେକର୍ଡ କରାଯାଇଛି। ସମ୍ବଲପୁର ଠାରେ ସର୍ବାଧିକ ୪୪.୩ ଡିଗ୍ରୀ ସେଲସିୟସ ତାମମାତ୍ରା ରେକର୍ଡ କରାଯାଇଛି ।

ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୪ଟି ସହରର ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଛି । ସମ୍ବଲପୁରରେ ସର୍ବାଧିକ ୪୪.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୪.୨, ଉଭୟ ବଲାଙ୍ଗୀର ଓ ନୂଆପଡ଼ାରେ ତାପାମାତ୍ରା ୪୪ ଡିଗ୍ରି ରେକର୍ଡ ହୋଇଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଝାରସୁଗୁଡ଼ାରେ ୪୩.୮, ମାଲକାନଗିରି ଏବଂ ଟିଟିଲାଗଡ଼ରେ ୪୩.୫, ରାଉରକେଲାରେ ୪୩.୪,ସୋନପୁରରେ ୪୩.୧, ସୁନ୍ଦରଗଡ଼ରେ ୪୨.୮, ଅନୁଗୁଳରେ ୪୨.୭, ହୀରାକୁଦ ଏବଂ ଭବାନୀପାଟଣାରେ ୪୨.୫, ତାଳଚେରରେ ୪୨, ଦେବଗଡ଼ରେ ୪୧, ବରଗଡ଼ରେ ୪୦.୮, ନବରଂଗପୁରରେ ୪୦.୨ ଓ ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଦିନ କାଳବୈଶାଖୀରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି ।

## ପ୍ରଶାନ୍ତ ଜଗଦ୍ଦେବଙ୍କ ମାଡମରା ଘଟଣା : ହସ୍ତକ୍ଷେପକୁ ହାଇକୋର୍ଟଙ୍କ ଅଗ୍ରାହ୍ୟ

ଖୋର୍ଦ୍ଧା: ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଗାଳିଗୁଲଜ ଘଟଣା ଓ ମାଡ ମାରିବା ମାମଲାରେ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଏପରିକି ପୂର୍ବପରି ଏହି ମାମଲା ତଳ କୋର୍ଟରେ ବିଚାର ହେବ। ହେଲେ ଉପଯୁକ୍ତ ସମୟରେ ଆବେଦନକାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇପାରନ୍ତି ବୋଲି କୋର୍ଟ କହିଛନ୍ତି। ତେବେ ଗତକାଲି ମୁଖ୍ୟ ବିଚାରପତି ଏସ ମୁରଲିଧରନଙ୍କୁ ନେଇ ଗଠିତ ବେଂଚ ଜଗଦ୍ଦେବଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି ଚିଲିକାରେ ଏକ କାର୍ଯ୍ୟକ୍ରମରେ ବିଜେପି ମଣ୍ଡଳ ସଭାପତି ଏବଂ ବିଧାୟକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏପରକି ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଏଥିରେ ବିଜେପି ମଣ୍ଡଳ ସଭାପତି ବିଧାୟକଙ୍କ ବିରୋଧରେ ବାଲୁଗାଁ ଥାନାରେ ମାମଲା ରଜୁ କରିଥିଲେ। ପରେ ବିଧାୟକ ଆଗୁଆ ଜାମିନୀ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହେଲେ କୋର୍ଟ ତାହାକୁ ଖାରଜ କରି ତଳ କୋର୍ଟରେ ଆତ୍ମସର୍ମପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ବିଧାୟକ ତଳ କୋର୍ଟରେ ଆତ୍ମସମର୍ପଣ କରି ଜାମିନୀ ପାଇଁ ଆବେଦନ କରିଥିଲେ ମଧ୍ୟ ଜାମିନୀ ଖାରଜ ହୋଇଯାଇ ଥିଲା। ଫଳରେ ସେ ବିଚାର ବିଭାଗୀୟ ହାଜତକୁ ଯାଇଥିଲେ। ତେବେ ତଳ କୋର୍ଟରେ ଜାମିନୀ ଖାରଜ ବିରୋଧରେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଥିସହିତ ଏହି ମାମଲା ରଦ୍ଧ କରିବା ପାଇଁ ମଧ୍ୟ ପୃଥକ ଆବେଦନ କରିଥିଲେ। ଯାହାକୁ ନେଇ ମାନ୍ୟବର କୋର୍ଟ ଆଗ୍ରହ୍ୟ କରିଦେଇଛନ୍ତି।

## ସମ୍ପାଦକୀୟ

ମହାମହିମଙ୍କ ମର୍ଯ୍ୟାଦା

## ବାଟେଘାଟେ



ଓଡିଶାରୁ ସିନା ବାତ୍ୟା ବିପଦ
ଯାଇ ଅଛି ଏବେ ଟଳି
ଗରମ ତାତିରୁ ନିସ୍ତାର ନାହିଁ
ଯାତନା ପଡୁଛି ବଳି
ଦାଉ ସାଧୁଛି ବିଜୁଳି
ନଈ ନାଳ ପାଟ ଶୁଖିଲା ପଡ଼ିଛି
ପାଣି ପାଇଁ ଚାଲେ କଳି
ଏଇ ପାଣି ବିନା ଗଛ ପତ୍ର ସବୁ
ଅକାଳେ ଯାଏ ଝାଉଁଳି
ଗରିବ ମଣିଷ ଭୋକ ଉପାସରେ
କାନ୍ଦେ ଆଖି ମଳି ମଳି ।

-ରାହୀ

## ଓଡ଼ିଶାରେ ଗଭର୍ଣ୍ଣାନ୍ସର ଅଭାବ ରହିଛି- ଧର୍ମେନ୍ଦ୍ର



ଭୁବନେଶ୍ୱର:ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ତଥ୍ୟନୁସାରେ ଓଡ଼ିଶାର ଗର୍ଭବତୀ ମାଆ, ନବଜାତ ଶିଶୁ, କିଶୋର କିଶୋରୀଙ୍କ ଅବସ୍ଥା ଚିନ୍ତାଜନକ । ଓଡ଼ିଶାରେ ଗଭର୍ଣ୍ଣାନ୍ସର ଅଭାବ କାରଣରୁ ଏହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦୈନିକ ଖବର କାଗଜରେ ପ୍ରକାଶିତ "ଓଡ଼ିଶା ମୁଣ୍ଡରେ ଅପପୁଷ୍ଟିର କଳଙ୍କ" ଆଲେଖ୍ୟ ଆଧାରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟରେ ଅପପୁଷ୍ଟି, ଶିଶୁମୃତ୍ୟୁ ହାର, ମହିଳା ମାନଙ୍କ ରକ୍ତହୀନତା ସମସ୍ୟା ଏକ ପ୍ରମୁଖ ପ୍ରସଙ୍ଗ । ବୟସ ଓ ଉଚ୍ଚତା ଅନୁସାରେ ନବଜାତ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶ ହେଉନାହିଁ । ଜନଜାତି ପିଲା ଓ କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ । ଏହା କେବଳ ବିରୋଧୀ ଦଳର ଅଭିଯୋଗ ନୁହେଁ ବରଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସର୍ଭେର ରିପୋର୍ଟ କହୁଛି । ଆଜି ଜନ୍ମ ନେଉଥିବା ଶିଶୁଙ୍କୁ ନେଇ ଦେଶ ଅମୃତ ମହୋତ୍ସବ ପାଳନ କରିବ । ପ୍ରାୟ ୧୩ ବର୍ଷ ପରେ ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଅର୍ଥାତ୍ ଆଜିର ୧୦ ବର୍ଷର ପିଲା ସେ ସମୟରେ ୨୩ ବର୍ଷର ଯୁବକ ହେବ । ସେହି ପିଲାର ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶା ପରିବର୍ତ୍ତନର ବଡ଼ ଭରସା ହେବ । ମାତ୍ର ବର୍ତ୍ତମାନରୁ ସେମାନଙ୍କର ସ୍ୱାସ୍ଥ୍ୟ ଓ ଶରୀରର ଯତ୍ନନେବାକୁ ହେବ । ମାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘ ବର୍ଷ ଧରି ଅନୁରୋଧ କରାଯିବା ପରେ ମଧ୍ୟ ସେ ଏ ଦିଗ ପ୍ରତି ଧ୍ୟାନ ନ ଦେବା ଦୁଃଖର ବିଷୟ । ଓଡ଼ିଶାରେ ଗଭର୍ଣ୍ଣାନ୍ସର ଅଭାବ ରହିଛି । ମୋତେ କାଉଣ୍ଟର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋତ ଯେତେ ଗାଳିମନ୍ଦ କଲେ ଚଳିବ କିନ୍ତୁ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଧ୍ୟାନ ଦିଆଯାଉ । ଗଭର୍ଣ୍ଣାନ୍ସ ଅଭାବକୁ ସେ ପୂରଣ କରନ୍ତୁ । ଡବଲ ଇଞ୍ଜିନ ସରକାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇପାରିବ ନାହିଁ । ଏଠି ଫାଳେ ଇଞ୍ଜିନ ଅଛି । ଶ୍ରୀଜଗନ୍ନାଥଙ୍କ ଭୂମିରେ ଇଞ୍ଜିନ କାହାକୁ ଦିଆଯିବ ତାହା ମହାପ୍ରଭୁ ନିଷ୍ପତି ନେବେ । ହରିୟାଣାରେ ଡବଲ ଇଞ୍ଜିନ ସରକାର ପରେ ସେଠାରେ ବାଳିକାଙ୍କ ଜନ୍ମ ସଂଖ୍ୟା ବୃଦ୍ଧି ପାଇଛି । ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଳ ପ୍ରସଙ୍ଗ ଏବଂ ତଥ୍ୟ ଆଧାରରେ ଏହାର ବିତର୍କ ହେବା ଜରୁରୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ରାଜ୍ୟରେ ଖୋଲିବ ୪୫୦ ନୂଆ ଡାକଘର

ଭୁବନେଶ୍ୱର:ଓଡ଼ିଶାରେ ଖୋଲିବ ୪୫୦ ନୂଆ ଡାକଘର। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଏହିସବୁ ଡାକଘର ଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର। ବିଶେଷ କରି ଜନସଂଖ୍ୟା ଆଧାରରେ ନୁହେଁ, ବରଂ ଜଣେ ଲୋକ କେମିତି ତା'ର ୫ କିଲୋମିଟର ପରିଧି ଭିତରେ ଡାକ ସେବା ପାଇପାରିବ, ତାକୁ ଆଖି ଆଗରେ ରଖି ଏହି ନିଷ୍ପତି ନେଇଛନ୍ତି ସରକାର। ବିଶେଷ କରି ଓଡ଼ିଶାର ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଡାକ ସେବା ଯୋଗାଇବା ଲକ୍ଷ୍ୟ ରହିଛି। ଏହି ଡାକଗୁଡିକରେ ସମସ୍ତ ଡାକ ଓ ଅର୍ଥନୈତିକ କାରବାର ପାଇଁ ସୁବିଧା ରହିବ।

## ନଦୀରେ ବୁଡି ଦୁଇ ଯୁବକଙ୍କ ମୃତ୍ୟୁ

ଧର୍ମଶାଳା: ନଦୀରେ ବୁଡ଼ିଯାଇ ଦୁଇ ଯୁବକଙ୍କର ଅକାଳ ମୃତ୍ୟୁ ଘଟିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ରାଧାଦେଇପୁରସ୍ଥ ଗେଙ୍ଗୁଟି ନଦୀରେ । ଗାଧୋଇବା ସମୟରେ ଦୁଇ ଜଣ ପ୍ରଖର ସ୍ରୋତରେ ଭାସି ଯାଇ ଥିଲେ । ମୃତ ଯୁବକ ଦୁଇଜଣ ଯୁକ୍ତ ୨ ଛାତ୍ର ବୋଲି ଜଣାପଡିଛି। ସେମାନେ ହେଲେ ବଡ଼ଚଣା ଥାନା ଅର୍ନ୍ତଗତ ଶାସନ ପୁରୁଷୋତମପୁର ଗ୍ରାମର ମଳୟ ନାୟକ ଓ ଅମିତ୍ ଖଣ୍ଡାଇ ବୋଲି ଜଣାପଡିଛି । ସୁଚନା ମୁତାବକ, ତିନି ଜଣ ଯୁବକ ସାଙ୍ଗ ହୋଇ ଗ୍ରାମ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ଦୁଇ ଜଣ ଯୁବକଙ୍କ ଗୋଡ଼ ଖସି ଯିବାରୁ ନଦୀରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ନଦୀରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ଦୁଇ ଜଣକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସେମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ବାରମ୍ବାର ସେହି ସ୍ଥାନରେ ଲୋକେ ଗାଧୋଇଥିବା ବେଳେ ଅଘଟଣ ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ବଡ଼ଚଣା ପୋଲିସ ପହଂଚି ତଦନ୍ତ କରିଛି ।

ପ୍ରଜାତନ୍ତ୍ର




# ଶିପିଂ କର୍ପୋରେସନ ଅଫ୍ ଇଣ୍ଡିଆର ଲାଭରେ ବଡ଼ ବୃଦ୍ଧି

ସରକାରୀ କମ୍ପାନୀ ଶିପିଂ କର୍ପୋରେସନ ଅଫ୍ ଇଣ୍ଡିଆର ଲାଭରେ ବଡ଼ ଅଭିବୃଦ୍ଧି ରେକର୍ଡ କରାଯାଇଛି । ୨୦୨୨ ମାର୍ଚ୍ଚ ତ୍ରୈମାସରେ ଶିପିଂ କର୍ପୋରେସନ ଅଫ ଇଣ୍ଡିଆର ମୂଳ ଲାଭ ୭୭.୪୨ ପ୍ରତିଶତ ବୃଦ୍ଧି ସହ ୧୫୨.୧୬ କୋଟି ଟଙ୍କା ହୋଇଛି । ଏହାର ପୂର୍ବ ବର୍ଷ ୨୦୨୧ ମାର୍ଚ୍ଚର ତ୍ରୈମାସରେ ଏହାର ମୂଳ ଲାଭ ୮୫.୭୬ କୋଟି ଟଙ୍କା ରହିଥିଲା । ୨୦୨୧-୨୨ ଆର୍ଥିକ ବର୍ଷରେ ଏସସିଆଇ ୮୬୫.୨୨ କୋଟି ଟଙ୍କା ଏକତ୍ରିତ ଲାଭ କରିଥିଲା । ସେହିପରି ୨୦୨୦-୨୧ରେ ଏହି ସଂଖ୍ୟା ୬୯୬.୯ କୋଟି ଟଙ୍କା ରହିଥିଲା । ୨୦୨୨ର ତ୍ରୈମାସରେ ଏହାର ମୋଟ ଏକତ୍ରିତ ଆୟ ବୃଦ୍ଧି ପାଇ ୧,୩୬୪.୬୨ କୋଟିରେ ପହଞ୍ଚିଥିଲା । ଏହାର ପୂର୍ବ ବର୍ଷ ସମାନ ଅବଧିରେ ଏହି ସଂଖ୍ୟା ୯୦୦.୭୩ କୋଟି ଟଙ୍କା ରହିଥିଲା । ଚଳିତ ତ୍ରୈମାସରେ ଏହାର ମୋଟ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇ ୧,୨୨୩.୭୬ କୋଟିରେ ପହଞ୍ଚିଛି ଯାହା ପୂର୍ବ ବର୍ଷ ୮୩୮.୫୭ କୋଟି ଟଙ୍କା ଥିଲା ।



# ପ୍ରତିଦିନ ଲଗାନ୍ତୁ ନଡିଆ ତେଲ

ନଡ଼ିଆ ତେଲ ପ୍ରତି ଘରେ ସହଜରେ ମିଳିଥାଏ । ଏହି ତେଲ ସାଧାରଣତଃ ଚୁଟିର ସ୍ୱାସ୍ଥ୍ୟରକ୍ଷା ନିମନ୍ତେ କାମକୁ ଆସିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ନଡ଼ିଆ ତେଲ ଶରୀର ପାଇଁ ମଧ୍ୟ ଲାଭଦାୟକ । ଆମ ଶରୀରର ଅନେକ ସମସ୍ୟାରୁ ଆମେ ନଡ଼ିଆ ତେଲ ଦ୍ୱାରା ମୁକ୍ତି ପାଇପାରିବା । ଆଜି ଆମେ ଶରୀରର ୨ଟି ଅଙ୍ଗ ବିଷୟରେ ଜାଣିବା ଯେଉଁଠାରେ ନଡ଼ିଆ ତେଲ ଲଗାଇଲେ ପ୍ରତିଦିନ ରାତିରେ ଓଠରେ ନଡ଼ିଆ ତେଲ ଲଗାଇଲେ ଓଠ ନରମ ଏବଂ ମୁଲାୟମ ହୋଇଥାଏ । ଓଠ ଫାଟିବା ସମସ୍ୟା ମଧ୍ୟ ଦୂର ହୋଇଯାଇଥାଏ । ରାତିରେ ଶୋଇବା ଆଗରୁ ତ୍ୱଚାରେ ନଡ଼ିଆ ତେଲ ଲଗାଇଲେ ତ୍ୱଚା ଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିବ । ଆଖି ଚାରିପଟେ କଳାଦାଗ, ବ୍ରଣ ସମସ୍ୟା,ଚିହ୍ନ ଏବଂ କଳା ଦାଗ ଆଦି ସମସ୍ୟାରୁ ମଧ୍ୟ ନଡ଼ିଆ ତେଲ ଲଗାଇଲେ ମୁକ୍ତି ମିଳିବ ।



# ତ୍ୱଚା ପାଇଁ ଲାଭଦାୟକ ଘିଅ

ଶୁଦ୍ଧ ଦେଶୀ ଘିଅ ଅନେକ ଲାଭଦାୟକ,ଏଥରେ ତିଳେମାତ୍ର ସନ୍ଦେହ ନାହିଁ । କିନ୍ତୁ ଯଦି ଆପଣ ଘିଅ ଖାଆନ୍ତି ନାହିଁ କିମ୍ବା ଆପଣ ଏହାର ବାସ୍ନାକୁ ପସନ୍ଦ କରନ୍ତି ନାହିଁ ତେବେ ଆପଣଙ୍କୁ ଏହି ଅଭ୍ୟାସ ବଦଳିବାକୁ ପଡ଼ିବ । ଘିଅ କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ଏହା ତ୍ୱଚା ପାଇଁ ମଧ୍ୟ ଲାଭଦାୟକ । ଆସନ୍ତୁ ଜାଣିବା ଘିଅ ତ୍ୱଚା ପାଇଁ କେତେ ଲାଭଦାୟକ । ୧.ଶୁଷ୍କ ତ୍ୱଚାକୁ ଦୂର କରିଥାଏ : ଘିଅ ଆପଣଙ୍କ ତ୍ୱଚାର ଶୁଷ୍କପଣକୁ ଦୂର କରିଥାଏ । କିଛି ବୁନ୍ଦା ଘିଅକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ ଏହାକୁ ଭଲଭାବରେ ମସାଜ କରନ୍ତୁ । ଏହାଦ୍ୱାରା ଆପଣଙ୍କ ମୁହଁରେ ଶୁଷ୍କପଣ ଦୂର ହୋଇ ତ୍ୱଚାରେ ଚମକ ଆସିବ । ୨.ଚର୍ମ କୁଞ୍ଚନ ଦୂର ହୋଇଥାଏ: ଯଦି ଆପଣ ଚର୍ମକୁଞ୍ଚନ ସମସ୍ୟା ଭୋଗୁଛନ୍ତି ତେବେ ଘିଅ ଆପଣଙ୍କ କାମରେ ଆସିବ । ଘିଅରେ ଭିଟାମିନ୍ ଇ ରହିଥାଏ ଏବଂ ଏହା ଆଣ୍ଟି ଏଜିଙ୍ଗ୍ ହୋଇଥାଏ । ଯଦି ଆପଣ ନିୟମିତ ଘିଅକୁ ଖାଦ୍ୟରେ ସାମିଲ କରିବେ ତେବେ ଆପଣଙ୍କ ତ୍ୱଚାରେ ଚର୍ମକୁଞ୍ଚନ ସମସ୍ୟା ଦେଖାଯିବ ନାହିଁ । ୩.ଗାଧୋଇବା ପରେ ବ୍ୟବହାର କରନ୍ତୁ: ଯଦି ଆପଣ ଗାଧୋଇବା ପରେ ତେଲ ଲଗାଉଥାନ୍ତି ତେବେ ଏହା ବଦଳରେ ଘିଅ ଲଗାନ୍ତୁ । ଏଥିପାଇଁ ୫ଚାମଚ ଘିଅକୁ ଏସେନ୍ସିଆଲ ତେଲର ୧୦ବୁନ୍ଦାରେ ମିଶାଇ ଏହାକୁ ଗାଧୋଇବା ପରେ ପ୍ରତିଦିନ ନିଜ ତ୍ୱଚାରେ ଲଗାନ୍ତୁ । ଏହାପରେ ଅନୁଭବ କରିବେ ଆପଣଙ୍କ ତ୍ୱଚା କେତେ ନରମ ଏବଂ ମୁଲାୟମ ଲାଗିବ । ୪.ଆଖିର ଥକାପଣ ହେବ ଦୂର : ଯଦି ଆପଣଙ୍କ ଆଖି ସବୁବେଳେ କ୍ଳାନ୍ତ ଲାଗୁଥାଏ ତେବେ ଆପଣଙ୍କ ଘିଅ ଡବାରୁ ଘିଅ କାଢ଼ି ଆଖି ଚାରିପଟେ ଲଗାନ୍ତୁ । କିନ୍ତୁ ଧ୍ୟାନ ରଖନ୍ତୁ ଏହା ଯେପରି ଆପଣଙ୍କ ଆଖି ଭିତରକୁ ନ ଯାଏ । ଆଖି ଚାରିପଟେ ଧୀରେ ଧୀରେ ମସାଜ କଲେ ଆପଣ ଫରକ ଅନୁଭବ କରିବେ । ୫.ନରମ ଓଠ ପାଇଁ ଲାଭଦାୟକ: ଶୀତଦିନେ ଓଠକୁ ନରମ ଏବଂ ମୁଲାୟମ ରଖିବା ପାଇଁ ଘିଅ ଉପଯୋଗୀ ହୋଇଥାଏ । ଓଠରେ ନିୟମିତ ଘିଅ ଲଗାଇବା ଦ୍ୱାରା ଏହା ଚିକଟିକ୍ ମଧ୍ୟ କରିଥାଏ ।



# ଯଦି କେହି ବିଷ ପିଇ ଥିଲେ କରିବେ କଣ ?

ଯଦି କେଣସି ବ୍ୟକ୍ତି ବିଷ ପିଇଛନ୍ତି ତେବେ କରନ୍ତୁ ଏହି କାମ ଜୀବନ ଚାଲିଯାଉଥିବା ବ୍ୟକ୍ତିଙ୍କ ଜୀବନ ବଂଚାଇ ଦେବା ଲୋକଟି ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଲୋକ ପାଇଁ ଭଗବାନ ହୋଇଥାଏ । ବହୁତ ଥର ଏପରି ହୋଇଥାଏ ଯେ ଆମ ସାମନାରେ କାହାର ଜୀବନ ଚାଲିଯାଏ, କିନ୍ତୁ ଆମେ କିଛି କରିପାରିନଥାଉ । କେତେକ ବ୍ୟକ୍ତି ନିଜ ଦୁର୍ବଳ ମାନସିକତା ଆତ୍ମହତ୍ୟା କରିବା ପାଇଁ ବିଷ ପିଇ ଦେଇଥାନ୍ତି । ହେଲେ ବିଷ ପିଇଥିବା ଲୋକଟିକୁ ସହଜରେ ବଂଚାଯାଇପାରିବ । ଆଜି ଆମେ ଏହାର କେତେକ ଉପାୟ ବିଷୟରେ କହୁଛୁ । ଜାଣିବା ପାଇଁ ପୁରା ରିପୋର୍ଟ ପଢନ୍ତୁ- ଅଧିକାଂଶ କ୍ଷେତ୍ରରେ ବିଷ ପିଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ଆଗରୁ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥାଏ । ଏ କ୍ଷେତ୍ରରେ ଯଦି ଆମେ କିଛି ଘରୋଇ ଉପାୟ ଅବଲମ୍ବନ କରିବା ତେବେ ସେହି ବ୍ୟକ୍ତିଙ୍କ ଜୀବନ ବଞ୍ଚାଇପାରିବା । ଯଦି ଆପଣଙ୍କ ସାମନାରେ କେ ?ାଣସି ବ୍ୟକ୍ତି ବିଷ ପିଇଥାନ୍ତି ତେବେ ତାଙ୍କୁ ପ୍ରଥମେ ବାନ୍ତି କରାଇବା ଅତ୍ୟନ୍ତ ଆବଶ୍ୟକ । ଏଥିପାଇଁ ସୋରିଷକୁ ବାଟି ଏହାକୁ ପାଣିରେ ମିଶାଇ ତାଙ୍କୁ ପିଆଇଦିଅନ୍ତୁ । ଯାହା ଦ୍ୱାରା ତୁରନ୍ତ ତାଙ୍କର ବାନ୍ତି ହୋଇ ବିଷ ବାହାରିଯିବ । ଏହା ବ୍ୟତୀତ ଲୁଣପାଣି ମଧ୍ୟ ବାନ୍ତି ହେବା ପାଇଁ ସର୍ବୋତ୍କୃଷ୍ଟ ଉପାୟ । ଲୁଣପାଣି ପିଇଲେ ମଧ୍ୟ ବ୍ୟକ୍ତିର ବାନ୍ତି ହୋଇ ବିଷ ବାହାରିଯାଇଥାଏ ଏବଂ ତାଙ୍କ ଜୀବନ ବଞ୍ଚିଯାଇଥାଏ । ଏସବୁ ପ୍ରୟୋଗ କଲେ ମଧ୍ୟ ବ୍ୟକ୍ତିଙ୍କୁ ହସ୍ପିଟାଲ ନେଇ ଯିବା ଅତ୍ୟନ୍ତ ଆବଶ୍ୟକ ।




# ଆଜିର ରାଶିଫଳ

**ମେଷ** - କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିଦ୍ୟାର୍ଥୀମାନେ ଅମନଯୋଗୀ ହେବେ । ବ୍ୟବସାୟରେ ଆୟ ଭଲ ରହିବ । ପରିବାରରେ ଅଶାନ୍ତି ଲାଗି ରହିବ । ପଡ଼ୋଶୀମାନେ କଳହ କରିବସିବେ ।

**ବୃଷ** - ଆଚରଣ କରିବେ । ଶାରୀରିକ କଷ୍ଟ ପାଇବେ । ପିତୃ ସମ୍ପତ୍ତି ପାଇଁ ଭ୍ରାତୃବିବାଦ ହେବ । ମହିଳା ଓ ବିଦ୍ୟାର୍ଥୀମାନେ ଶିବ ଉପାସନା କରନ୍ତୁ, ସଫଳ ହେବେ । ପାରବାରିକ ସମ୍ପର୍କ ଅତୁଟ ରହିବ

**ମିଥୁନ** - ଆପଣଙ୍କର ବହୁ ପୁରୁଣା ବିବାଦର ସମାଧାନ ହେବ । କୌଣସି ଖୁସି ଖବର ପାଇ ଆନନ୍ଦିତ ରହିବେ । ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ଦୂରଯାତ୍ରା ଯୋଗ ରହିଛି ।

**କର୍କଟ** - ବୃଥାକାର୍ଯ୍ୟରେ ମନୋନିବେଶ କରି ହଇରାଣରେ ପଡ଼ିବେ । ସନ୍ତାନସନ୍ତତିଙ୍କ ଚିନ୍ତା ଘାରି ଗୃହରେ ଆକସ୍ମିକ କଳହ ଲାଗିପାରେ । ହଠାତ୍ ଗୁରୁତପୂର୍ଣ୍ଣ ନିଷ୍ପତ୍ତି ନେବା ଉଚିତ୍ ନୁହେଁ ।

**ସିଂହ** - ଅଦୂରଯାତ୍ରା ହେବା ସମ୍ଭାବନା ରହିଛି । ବ୍ୟବସାୟରେ ଅଳ୍ପ ଲାଭ ହେବ । ଭୂସମ୍ପତ୍ତି ପାଇ ଖୁସି ହେବେ । ପରିବାରରେ ଶାନ୍ତି ଦେଖାଦେବ । ମହିଳା ଓ ବିଦ୍ୟାର୍ଥୀମାନେ ଗବେଷଣା କରି ବେ ।

**କନ୍ୟା** - ସାମାନ୍ୟ ଶାରୀରିକ କ୍ଲେଶ ଭୋଗିବେ । ପରିବାରରେ ଅଶାନ୍ତି ଲାଗିରହିବ । ଆୟଠାରୁ ବ୍ୟୟ ଅଧିକ ହେବ । କର୍ମକ୍ଷେତ୍ରରେ ସମ୍ମାନିତ ହେବେ । ମହିଳାମାନଙ୍କ ପାଇଁ ସରକାରୀ ପାଇବେ ।

**ତୁଳା** - ବ୍ୟବସାୟରେ ଗଣ୍ଡଗୋଳ ଲାଗିରହିପାରେ । ଶତ୍ରୁମାନେ ଆପଣଙ୍କୁ ହଇରାଣ କରିପାରନ୍ତି, ସେଥିପାଇଁ ସତର୍କତା ଅବଲମ୍ବନ କରନ୍ତୁ । ଚାପରେ ରହିବେ । ଛାତ୍ରଛାତ୍ରୀ ସଫଳ ପାଇବେ ।

**ବିଛା** - ବ୍ୟବସାୟରେ ଆପଣ ଉନ୍ନତି କରିବେ । ପୁରାତନ ବିବାଦର ସମାଧାନ ହେବ । ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳତାର ସହ ସମ୍ପାଦନ ହୋଇପାରେ । ଶାରୀରିକ ପୀଡ଼ା ପାଇବେ ।

**ଧନୁ** - ଶରୀର ପ୍ରତି ଯତ୍ନବାନ୍ ହେବେ । ପୈତୃକ ସମ୍ପତ୍ତିପାଇଁ ଭ୍ରାତୃବିବାଦ ଲାଗିରହିବ । ବ୍ୟବସାୟରେ ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ଶାରୀରିକ ପୀଡ଼ା ଅନୁଭବ ହେବ ।

**ମକର** - ବ୍ୟବସାୟରେ ଉନ୍ନତି ଆସିବ । ଆର୍ଥିକ ଅବସ୍ଥା ସଚ୍ଛଳ ରହିପାରେ । ପାରିବାରିକ ଶାନ୍ତି ମିଳିବ । ମାଲିମୋକଦ୍ଦମାରେ ବିଜୟୀ ହେବେ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ ।

**କୁମ୍ଭ** - ଆର୍ଥିକ ଚିନ୍ତା ଲାଗିରହିବ । ଚାକିରିରେ କାର୍ଯ୍ୟଲାଭ ରହିବ । ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ । ବ୍ୟବସାୟ ଓ ବାଣିଜ୍ୟରେ ଶିଥିଳତା ରହିବ ।

**ମୀନ** - ଦିନଟି ପ୍ରସନ୍ନତା ଭିତରେ କଟିବ । ସାଂସାରିକ ସମ୍ପର୍କରେ ଉତ୍ତମ ବୁଝାମଣା ରହିବ । ରାଜନୀତିରେ ପ୍ରସିଦ୍ଧି ପାଇବେ । ପରିବହନ, ଶିଳ୍ପ ଓ ବାଣିଜ୍ୟରେ ଲାଭ ପାଇବେ ।

# ଆଠ ବୟସରେ ବିବାହ , ଏବେ ଡାକ୍ତର

ଇଚ୍ଛା ଥିଲେ ଉପାୟ ଆପେ ଆପେ ଚାଲିଆସେ । କଠିନ ପରିଶ୍ରମ ଦ୍ୱାରା ଯେକୌଣସି ଅସହଜ କାମ ସମ୍ଭବ କରିହୁଏ ।ସେମିତି ଏକ ଇଚ୍ଛା ଥିଲା ରୁପା ଯାଦବଙ୍କର । ବାଲ୍ୟ ବିବାହ କରିଥିବା ରୁପା ଆଜି ଜଣେ ଡାକ୍ତର । ରୁପା ୮ ବର୍ଷ ବୟସରେ ବିବାହ କରିଥିଲେ । ବିଲରେ କାମ କରି ସ୍ୱାମୀଙ୍କୁ ସାହାଯ୍ୟ କରୁଥିଲେ । କିନ୍ତୁ ପିଲାଦିନୁ ଦେଖିଥିଲେ ବଡ ସ୍ୱପ୍ନ । କଠିନ ପରିଶ୍ରମ ଦ୍ୱାରା ସେ ନିଟ୍ ରେ ହୋଇଛନ୍ତି କୃତକାର୍ଯ୍ୟ । ବାଳିକା ବଧୂ ଡାକ୍ତରାଣୀ ମ୍ୟାଡମ୍‌ହୋଇ ସୃଷ୍ଟି କରିଛନ୍ତି ଉଦାହରଣ । ପିଲାଦିନେ ସମସ୍ତଙ୍କର ଇଚ୍ଛା ଥାଏ, ବଡ ହେଲେ ଇଞ୍ଜିନିୟର ହେବି ନହେଲେ ଡାକ୍ତର । ସେମିତି କିଛି ଇଚ୍ଛା ରଖିଥିଲେ ଜୟପୁରର କରେରି ରୁପା ଯାଦବ । ଚାଷୀ ପରିବାରରେ ତାଙ୍କ ଜନ୍ମ । ବାପା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ । ପିଲାଦିନୁ ଜଣେ ମେଧାବୀ ଛାତ୍ରୀ ଥିଲେ ରୁପା । ବଡ ହୋଇ ଜଣେ ଡାକ୍ତର ହେବାକୁ ଚାହୁଁଥିଲେ । କିନ୍ତୁ ତାଙ୍କ ପଢା ଖର୍ଚ୍ଚ ଉଠାଇବା ପାଇଁ ଆର୍ଥିକ ସ୍ଥରରେ ସଚ୍ଛଳ ନଥିଲେ ବାପା । ମାତ୍ର ୮ ବର୍ଷ ବୟସରେ ତାଙ୍କର ବାହାଘର ହୋଇଗଲା । ପାଖ ଗାଁର ଶଙ୍କର ଲାଲ୍‌ଙ୍କୁ ସେ ବିବାହ କଲେ । ବାହାଘର ପରେ ମଧ୍ୟ ରୁପା ପାଠ ପଢା ଜାରି ରଖିଥିଲେ । ୧୦ମରେ ସେ ୮୪% ରଖି ଉତ୍ତିର୍ଣ୍ଣ ହେଲେ । ରୁପାଙ୍କ ମାର୍କ ଦେଖି ଗାଁ ଲୋକେ ତାଙ୍କୁ ଅଧିକ ପଢିବାର ସୁଯୋଗ ଦେବାକୁ ତାଙ୍କ ଶାସୁଘର ଲୋକଙ୍କୁ ପରାମର୍ଶ ଦେଲେ । ଏହାପରେ ରୁପା ବିଲ କାମ କରିବା ସହ ଆଗକୁ ପାଟ ପଢା ଜାରି ରଖିଲେ । ବିଏସ୍‌ସିରେ ଭଲ ମାର୍କ ରଖି କୃତକାର୍ଯ୍ୟ ହେବା ପରେ ରୁପାଙ୍କ ସ୍ୱାମୀ ତାଙ୍କୁ କୋଟା ପଠାଇ ମେଡିକାଲ କୋଚିଂ ଦେଲେ । ୨୦୧୭ରେ ସେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ଦୀର୍ଘ ଦିନର ପରିଶ୍ରମ ସଫଳତା ସରୁପ ରୁପାଙ୍କ ଜୀବନକୁ ଆସିଲା । ରୁପାଙ୍କ ପ୍ରତିଭା ସେଦିନ ସୁନା ପରି ଚମକୁଥିଲା । କାରଣ ବାଳିକା ବଧୂକୁ ମିଳିସାରିଥିଲା ବଡ ସଫଳତା ।



# ଫିଟିକିରିରେ ରହିଛି ଔଷଧୀୟ ଗୁଣ

ଫିଟକିରି ଖାଇବା ଜିନିଷ ପ୍ରସ୍ତୁତ କରିବା ନିମନ୍ତେ ଏବଂ ଅନ୍ୟାନ୍ୟ ଜିନିଷ ପାଇଁ ବହୁତ ଦିନ ଆଗରୁ ବ୍ୟବହୃତ ହୋଇ ଆସୁଅଛି । ଫିଟକିରିର ଅନେକ ଲାଭଦାୟକ ଗୁଣ ରହିଛି କିନ୍ତୁ ସାଧାରଣ ଲୋକେ ଏହାର ଗୁଣ ବିଷୟରେ ଜାଣିନଥିବାରୁ ଏହାର ଫାଇଦା ଉଠାଇପାରନ୍ତି ନାହିଁ । ଆଜି ଆମେ ଜାଣିବା ଫିଟକିରିର ଲାଭଦାୟକ ଗୁଣ ବିଷୟରେ ଫିଟକିରିରେ ପ୍ରଚୁର ପରିମାଣରେ ଲୋହ ତତ୍ତ୍ୱ ରହିଛି । ଫିଟକିରିରେ ଥିବା ଉପାଦାନର ପ୍ରୟୋଗ ଷ୍ଟାର୍ଚ ନିର୍ଗତ କରିବା ପାଇଁ ମଧ୍ୟ କରାଯାଇଥାଏ । ଅଧିକାଂଶ ସମୟ ଆମେ ସାବଧାନତା ଅବଲମ୍ବନ କରିଥିଲେ ମଧ୍ୟ ଆମକୁ ଆଘାତ ଲାଗିଥାଏ ଏବଂ ଗଭୀର ଆଘାତ ଲାଗିଥିଲେ ରକ୍ତ ବୋହିବା ଆରମ୍ଭ ହୋଇଯାଇଥାଏ । ଯଦି ରକ୍ତ ବେଶୀ ବୋହିଯାଇଥିବ ତେବେ ବ୍ୟକ୍ତିର ଜୀବନ ମଧ୍ୟ ଚାଲିଯାଇପାରେ ଏବଂ ଏହି କଥା ସମସ୍ତଙ୍କର ଜାଣି ରଖିବା ଅତ୍ୟନ୍ତ ଆବଶ୍ୟକ । ଫିଟକିରିକୁ ଆଘାତ ଲାଗିଥିବା ସ୍ଥାନରେ ଘଷିଲେ ସହଜରେ ରକ୍ତ ବୋହିବା ବନ୍ଦ ହୋଇଯିବ । ଏହି ଫିଟକିରି ଲେହ ଜମାଟ କରିବାରେ ସାହାଯ୍ୟ କରିଥାଏ । ମୁହଁରେ କଳାଦାଗ ସମସ୍ୟା ଥିଲେ ଏହା ସମସ୍ତଙ୍କ ଚିନ୍ତାର କାରଣ ହୋଇଥାଏ । ସମସ୍ତେ ଚାହାନ୍ତି ତାଙ୍କ ମୁହଁରେ କେ ?ାଣସି ଚିହ୍ନ ବା ଦାଗ ନ ରହୁ କିନ୍ତୁ ବୟସାଧିକ୍ୟ ଯୋଗୁଁ ମୁହଁରେ ଦାଗ ଜଣା ପଡ଼ିଥାଏ । ଏହାକୁ ଦୂର କରିବା ପାଇଁ ଆପଣ ଫିଟକିରି ବ୍ୟବହାର କରିପାରିବେ । ଏଥିପାଇଁ ଆପଣ କେବଳ ସେହି ସ୍ଥାନରେ ଫିଟକିରିକୁ ଘଷିବେ ।



# ମୋମୋ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ତେଲ, ଲୁଣ, ବନ୍ଧାକୋବି, କଟା ପିଆଜ, ଅଦା, କଞ୍ଚା ଲଙ୍କା, ଜିରାଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କିଛି ଅଟା ନିଅନ୍ତୁ । ସେଥିରେ ତେଲ ଓ ଲୁଣ ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ପରେ ତାକୁ କିଛି ସମୟ ପାଇଁ ଢ଼ାଙ୍କି ରଖି ଦିଅନ୍ତୁ । ପରେ ଏକ ବନ୍ଧାକୋବିକୁ ଛୋଟ ଛୋଟ କରି କାଟି ଏକ ପାତ୍ରରେ ରଖନ୍ତୁ । ତା'ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ । ପିଆଜ ଲାଲ ହେବା ପରେ ସେଥିରେ ଛେଚା ଅଦା, କଞ୍ଚା ଲଙ୍କା ପକାଇ ଭାଜନ୍ତୁ । ପରେ କାଟି ରଖିଥିବା ବନ୍ଧା କୋବିକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ । ତା'ପରେ ସ୍ୱାଦ ଅନୁସାରେ ଲୁଣ ପକାଇ କିଛି ସମୟ ପାଇଁ ଢ଼ାଙ୍କି ଦିଅନ୍ତୁ । ପରେ ସେଥିରେ ଜିରାଗୁଣ୍ଡ, ଲଙ୍କା ଗୁଣ୍ଡ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ । କିଛି ସମୟ ପରେ ଥଣ୍ଡା ହେବାପାଇଁ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ତା'ପରେ ଚକଟି ରଖିଥିବା ଅଟାରେ ମସଲା ଦେଇ ପରଟା ପରି ବେଲନ୍ତୁ । ଏହାପରେ ତାୱା ଗରମ କରନ୍ତୁ । ତାୱା ଗରମ ହେବା ପରେ ବେଲି ରଖିଥିବା ପରଟାକୁ ସେଥିରେ ପକାନ୍ତୁ । ସେଥିରେ ତେଲ ପକାଇ ପରଟାକୁ ଦୁଇ ପାର୍ଶ୍ୱକୁ ଭଲ ଭାବରେ ଓଲଟାଇ ଦିଅନ୍ତୁ । ପରଟାର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମୋମୋ ପରଟା । ଏହାକୁ ଆପଣଙ୍କ ଟମାଟୋ ଚଟଣି ସହ ଖାଇପାରିବେ ।

## ଫିଲ୍ମ ଟକ୍

# କରଣଙ୍କୁ ଲାଇକ୍ କରନ୍ତିନି କଙ୍ଗନା

ବଲିଉଡ ଇଣ୍ଡଷ୍ଟ୍ରିର ପଙ୍ଗା କ୍ୱିନ୍ କଙ୍ଗନା ରଣାଓ୍ୱତ୍ । ସେ ନିଜ ମନ୍ତବ୍ୟ ଓ ଷ୍ଟାଇଲ୍ ପାଇଁ ବେଶ୍‌ଜଣାଶୁଣା । ବଲିଉଡ ଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ କଙ୍ଗନା ଖୋଲାଖୋଲି ଭାବରେ ନିଜର ମତ ପ୍ରକାଶ କରିଛନ୍ତି । ତାଙ୍କର ବକ୍ତବ୍ୟ ବେଳେବେଳେ ତାଙ୍କ ପାଇଁ ଏକ ସମସ୍ୟା ହୋଇଯାଏ । ଏହି ସମୟରେ, ସେ ଅନ୍ୟ କଳାକାରମାନଙ୍କ ସହିତ ଯୁକ୍ତିତର୍କ ମଧ୍ୟ କରନ୍ତି । ନିକଟରେ, ଯେତେବେଳେ କଙ୍ଗନାଙ୍କୁ ଏକ ଇଭେଣ୍ଟରେ ପଚରାଯାଇଥିଲା ଯେ ସେ କରଣ ଜୋହରଙ୍କ ସହ କାହିଁକି ବିରକ୍ତ ହୁଅନ୍ତି । ଚାଲନ୍ତୁ ଜାଣିବା ଅଭିନେତ୍ରୀ କ'ଣ କହିଲେ କଙ୍ଗନା ସର୍ବଦା ବଲିଉଡ ଇଣ୍ଡଷ୍ଟ୍ରିକୁ ଆତ୍ମୀୟତା ଉପରେ ପ୍ରଶ୍ନ କରନ୍ତି । ଯେତେବେଳେ ଅଭିନେତ୍ରୀଙ୍କୁ ପଚରାଗଲା ଯେ ସେ ଜାଭେଦ ଅଖତର, ଉଦ୍ଧବ ଠାକରେ ଏବଂ କରଣ ଜୋହରଙ୍କ ବିରୋଧରେ କାହିଁକି କହୁଛନ୍ତି । ସେହି ସମୟରେ କଙ୍ଗନା କହିଥିଲେ ଯେ 'ମୁଁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ କଥାବାର୍ତ୍ତା କରେ ନାହିଁ, ମୁଁ ସିଷ୍ଟମ ବିରୁଦ୍ଧରେ କହୁଛି' । ଯେ 'ଦେଶର ଜନସଂଖ୍ୟା ବହୁତ ଅଧିକ ଏବଂ ସୋସିଆଲ ମିଡିଆରେ ବହୁତ କମ୍ ଲୋକ ଅଛନ୍ତି । ସେଥିପାଇଁ ଏହାର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡେ ନାହିଁ । ଅଭିନେତ୍ରୀ ଆହୁରି କହିଛନ୍ତି ଯେ ଯେତେବେଳେ ମୁଁ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କଲି, ମୁଁ ଇଂରାଜୀ ଜାଣି ନଥିଲି । ତାଙ୍କୁ ପରିହାସ କରାଯାଇଥିଲା । ଫିଲ୍ମ ବ୍ୟାକ୍‌ଗ୍ରାଉଣ୍ଡ ନହେବାର ଅର୍ଥ ନୁହେଁ ଯେ ଆପଣଙ୍କର କୌଣସି ବ୍ୟାକ୍‌ଗ୍ରାଉଣ୍ଡ ନାହିଁ ।



# କଂଗ୍ରେସ ପାଇଁ ବିଚିତ୍ର ସ୍ଥିତି: ବିଜୟ ପରେ ବି ଅଡୁଆ

ନୂଆଦିଲ୍ଲୀ: କେନ୍ଦ୍ରରେ କ୍ଷମତାରୁ ଗଲା ପରେ କଂଗ୍ରେସ ପାଇଁ ଦିନକୁ ଦିନ ଅଡୁଆ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି । କେନ୍ଦ୍ରେର କିଛି ନେତା ହାଇକମାଣ୍ଡଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିବା ବେଳେ ରାଜ୍ୟରେ ଦଳୀୟ ନେତାମାନେ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହାନ୍ତି । ରାଜ୍ୟ ବିଧାନସଭା ନିର୍ବାଚନ ଜିତିବା ନିଶ୍ଚିତ ରୂପେ ଖୁସିର କଥା । କିନ୍ତୁ କଂଗ୍ରେସ ପାଇଁ ଏହା ଅଧିକ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି । କାରଣ ମୁଖ୍ୟମନ୍ତ୍ରୀ ପଦ ପାଇଁ ଏକାଧିକ ନେତା ଦାବିଦାର ହେଇଯାଉଛନ୍ତି । ଏବେ କର୍ଣ୍ଣାଟକରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ତାହା କଂଗ୍ରେସ ପାଇଁ ନୂଆ ନୁହେଁ । ଏହାପୂର୍ବରୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଏବଂ ପଞ୍ଜାବରେ ମଧ୍ୟ ଏଭଳି ସୃଷ୍ଟି ହୋଇଥିଲା । ୨୦୧୮ରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ବିଧାନସଭା ନିର୍ବାଚନ ହୋଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ପଦ ଲାଗି ଏକାଧିକ ନେତା ଆଶାୟୀ ହୋଇପଡ଼ିଥିଲେ । ମଧ୍ୟପ୍ରଦେଶରେ କମଲନାଥ ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ଲଢ଼ିଥିଲା । ଜିତିବା ପରେ ଉଭୟ ନେତା ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି ଜଣାଇଲେ । ଶେଷରେ କମଲନାଥ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହାକୁ ନେଇ ଅସନ୍ତୁଷ୍ଟ ଥିବା



ସିନ୍ଧିଆ ବିଦ୍ରୋହ କରିବାରୁ ୨୦୨୦ରେ କମଲନାଥ ସରକାର କ୍ଷମତାଚ୍ୟୁତ ହୋଇଥିଲା । ସିନ୍ଧିଆ ତାଙ୍କୁ ସମର୍ଥନ କରୁଥିବା ବିଧାୟକମାନଙ୍କୁ ନେଇ ବିଜେପିରେ ଯୋଗ ଦେଇଥିଲେ । ଅସନ୍ତୋଷ ଯୋଗୁଁ କମଳନାଥ ମାତ୍ର ୧୫ ମାସ ଲାଗି ମୁଖ୍ୟମନ୍ତ୍ରୀ ରହିଥିଲେ । ସେଠାରେ ବିଜେପି ସରକାର ଗଢ଼ିଲା । ବିଦ୍ରୋହୀ ନେତା ସିନ୍ଧିଆ ଏବେ କେନ୍ଦ୍ର ମନ୍ତ୍ରୀ । ସେହିଭଳି ରାଜସ୍ଥାନରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ସଚିନ ପାଇଲଟଙ୍କ ନେତୃତ୍ୱରେ କଂଗ୍ରେସ ବିଧାନସଭା ନିର୍ବାଚନ ଜିତିଥିଲା । କିନ୍ତୁ ଅଶୋକ ଗେହଲଟ ମୁଖ୍ୟମନ୍ତ୍ରୀ ହେଲେ । ଏହାକୁ ନେଇ ଅସନ୍ତୁଷ୍ଟ ଥିବା ପାଇଲଟଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିଲା । ମଧ୍ୟ ପ୍ରଦେଶରେ ସିନ୍ଧିଆଙ୍କ ଭଳି ପାଇଲଟ ମଧ୍ୟ ୨୦୨୦ରେ ବିଦ୍ରୋହ କଲେ । ତଥାପି ରାଜ୍ୟରେ କଂଗ୍ରେସ ପାଇଁ ପରିସ୍ଥିତି ଏବେ ବି ସ୍ୱାଭାବିକ ହୋଇନାହିଁ । କଂଗ୍ରେସ ସରକାରକୁ ଅଡୁଆରେ ପକାଇବା ଲାଗି ପାଇଲଟ କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି । ଛତିଶଗଡ଼ ବିଧାନସଭା ନିର୍ବାଚନ ପରେ ମଧ୍ୟ କଂଗ୍ରେସ ପାଇଁ ସମାନ ସମସ୍ୟା ଦେଖାଯାଇଥିଲା । ଦଳର ଦୁଇ ବରିଷ୍ଠ ନେତା ବାଘେଲ ଏବଂ ସିଂହଦେଓ ମୁଖ୍ୟମନ୍ତ୍ରୀ ପଦ ପାଇଁ ଜିଦ ଧରି ବସିଥିଲେ । ତେବେ ବୁଝାମଣା ପେର ବାଘେଲଙ୍କୁ ମିଳିଥିଲା ମୁଖ୍ୟମନ୍ତ୍ରୀ ପଦ । ଯାହାକୁ ନେଇ ସିଂହଦେଓ ଏବେ ବି ଅସନ୍ତୁଷ୍ଟ ଅଛନ୍ତି । ପଞ୍ଜାବରେ କଂଗ୍ରେସ ସରକାର ଥିବା ବେଳେ ଅମରିନ୍ଦର ସିଂହ ଏବଂ ନବଜୋତ ସିଂହ ସିଦ୍ଧୁଙ୍କୁ ନେଇ ଯେଉଁଭଳି କଂଗ୍ରେସରେ ଝଗଡ଼ା ଲାଗିଲା, ତାହା କଂଗ୍ରେସକୁ ରାଜ୍ୟରେ ମୂଳପୋଛ କରିଦେଲା । ଏତେସବୁ ଘଟଣାରୁ ଯାହା ଲାଗୁଛି କଂଗ୍ରେସ ନେତାମାନେ କିଛି ଶିକ୍ଷାଲାଭ କରିବା ସ୍ଥିତିରେ ନାହାନ୍ତି । କର୍ଣ୍ଣାଟକ ନିର୍ବାଚନରେ କଂଗ୍ରେସକୁ ଐତିହାସିକ ସଫଳତା ମିଳିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ଲାଗି ସିଦ୍ଦରମେୟା ଏବଂ ଶିବକୁମାରଙ୍କ ଜିଦ୍ କଂଗ୍ରେସ କର୍ମୀଙ୍କ ଆନନ୍ଦ ଉତ୍ସବକୁ ଫିକା କରିଦେଇଛି । ଶିବ କୁମାର ଏବେ ପିସିସି ସଭାପତି । ତାଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ଜିତିଲା । କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ମୁଖ୍ୟମନ୍ତ୍ରୀ ହେବାକୁ ଜିଦ୍ ଧରିଛନ୍ତି । ଏହା କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଏହାର ସମାଧାନ ସହମତି ଦ୍ୱାରା ନହେଲେ କଂଗ୍ରେସ ହାତରୁ କ୍ଷମତା ଯିବାକୁ ବେଶି ଦିନ ଲାଗିବ ନାହିଁ ।

# ମୋଦି ସରକାରଙ୍କ ନଅ ବର୍ଷ ପୂରଣ ଅବସରରେ ଉଦ୍‌ଘାଟନ ହେବ ନୂଆ ସଂସଦ ଭବନ

ନୂଆଦିଲ୍ଲୀ : ମୋଦି ସରକାରଙ୍କ ନଅ ବର୍ଷ ପୂରଣ ଅବସରରେ ଏକ ଭବ୍ୟ ଆୟୋଜିତ ସହିତ ନୂତନ ସଂସଦ ଗୃହର ଉଦ୍ଘାଟନ ହୋଇପାରେ । କୁହାଯାଉଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ମେ'ର ଶେଷ ସପ୍ତାହରେ ଉଦ୍ଘାଟନ କରିପାରନ୍ତି, ହେଲେ ଏ ପର୍ଯ୍ୟନ୍ତ ସରକାରୀ ଘୋଷଣା କରାଯାଇନାହିଁ । ଏହି ନୂତନ ସଂସଦ ଭବନ ପାଇଁ ମାର୍ଶଲ ଏବଂ କର୍ମଚାରୀଙ୍କ ପାଇଁ ଏକ ନୂଆ ଡ୍ରେସ୍ ରହିବ । ଏହି ନୂତନ ୟୁନିଫର୍ମ ଏନ୍‌ଆଇଏଫଟି ଦ୍ୱାରା ଡିଜାଇନ କରାଯାଇଛି । ଏହା ସହିତ ଏଠାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଚାରି ମହଲା ସଂସଦ ଗୃହରେ ୧୨୨୪ ଏମ୍ପିଙ୍କ ପାଇଁ ଆସନ ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ୧୦ ଡିସେମ୍ବର ୨୦୨୦ରେ ନୂତନ ସଂସଦ ଗୃହର



ମୂଳଦୁଆ ପକାଇଥିଲେ । କେନ୍ଦ୍ର ସରକାର ୨୦୧୯ରେ କେନ୍ଦ୍ରୀୟ ଭିସ୍ତା ପୁନଃ ନିର୍ମାଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ, ଯେଉଁଥିରେ ନୂଆଦିଲ୍ଲୀର ଅନ୍ୟାନ୍ୟ ପ୍ରକଳ୍ପ ସହିତ ଏକ ନୂତନ ସଂସଦ ଭବନ ନିର୍ମାଣ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ନୂତନ ସଂସଦ ଭବନରେ ଲୋକ ସଭା ଚଟାଣର ଯୋଜନା ଜାତୀୟ ପକ୍ଷୀ ମୟୂରର ବିଷୟବସ୍ତୁ ଉପରେ ରଖାଯାଇଛି । ପୁରୁଣା ସଂସଦ ଗୃହଠାରୁ ଏହି ନୂତନ କୋଠାଟି ୧୭ ହଜାର ବର୍ଗ ମିଟର ବଡ଼ ଅଟେ ।

## ନିର୍ମାଣ ହେବ ଲବକୁଶ ମନ୍ଦିର

ଭୋପାଳ : ଚଳିତ ବର୍ଷ ଶେଷ ସୁଦ୍ଧା ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହାପୂର୍ବରୁ କର୍ନାଟକ ନିର୍ବାଚନର ଫଳାଫଳ ବିଜେପିକୁ ସତର୍କ କରାଇ ଦେଇଛି ।ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କୁଶୱାହା ଏବଂ ଜଟ ସମ୍ପ୍ରଦାୟର କଲ୍ୟାଣ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି । ଶିବରାଜ କହିଛନ୍ତି ଲବ ଏବଂ କୁଶ ମନ୍ଦିର୫ କୋଟି ଟଙ୍କାରେ ନିର୍ମାଣ ହେବ । ପ୍ରାପ୍ତ ଏକ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶର କୁଶୱାହା ସମ୍ପ୍ରଦାୟ ପାଇଁ ଏକ ଧର୍ମଶାଳା ନିର୍ମାଣ କରାଯିବ ବୋଲି ଶିବରାଜ କହିଛନ୍ତି । କୁଶୱାହା ଭଗବାନ ରାମଙ୍କ ପରମ୍ପରାରୁ ଆସିଛନ୍ତି । ମେଡ଼ିକାଲ ପଢ଼ିବାକୁ ଚାହୁଁଥିବା ସରକାରୀ ବିଦ୍ୟାଳୟରୁ ଶିକ୍ଷିତ ଛାତ୍ରମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ମେଡିକାଲ କଲେଜଗୁଡ଼ିକରେ ପାଞ୍ଚ ପ୍ରତିଶତ ସଂରକ୍ଷଣ ପାଇବେ ।

## ଡାକ୍ତରଙ୍କୁ ଜେନେରିକ ଔଷଧ ଲେଖିବାକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ : ବର୍ତ୍ତମାନ କେନ୍ଦ୍ର ସରକାର ଜେନେରିକ ଔଷଧ ବ୍ୟବହାରକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏକ ନିର୍ଦ୍ଦେଶ ଜାରି କରି କେନ୍ଦ୍ର ସରକାର ସମସ୍ତ ଡାକ୍ତରଙ୍କୁ ଜେନେରିକ ଔଷଧ ଲେଖିବାକୁ ପରାମର୍ଶ ଦେଇଛନ୍ତି । ସରକାର କହିଛନ୍ତି ଯଦି ଡାକ୍ତରମାନେ ସେମାନଙ୍କ ପ୍ରେସକ୍ରିପଶନରେ ଜେନେରିକ ଔଷଧ ଲେଖନ୍ତି ନାହିଁ, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରିପୋର୍ଟ ଅନୁଯାୟୀ, ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ ଏ ବାବଦରେ ଏକ ନିର୍ଦ୍ଦେଶ ଜାରି କରି ଚେତାବନୀ ଦେଇଛନ୍ତି । ପ୍ରେସକ୍ରିପଶନରେ ଜେନେରିକ ଔଷଧ ଅନ୍ତର୍ଭୁକ୍ତ ନ କରୁଥିବା ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । କ୍ରମରେ କୁହାଯାଇଛି ବ୍ରାଣ୍ଡେଡ ଔଷଧ କେତେକ ଡାକ୍ତରଙ୍କ ଦ୍ୱାରା ଦିଆଯାଉଛି ଯାହା ଠିକ ନୁହେଁ । ରିପୋର୍ଟ ଅନୁଯାୟୀ, ଏହା ବ୍ୟତୀତ ମେଡିକାଲ ପ୍ରତିନିଧୀ (ଏମଆର)ଙ୍କର ଡାକ୍ତରମାନଙ୍କୁ ଭେଟିବା



ପାଇଁ ନୂତନ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରାଯାଇଛି । ଡାକ୍ତର ଅତୁଲ ଗୋୟଲ ତାଙ୍କ ବିଜ୍ଞପ୍ତିରେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି କୌଣସି ପରିସ୍ଥିତିରେ କେବଳ ସେମାନଙ୍କ ପ୍ରେସକ୍ରିପଶନରେ ଜେନେରିକ ଔଷଧ ଲେଖନ୍ତୁ । ସେ ଏହି ନିର୍ଦ୍ଦେଶ ଦେଇଛନ୍ତି କାରଣ ଅନେକ କ୍ଷେତ୍ରରେ କମିଟି ଜାଣିବାକୁ ପାଇଛି କେତେକ ଡାକ୍ତର ଅଛନ୍ତି ଯେଉଁମାନେ ସେମାନଙ୍କ ପ୍ରେସକ୍ରିପଶନରେ ଜେନେରିକ ଔଷଧ ଲେଖୁ ନାହାଁନ୍ତି । ଏଭଳି ପରିସ୍ଥିତିରେ, ଏହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେବା ଆବଶ୍ୟକ ଏବଂ ସ୍ଲିପରେ କେବଳ ଜେନେରିକ ଔଧର ନାମ ଲେଖାଯିବା ଆବଶ୍ୟକ । ପୂର୍ବରୁ ମଧ୍ୟ ଏହିପରି ନିର୍ଦ୍ଦେଶ ଦିଆଯାଇଥିଲା, ତଥାପି କିଛି ଡାକ୍ତର ପ୍ରେସକ୍ରିପଶନରେ ବ୍ରାଣ୍ଡେଡ ଔଷଧ ଲେଖୁଛନ୍ତି । ବାସ୍ତବରେ, ଜେନେରିକ ଔଷଧର ଅଭାବ ମଧ୍ୟ ଡାକ୍ତରଙ୍କ ବ୍ରାଣ୍ଡେଡ ଔଷଧ ଲେଖିବା ପଛର କାରଣ ବୋଲି କୁହାଯାଉଛି । ଅନେକ ସରକାରୀ ଡାକ୍ତରଖାନାରେ ଜେନେରିକ ଔଷଧର ଅଭାବ ମାମଲା ମଧ୍ୟ ସାମ୍ନାକୁ ଆସିଛି ।

## ଔଷଧ ରପ୍ତାନୀ ପୂର୍ବରୁ ହେବ ଗୁଣବତ୍ତା ଯାଞ୍ଚ୍

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଫାର୍ମାସ୍ୟୁଟିକାଲ୍ସ ବିଭାଗ ଏକ ନୂତନ ନୀତି ଆପଣାଇଛନ୍ତି । ଏହି ନୀତିରେ ମହାନିର୍ଦ୍ଦେଶକ ବୈଦେଶିକ ବାଣିଜ୍ୟକୁ ମଧ୍ୟ ଯୋଗାଯୋଗ କରାଯାଇଛି ଏବଂ ସେମାନଙ୍କଠାରୁ ପରାମର୍ଶ ନିଆଯାଇଛି । ବିଦେଶକୁ ଔଷଧ ପଠାଇବା ପୂର୍ବରୁ ଆଞ୍ଚଳିକ କିମ୍ବା କେନ୍ଦ୍ରୀୟ ଔଷଧ ପରୀକ୍ଷା ଲ୍ୟାବରେ ଏସବୁ ଔଷଧର ଗୁଣବତ୍ତା ପରୀକ୍ଷା କରାଯିବ । ଏହାକୁ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଭାବରେ ବିଚାର କରାଯାଉଛି । ଗାମ୍ବିଆ, ଉଜବେକିସ୍ତାନ, ଆମେରିକା ଭଳି ଦେଶରେ ଭାରତୀୟ ଔଷଧ ଉପରେ ପ୍ରଶ୍ନ ଉଠିବା ପରେ ନୂତନ ନୀତି ଗୁରୁତର ସହ ବିଚାର କରାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ, ରପ୍ତାନି ଲାଇସେନ୍ସ ପାଇବା ପରେ କମ୍ପାନୀଗୁଡିକ ସିଧାସଳଖ ବିଦେଶୀ ଦେଶକୁ ଔଷଧ ରପ୍ତାନୀ କରୁଥିଲେ ଏବଂ ଔଷଧର ଗୁଣବତ୍ତା ଯାଞ୍ଚ କରାଯାଉ ନ ଥିଲା । କିନ୍ତୁ ବର୍ତ୍ତମାନ ରପ୍ତାନି କେବଳ ଔଷଧର ଗୁଣବତ୍ତା ଯାଞ୍ଚ ପରେ କରାଯାଇପାରିବ । ଗାମ୍ବିଆରେ ଶିଶୁଙ୍କ ମୃତ୍ୟୁ ସହ ଜଡିତ ଏକ ଭାରତୀୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଚାରୋଟି କାଶ ସିରପ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସତର୍କ ସୂଚନା ଜାରି କରାଯାଇଥିଲା ଏବଂ ଏହି ସିରପଗୁଡିକ ବିପଜ୍ଜନକ ବୋଲି କୁହାଯାଉଥିଲା ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୮ ମୃତ

ଲକ୍ଷ୍ନୌ : ଉତ୍ତରପ୍ରଦେଶର ଫତେହପୁର ଜିଲାରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଆଠ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଶିଶୁ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣା ଜେହାନାବାଦର ଚିଲି ମୋଡ ନିକଟରେ ଘଟିଛି । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଘଟଣା ସମୟରେ ଅଟୋରେ ୧୪ ଯାତ୍ରୀ ଥିଲେ । ଓଟୋଟି ଭାରସାମ୍ୟ ହରାଇ ଓଲଟି ପଡିବାକୁ ଏଭଳି ଘଟଣା ଘଟିଥିବା କୁହାଯାଉଛି ।

## ଇମ୍ରାନଙ୍କୁ ଫାଶୀ ଦେବା ଦରକାର: ବିରୋଧୀ ଦଳ ନେତା

ଇସଲାମାବାଦ : ପାକିସ୍ତାନ ବିଧାନସଭାରେ ବିରୋଧୀ ଦଳର ନେତା ରାଜା ରିଆଜ ଅହମ୍ମଦ ଖାନ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଇସଲାମାବାଦ ହାଇକୋର୍ଟଙ୍କ ଦ୍ୱାରା ଜାମିନ ପ୍ରଦାନ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି । ଏହା ଉପରେ ସେ କହିଛନ୍ତି ଯେ ଇମ୍ରାନ ଖାନଙ୍କୁ ଫାଶୀ ଦିଆଯିବା ଉଚିତ । ରିୟାଜ ଅହମ୍ମଦ ଖାନ କହିଛନ୍ତି ଯେ ଇମ୍ରାନ ଖାନଙ୍କୁ ଜାମିନ ଦେବା ପରିବର୍ତ୍ତେ ଫାଶୀ ଦିଆଯିବା ଉଚିତ, କିନ୍ତୁ କୋର୍ଟ ତାଙ୍କୁ ସ୍ୱାଗତ କରୁଛନ୍ତି ଯେପରି ସେ ତାଙ୍କ ପୁତୁରା । ବିରୋଧୀଦଳର ନେତା କହିଛନ୍ତି ଯେ



ଯଦି ବିଚାରପତି ଏହି ୟିହୂଦୀ ଏଜେଣ୍ଟ (ଇମ୍ରାନ ଖାନ)ଙ୍କ ଉପରେ ଏତେ ଖୁସି, ତେବେ ସେ ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) ରେ ଯୋଗଦେବା ଠିକ ହେବ ।

## ମେକ୍ସିକୋରେ ଗୁଳିକାଣ୍ଡ, ୩ ମୃତ

ନ୍ୟୁ ମେକ୍ସିକୋ : ଆମେରିକାରେ ପୁଣିଥରେ ଫୁଟିଛି ଗୁଳି । ନ୍ୟୁ ମେକ୍ସିକୋର ଫାର୍ମିଗଟନରେ ହୋଇଥିବା ଗୁଳିକାଣ୍ଡରେ ଅତିକମରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ଏହାସହ କେତେଜଣ ଆହତ ବି ହୋଇଛନ୍ତି । ସମାଚାର ଏଜେନ୍ସି ଏପି ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ କହିଛି କି ଏହି ଗୁଳିକାଣ୍ଡରେ ସନ୍ଦିଗ୍ଧଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି । ମୃତକ କିମ୍ବା ଆହତଙ୍କ ନାମ ପୋଲିସ ପ୍ରକାଶ କରି ନାହିଁ କିମ୍ବା ଗୁଳି ବିନିମୟର କାରଣ ସ୍ପଷ୍ଟକରି ନାହିଁ । ପୋଲିସ କହିଛି ଯେ ସନ୍ଦିଗ୍ଧଙ୍କ ପରିଚୟ ଜଣା ପଡି ନାହିଁ ଏବଂ ବର୍ତ୍ତମାନ ସୁଦ୍ଧା ଅନ୍ୟ କୌଣସି ବିପଦ ନାହିଁ ।

## ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ଦେଶରେ ପରିଣତ ହେବ

ନୂଆଦିଲ୍ଲୀ : ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ । ମହାରାଷ୍ଟ୍ରର ପୁଣେ ଜିଲାରେ ଡିଫେନ୍ସ ଇନଷ୍ଟିଚ୍ୟୁଟ ଅଫ ଆଡଭାନ୍ସ ଟେକ୍ନୋଲୋଜିର ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସିଂ ଏଭଳି କହିଛନ୍ତି । ସେ କହିଛନ୍ତି, ଦେଶ ବର୍ତ୍ତମାନ ଆତ୍ମନିର୍ଭରଶୀଳ ହେବାକୁ ଯାଉଛି ଏବଂ ଅର୍ଥନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ ୨୦୨୭ ସୁଦ୍ଧା ବିଶ୍ୱ ଅର୍ଥନୀତିରେ ଭାରତ ତୃତୀୟ ସ୍ଥାନରେ ରହିବ । ରାଜନାଥ ସିଂ କହିଛନ୍ତି ,



ବିଶ୍ୱ ଦ୍ରୁତ ଗତିରେ ବଦଳୁଛି । ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସୁଛି । ଆମେ ଏହି କ୍ଷେତ୍ରରେ ଅନେକ ବୌକ୍ଷେୟିକ ପରିବର୍ତ୍ତନ ଦେଖିପାରୁଛୁ । ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ସମସ୍ୟା ଉପୁଜିଛି, ବିଶେଷ କରି ସାଇବର କ୍ଷେତ୍ରରେ ବିପଦ ବୃଦ୍ଧି ପାଇଛି । ସେ ଆହୁରି ମଧ୍ୟ କହିଛନ୍ତି, ପରିବର୍ତ୍ତିତ ପରିସ୍ଥିତି ସହିତ ଆମକୁ ଟେକ୍ନୋଲୋଜିର ଅପଗ୍ରେଡ ଆଡକୁ ଯିବାକୁ ପଡିବ । ଯଦି ଏକ ଚ୍ୟାଲେଞ୍ଜ ଅଛି, ଏହାର ସମାଧାନ ଅଛ ।ବର୍ତ୍ତମାନ ଟେକ୍ନୋଲୋଜିର ନବୀକରଣ ପାଇଁ ପ୍ରୟାସ କରାଯିବା ଉଚିତ୍ ।

## ମ୍ୟାଁମାରରେ ବନ୍ଦର ନିର୍ମାଣ କରି ଚୀନକୁ ଚ୍ୟାଲେଞ୍ଜ ଦେଇଛି ଭାରତ

ନାପିଦ୍ : ମ୍ୟାନମାରରେ ଚାଇନାର ବଢୁଥିବା ପ୍ରଭାବକୁ ଏବେ ଭାରତ ଏକ କଡ଼ା ଚ୍ୟାଲେଞ୍ଜ ଦେଇଛି । ଭାରତର ସହଯୋଗରେ ନିର୍ମିତ ଏକ ବନ୍ଦର ଏଠାରେ କାର୍ଯ୍ୟକ୍ଷମ ହୋଇଛି । ଏହି ବନ୍ଦର ମ୍ୟାନମାରର ଅନ୍ତର୍ଜାତୀୟ ବାଣିଜ୍ୟକୁ ବୃଦ୍ଧି କରିବ । ଏହି ବନ୍ଦର ମ୍ୟାନମାରର ରାଖାଇନ ପ୍ରଦେଶରେ ନିର୍ମିତ । ଗତ ମଙ୍ଗଳବାର ସିଟୱେ ବନ୍ଦର ନାମକ ବନ୍ଦରରେ ପ୍ରଥମ କାର୍ଗୋ ଜାହାଜ ପହଞ୍ଚିଥିଲା । ଏହି ଜାହାଜ କୋଲକାତା ଠାରୁ ଯାତ୍ରା ଆରମ୍ଭ କରିଥିଲା । ଜାହାଜକୁ ସ୍ୱାଗତ କରିବା ପାଇଁ ଭାରତ ଏବଂ ମ୍ୟାନମାରର ସାମରିକ ଅଧିକାରୀମାନେ ସେଠାରେ ଉପସ୍ଥିତ ଥିଲେ । ସିଟୱେ ବନ୍ଦର ହେଉଛି ଭାରତର ମଲ୍ଟି ମୋଡାଲ ଟ୍ରାଞ୍ଜିଟ ପରିବହନ ପ୍ରକଳ୍ପର ଏକ ଅଂଶ । ଏହି ପ୍ରକଳ୍ପ ଅଧୀନରେ କୋଲକାତା ଠାରୁ ମ୍ୟାନମାରର ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ଏକ ସମୁଦ୍ର ମାର୍ଗ ପ୍ରସ୍ତୁତ କରାଯାଇଛି । ସେହି ସ୍ଥାନରୁ ମ୍ୟାନମାରର ବିଭିନ୍ନ ସ୍ଥାନକୁ ସାମଗ୍ରୀ ପରିବହନ ପାଇଁ ସ୍ଥଳ ମାର୍ଗ ପ୍ରସ୍ତୁତ କରାଯାଉଛି । ଏଥିମଧ୍ୟରୁ ଗୋଟିଏ ରାସ୍ତା କାଲାଦାନ ନଦୀ ଦେଇ ଯିବାବେଳେ ଅନ୍ୟ ଏକ ରାଜପଥ ମଧ୍ୟ ନିର୍ମାଣ କରାଯାଉଛି । ଭାରତର ପରିବହନ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଏହି ସମୁଦ୍ର ମାର୍ଗ ସମାପ୍ତ ହେବା ପରେ ଭାରତର ଉତ୍ତର-ପୂର୍ବ ଅଞ୍ଚଳ ଦକ୍ଷିଣ-ପୂର୍ବ ଏସିଆ ସହିତ ସିଧାସଳଖ ସଂଯୁକ୍ତ ହୋଇଛି କାଲାଦାନ ପ୍ରକଳ୍ପ ନିର୍ମାଣ ପାଇଁ ଭାରତ ଏବଂ ମ୍ୟାନମାର ୨୦୦୮ରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ବନ୍ଦର ଖୋଲିବା ସମୟରେ ଭାରତୀୟ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି ଏହା ଦେଶର ଉତ୍ତର-ପୂର୍ବ ଅଞ୍ଚଳକୁ ଭାରତ ମହାସାଗର ସହିତ ଯୋଡିବ ଏବଂ ସମଗ୍ର ଅଞ୍ଚଳରେ ଅର୍ଥନୈତିକ ବିକାଶ ପାଇଁ ପଥ ପରିଷ୍କାର କରିବ ।

## ହଷ୍ଟେଲରେ ଅଗ୍ନିକାଣ୍ଡ: ୧୦ ମୃତ

ୱେଲିଂଟନ : ନ୍ୟୁଜିଲ୍ୟାଣ୍ଡର ୱେଲିଂଟନରେ ଏକ ଚାରି ମହଲା ହଷ୍ଟେଲରେ ନିଆଁ ଲାଗି ଅତି କମରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ନିଆଁ ଲାଗିବା ପରେ ଉଦ୍ଧାରକାରୀ ଦଳ ଏବଂ ଅଗ୍ନିଶମ କର୍ମଚାରୀଙ୍କ ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ । ନ୍ୟୁଜିଲ୍ୟାଣ୍ଡ ହେରାଲ୍ଡର ରିପୋର୍ଟ ଅନୁଯାୟୀ, ପ୍ରାୟ ରାତି ୧୨.୩୦ରେ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଯେଉଁଥିରେ ୧୦ଜଣଙ୍କର ମୃତ୍ୟୁ ହୋଇଛି । ତେବେ ୨୦ ଜଣଙ୍କ ଉଦ୍ଧାର କରାଯାଇଥିବା ବେଳେ ୫୨ ଫସି ରହିଥିବା ସୂଚନା ମିଳିଛି ।

## ବାଣ କାରଖାନାରେ ବିସ୍ଫୋରଣ, ୯ ମୃତ

କୋଲକାତା : ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର ଏଗ୍ରାରେ ଥିବା ଏକ ବେଆଇନ ବାଣ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟିଛି । ଯେଉଁଥିରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ କିଛି ଲୋକ ଆହତ ହୋଇଛନ୍ତି ବୋଲି ପୁଲିସ ସୂଚନା ଦେଇଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କାରଖାନା ଚାଲୁଥିବା ଘର ଭୁଶୁଡ଼ି ପଡ଼ିଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି । ବିସ୍ଫୋରଣ ପରେ ଘଟଣାସ୍ଥଳରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା । ପୁଲିସ ସୂଚନା ଅନୁସାରେ ବାଣ କାରଖାନା ଚାଲୁଥିବା ଏକ ଘର ଭିତରେ ଏହି ବିସ୍ଫୋରଣ ଘଟିଥିଲା । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗତ ମାସରେ ଏହି କାରଖାନା ଉପରେ ଚଢ଼ାଉ କରାଯାଇ ଏହାର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏଠାରେ ବାଣ ତିଆରି ହେଉଥିଲା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ମୃତବ୍ୟକ୍ତିଙ୍କ ପରିବାରକୁ ଅଢେଇ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି । ରାଜ୍ୟ ସିଆଇଡି ଏହି ବିସ୍ଫୋରଣର ତଦନ୍ତ କରିବ । ଅନ୍ୟପକ୍ଷରେ ଏହି ବିସ୍ଫୋରଣ ଘଟଣାର ଏନଆଇଏ ତଦନ୍ତ ଦାବି କରିଛନ୍ତି ବିଜେପି ରାଜ୍ୟ ସଭାପତି । ସେ କହିଛନ୍ତି ଯେ କାରଖାନାଟି ଓଡ଼ିଶା ସୀମା ନିକଟରେ ଅବସ୍ଥିତ । ପୂର୍ବରୁ ଅଭିଯୁକ୍ତକୁ ଗିରଫ କରାଯାଇଥିଲା । ତା ବିରୋଧରେ ଚାର୍ଜସିଟ୍ ଥିଲା । ପରେ ତାକୁ ଜାମିନ ମିଳିଥିଲା । ସେ ପୁଣି ବେଆଇନ ଭାବେ ନିଜର ବ୍ୟବସାୟ ଆରମ୍ଭ କରିଥିଲା । ଆଜିର ବିସ୍ଫୋରଣ ପରେ ସେ ଓଡ଼ିଶା ଫେରାର ହୋଇଯାଇଛି ବୋଲି ସେ କହିଛନ୍ତି ।

## କୋର୍ଟଙ୍କୁ ବିହାର ପୋଲିସର ଅବମାନନା

# ଦାଏର ହୋଇନି ୧୫ ହଜାର ମାମଲା

ପାଟନା : ବିହାର ପୋଲିସ ବିଭାଗର କ୍ଷମତା ଏବେ କୋର୍ଟ ଅପେକ୍ଷା ବଡ଼ ହୋଇଥିବାର ଦେଖାଯାଉଛି । କାରଣ ବର୍ତ୍ତମାନ ଏହା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ପାଳନ କରୁନାହିଁ । ପୋଲିସର ରେକର୍ଡ ଏହା ପ୍ରମାଣ କରୁଛି । ବାସ୍ତବରେ, ରାଜ୍ୟର ବିଭିନ୍ନ ପୋଲିସ ଷ୍ଟେଶନରେ ବିଭିନ୍ନ ଅଦାଲତର ନିର୍ଦ୍ଦେଶ ପଡ଼ି ରହିଥିଲେ ମଧ୍ୟ ଏଫଆଇଆର୍ ପଞ୍ଜିକରଣ କରାଯାଉ ନାହିଁ । ଏହା ଆଶ୍ଚର୍ଯ୍ୟଜନକ ଅଟେ । ପାଟନା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବିହାରର ବିଭିନ୍ନ ସ୍ଥାନରୁ ଲୋଡାଯାଇଥିବା ରିପୋର୍ଟ ଅନୁଯାୟୀ ବିଭିନ୍ନ ଜିଲାରେ ମୋଟ ୧୪,୯୯୬ ଟି ମାମଲା ରହିଛି ଯେଉଁଥି ପାଇଁ କୋର୍ଟଙ୍କ ନିର୍ଦ୍ଦେଶର ଦୀର୍ଘ ଦିନ ବିତିଯିବା ପରେ ମଧ୍ୟ ପୋଲିସ ଷ୍ଟେଶନରେ ଏଫଆଇଆର ପଞ୍ଜୀକୃତ ହୋଇ ନାହିଁ । । ଏସବୁ ମାମଲାରେ କୋର୍ଟ ପୋଲିସକୁ ଏଫଆଇଆର୍ ରେଜିଷ୍ଟ୍ରେଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ କୋର୍ଟଙ୍କ ଆଦେଶ ପାଳନ କରିବା ପୋଲିସ ବିଭାଗ ଉପଯୁକ୍ତ ମନେ କରୁନାହିଁ । ଫଳରେ ଅଭିଯୋଗକାରୀମାନେ ନ୍ୟାୟକୁ ଅପେକ୍ଷା କରିଥିବାବେଳେ ଅପରାଧୀମାନେ ଖୋଲାରେ ବୁଲୁଛନ୍ତି ବୋଲି ଅଭିଯୋଗ ହୋଇଛି । ଏହାକୁ




ନେଇ ବିରକ୍ତି ପ୍ରକାଶ କରି ପାଟନା ହାଇକୋର୍ଟ ଏହାର ତଦାରଖ କମିଟିରେ ଆଇନ ସଚିବଙ୍କ ସ୍ଥାନରେ ତଦାରଖ ପାଇଁ ହାଇକୋର୍ଟର ମହାନିର୍ଦ୍ଦେଶକ (ଡିଜି) ନିଯୁକ୍ତ କରିଛନ୍ତି । ରାଜ୍ୟ ମନିଟରିଂ କମିଟି ବର୍ତ୍ତମାନ ସମସ୍ତ ଜିଲାର ଡିଏମ, ଏସଏସପି ଏବଂ ଏସପିଙ୍କୁ ଏକ ସପ୍ତାହ ମଧ୍ୟରେ ଏହି ପ୍ରସଙ୍ଗରେ କାର୍ଯ୍ୟ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି । ଗୃହ ବିଭାଗର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି ପ୍ରସଙ୍ଗରେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ବାବଦରେ ସେ ସମସ୍ତ ଡିଏମ ଏବଂ ଏସଏସପି ତଥା ଏସପି ମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଗୃହ ବିଭାଗର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆହୁରି ମଧ୍ୟ କହିଛନ୍ତି ଯେ ସମସ୍ତ ଡିଏମ, ଏସଏସପି ଏବଂ ଏସପି ଏହି ଗୁରୁତର ମାମଲାର ତଦାରଖ କରିବା ଉଚିତ ଏବଂ ଏକ ସପ୍ତାହ ମଧ୍ୟରେ ସେମାନଙ୍କ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବା ଉଚିତ, ଯାହା ଦ୍ୱାରା ହାଇକୋର୍ଟର ମହାନିର୍ଦ୍ଦେଶକ (ଡିଜି) ପରିସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ । ହାଇକୋର୍ଟ ଏବଂ ତା'ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର କଠୋର ଆଭିମୁଖ୍ୟ ସମସ୍ତ ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି । ସମସ୍ତ ଜିଲାର ଏସଏସପି ଏବଂ ଏସପି ସଂପୃକ୍ତ ପୋଲିସ ଷ୍ଟେଶନକୁ ଏଫଆଇଆର ଦାଖଲ କରିବାକୁ ଏବଂ ସେମାନଙ୍କ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ହାଇକୋର୍ଟ ଏଭଳି ମାମଲା ଉପରେ ନଜର ରଖିବା ପାଇଁ ରାଜ୍ୟ ସ୍ତରୀୟ ତଦାରଖ କମିଟି ଗଠନ କରିଛନ୍ତି । ଏହାର ନେତୃତ୍ୱ ପୂର୍ବରୁ ଆଇନ ସଚିବଙ୍କ ହାତରେ ଥିଲା, କିନ୍ତୁ ଦୀର୍ଘ ଦିନ ଧରି ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ପରେ ହାଇକୋର୍ଟ ତାଙ୍କ ସ୍ଥାନରେ ହାଇକୋର୍ଟର ଡିଜି ପୋଷ୍ଟ କରିଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କହିଛନ୍ତି ରାଜ୍ୟରେ ଏଭଳି ହଜାର ହଜାର ମାମଲା ବିଚାରାଧୀନ ଅଛି ଯେଉଁଥିରେ ଏଫଆଇଆର ପଞ୍ଜିକରଣର ୩୦୦ ଦିନ ପରେ ମଧ୍ୟ ଚାର୍ଜଶିଟ ଦାଖଲ କରାଯାଇ ନାହିଁ ।

## ସୁପ୍ରିମକୋର୍ଟଙ୍କ ଅବକାଶ ବେଞ୍ଚ ହାଇବ୍ରିଡ ମୋଡରେ କରିବେ ଶୁଣାଣି

ନୂଆଦିଲ୍ଲୀ : ସୁପ୍ରିମକୋର୍ଟଙ୍କ ଅବକାଶ ବେଞ୍ଚ ହାଇବ୍ରିଡ ମୋଡ (ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ମୋଡ) ରେ ଶୁଣାଣି କରିବ ଯାହା ଦ୍ୱାରା ଆଇନଜୀବୀମାନେ ବିଭିନ୍ନ ସ୍ଥାନରୁ ହାଜର ହୋଇପାରିବେ । ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ ମଙ୍ଗଳବାର ଏହା କହିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟରେ ମେ ୨୨ ରୁ ଜୁଲାଇ ୨ ପର୍ଯ୍ୟନ୍ତ ଗ୍ରୀଷ୍ମ ଅବକାଶ ହେବ । କେବଳ ଅବକାଶ ବେଞ୍ଚଗୁଡ଼ିକ ଜରୁରୀକାଳୀନ ମାମଲାର ଶୁଣାଣି



କରିବେ । ବେଞ୍ଚ କହିଛନ୍ତି ଯଦି କେହି ଅନ୍ୟ କୌଣସି ସ୍ଥାନକୁ ଯାଇ ସେଠାରୁ ଶୁଣାଣିରେ ଯୋଗଦେବାକୁ ଚାହୁଁଛନ୍ତି, ତେବେ ତାଙ୍କର ପଦକ୍ଷେପକୁ ସ୍ୱାଗତ କରାଯାଉଛି ।ଏକମାତ୍ର ସର୍ତ୍ତ ହେଉଛି ଆଇନଜୀବୀମାନେ ସଠିକ ପୋଷାକ ପିନ୍ଧବେ । ସିଜେଆଇ କହିଛନ୍ତି ଶୁଣାଣି ପାଇଁ ନିଆଯାଇ ନ ଥିବା ୩୦୦ ରୁ ଅଧିକ ତାଜା ମାମଲା ଅବକାଶ ବେଞ୍ଚ ପୂର୍ବରୁ ତାଲିକାଭୁକ୍ତ ହେବ ।

## ଆଲାଏନ୍ସ ଏୟାରକୁ ୩୦୦ କୋଟି ଦେବେ ସରକାର

ନୂଆଦିଲ୍ଲୀ : ଏୟାର ଇଣ୍ଡିଆ ବିକ୍ରି ହୋଇଯିବା ପରେ ଏହାର ସହାୟକ ସଂସ୍ଥା ଆଲାଏନ୍ସ ଏୟାରକୁ ବଞ୍ଚାଇବା ଲାଗି ଉଦ୍ୟମ ଆରମ୍ଭ ହୋଇଛି । ଆଲାଏନ୍ସ ଏୟାରକୁ ସରକାର ୩୦୦ କୋଟି ଟଙ୍କାର ପାଣ୍ଠି ଦେବେ । ଆଞ୍ଚଳିକ ସ୍ତରରେ ବିମାନ ସେବା ପ୍ରଦାନ କରୁଥିବା ଏହି ସଂସ୍ଥା ପାଇଲଟଙ୍କ ଧର୍ମଘଟ, ଭତ୍ତା ପ୍ରଦାନ ନକରିବା ଆଦି ସମସ୍ୟା ଦେଇ ଗତି କରୁଛି । ଆଲାଏନ୍ସ ଏୟାର ଦେ ?ନିକ ୧୩୦ ଉଡ଼ାଣ କରୁଛି । ୨୦୨୧-୨୨ରେ କଂପାନି ୪୪୭.୭୬ କୋଟି ଟଙ୍କାର କ୍ଷତି ସହିଥିଲା । ଏୟାର ଇଣ୍ଡିଆକୁ ୧୮ ହଜାର ଟଙ୍କାରେ ଟାଟା ଗ୍ରୁପ୍କୁ ବିକ୍ରି କରିବା ପରେ ଆଲାଏନ୍ସ ଏୟାର ଓ ଅନ୍ୟାନ୍ୟ ସମ୍ପତ୍ତିର ଦେଖାଶୁଣା କରିବା ଲାଗି ଏଆଇ ଆସେଟ୍ସ ହୋଲ୍ଡିଂ ଲିମିଟେଡ୍ ନାମକ ସଂସ୍ଥା ଗଠନ କରାଯାଇଥିଲା ।

## ୯ ଦଫା ଦାବି ନେଇ ଚାଷୀ ମୂଲିଆ ସଂଘ ପକ୍ଷରୁ
# ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା

ଭଦ୍ରକ, (ପିପିଏସ) : ୯ ଦଫା ଦାବି ନେଇ ଚାଷୀ ମୂଲିଆ ସଂଘ, ଓଡ଼ିଶା ଭଦ୍ରକ ଜିଲା କମିଟି ପକ୍ଷରୁ ଆଜି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକ ବିକ୍ଷୋଭ ଓ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ପ୍ରତିବାଦ ସଭାରେ ସ୍ୱାଧୀନତାର ୭୫ତମ ବର୍ଷ ପରେ ଭଦ୍ରକ ଜିଲାର ସହରାଞ୍ଚଳରେ ଥିବା ବସ୍ତିବାସିନ୍ଦାମାନଙ୍କୁ ସରକାରୀ ବସ୍ତିର ମାନ୍ୟତା ମିଳିପାରିଲାନାହିଁ। ଚିହ୍ନଟ ହୋଇପାରିଲେ ନାହିଁ ବସ୍ତି ବାସିନ୍ଦା ପରିବାର। ସହର ଓ ଗ୍ରାମାଞ୍ଚଳର ତଳିଆ ସ୍ଥାନ, ଅଳିଆଗଦା, ରାସ୍ତାକଡ, ରେଲଲାଇନ କଡ, ନଦୀବନ୍ଧ, କେନାଲ କଡ, ପୋଲ ତଳେ ଜୀବନ ବିତାଉଥିବା ଏହି ବସ୍ତିବାସିନ୍ଦାଙ୍କର ଭାଗ୍ୟ ଆଜିଯାଏଁ ସୁଧୁରି ପାରିଲାନି। ସହର ଓ ଗ୍ରାମାଞ୍ଚଳରେ ରହି ସହର ଓ ଗ୍ରାମକୁ ତିଆରି କରିବା ପାଇଁ ଲୁହ ଓ ଲହୁ ନିଗାଡି କଠିନ କାର୍ଯ୍ୟ କରିଥାଆନ୍ତି। ସହରର ବଡ ବଡ ଅଟ୍ଟାଳିକା ଠାରୁ ଆରମ୍ଭ କରି ସମସ୍ତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଏମାନେ ନିର୍ମାଣକାରୀ। କୋଠା, ରାସ୍ତା, ପୋଲ, ଓଭରବ୍ରିଜ୍, ମନ୍ଦିର, ମସଜିଦ, ଗିର୍ଜା, ପାଣି ଟାଙ୍କି, ପାଣି ପାଇପ୍ ବିଛାଇବା ଠାରୁ ଆରମ୍ଭ କରି ରେଳ ଲାଇନ ବିଛାଇବା କାର୍ଯ୍ୟ



କରନ୍ତି। ରାତି ପାହିଲେ ସହର ଛକରେ ଏହି ବସ୍ତିବାସିନ୍ଦାଙ୍କର ମେଳା ଲାଗିଥାଏ। କଣ୍ଟ୍ରାକ୍ଟର ଓ ଠିକାଦାରମାନେ ଗାଡିରେ ଲୋଡ୍ କରି ଏମାନଙ୍କୁ କାମ କରିବା ପାଇଁ ବୋହି ନେଇଥାନ୍ତି। ବିଭିନ୍ନ ବସ୍ତି ବାସିନ୍ଦାମାନଙ୍କର ଅଧିକାର ଦେବା ପାଇଁ ନେତା, ମନ୍ତ୍ରୀ ଅଫିସରମାନେ ପ୍ରତିଶ୍ରୁତି ଦେଇ ଭୁଲିଯାଆନ୍ତି। ଭଦ୍ରକ ସହରାଞ୍ଚଳରେ ୧୪୪ ଟି ବସ୍ତି ଥିବାବେଳେ ମାତ୍ର ହାତଗଣତି ୧ ରୁ ୨ ଟି ବସ୍ତିକୁ ସରକାରୀ ମାନ୍ୟତା ମିଳିଛି। ସେହିପରି ଗ୍ରାମାଞ୍ଚଳରେ ରହୁଥିବା ଭୂମିହୀନ ପରିବାରମାନଙ୍କୁ ପଞ୍ଚାୟତ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପୂର୍ବରୁ ଘରଡିହ ପଟ୍ଟା ଯୋଗାଇଦେବା ପାଇଁ ଏମାନଙ୍କୁ ପ୍ରତିଶ୍ରୁତି ମିଳିଥାଏ। କିନ୍ତୁ ତାହା ପୂରଣ ହୋଇନାହିଁ। ଭଦ୍ରକ ଜିଲାର ଭଦ୍ରକ ବ୍ଲକ୍ ସମେତ ଭଣ୍ଡାରିପୋଖରୀ, ତିହିଡି, ବନ୍ତ, ଚାନ୍ଦବାଲି ଓ ଅନ୍ୟାନ୍ୟ ବ୍ଲକ୍, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହୁଥିବା ଭୂମିହୀନ ଓ ଘରଡିହ ନଥିବା ପରିବାରଙ୍କୁ ଘରଡିହ ପଟ୍ଟା ଓ ଜାଗା ମିଶନରେ ଏହି ଜମିର ପ୍ରମାଣପତ୍ର ମିଳିନାହିଁ। ଏ ନେଇ ସଂଘ ପକ୍ଷରୁ ତହସିଲ ଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ୧୦ ବର୍ଷ ଧରି ବିଭିନ୍ନ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ ଆଜିଯାଏ ସୁଫଳ ମିଳିନାହିଁ ବୋଲି ପ୍ରତିବାଦ ସଭାରେ ଅସନ୍ତୁଷ୍ଟ ସଂଘର ନେତାମାନେ ମତବ୍ୟକ୍ତ କରିଥିଲେ। ବସ୍ତିର ପିଲାମାନେ ଜାତିଗତ ପ୍ରମାଣ ଅଭାବରୁ ପାଠ ପଢିପାରୁନାହାଁନ୍ତି ବୋଲି ସଂଘ ପକ୍ଷରୁ ମଧ୍ୟ ମତ ପ୍ରକାଶ ପାଇଛି। ଜିଲାପାଳଙ୍କୁ ଦେଇଥିବା ଦାବିଗୁଡିକ ହେଲା ସହରାଞ୍ଚଳର ସମସ୍ତ ବସ୍ତିକୁ ଯଥାଶୀଘ୍ର ସରକାରୀ ମାନ୍ୟତା ଦେବା ସହ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରାଯାଇ ଜାଗା ମିଶନରେ ଜାଗା ପ୍ରମାଣପତ୍ର ଓ ବାସଗୃହ ଯୋଗାଇବା, ଗ୍ରାମାଞ୍ଚଳରେ ରହୁଥିବା ଭୂମିହୀନ ପରିବାରଙ୍କୁ ଚିହ୍ନଟ କରାଯାଇ ସର୍ବନିମ୍ନ ୧୦ ଡିସିମିଲ୍ ଘରଡିହ ପଟ୍ଟା, ବିନା ଦେୟରେ ୨୦୦ ୟୁନିଟ୍ ବିଜୁଳି ଶକ୍ତି ଯୋଗାଇବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଭୂମିହୀନ ପରିବାରଙ୍କୁ ଘରଡିହ ଓ ଭୂମିର ପ୍ରମାଣପତ୍ର ଯୋଗାଇନଦେବା ପର୍ଯ୍ୟନ୍ତ ପିଲାମାନଙ୍କ ପାଠପଢା ପାଇଁ ବିନା ଜମିପଟାରେ ଜାତିଗତ ପ୍ରମାଣପତ୍ର ଯୋଗାଇବା ଭଳି ଅନ୍ୟାନ୍ୟ ଦାବିମାନ ରହିଛି। ଚାଷୀ ମୂଲିଆ ସଂଘ ଜିଲା କମିଟିର ସଂପାଦକ ସୁଶାନ୍ତ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବଳରାମ ନାୟକ, ଗଜେନ୍ଦ୍ର ମୁର୍ମୁ, ମାନ ମୁଣ୍ଡା, ପୂର୍ଣ୍ଣ ସିଂ, ଜବା ମୁର୍ମୁ, ମଂଜୁ ନାୟକ, ଉଦୟ ହେମ୍ବ୍ରମ୍, ବିକ୍ରୟମ ହେମ୍ବ୍ରମ୍, କୁନି ସିଂ, ଶ୍ରୀମତୀ ବେହେରା, ବାସନ୍ତୀ ଜେନା, ପାକନ ଚମ୍ପିଆ, ତୁରି ସିଂ ପ୍ରମୁଖ ବହୁ ମହିଳା ଓ ପୁରୁଷମାନେ ଏହି ବିକ୍ଷୋଭରେ ସାମିଲ ଥିଲେ।

## ଗଣଶିକ୍ଷକମାନଙ୍କୁ ନିୟମିତ ଦାବୀ

ଭଦ୍ରକ, (ପିପିଏସ) : ଭଦ୍ରକ ବଙ୍କ ୟୁ.ଜି.ମ.ଇ.ସ୍କୁଲ ପ୍ରାଙ୍ଗଣରେ ରାଜ୍ୟ ତଥା ଜିଲ୍ଲା ସଂଘର ଉପଦେଷ୍ଟା ବିଭୁତି ତ୍ରିପାଠୀଙ୍କ ଅଧ୍ୟକ୍ଷତାର ଜିଲ୍ଲାର ନିୟମିତ ରୁ ବଞ୍ଚିତ ଗଣଶିକ୍ଷକମାନଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୭ଟି ବ୍ଲକରୁ ୩୦ ରୁ ଅଧିକ ଗଣଶିକ୍ଷକ ଉପସ୍ଥିତ ଥିଲେ। ସମସ୍ତ ସରକାରୀ ନିର୍ଦ୍ଦେଶନାମା ଥାଇ ମଧ୍ୟ ନିୟମିତରୁ ବଞ୍ଚିତ ହୋଇ ମାତ୍ର ଟ. ୬୦୦୦ଙ୍କାରେ ବହୁ ଦୁଃଖରେ କାଳାତିପାତ କରୁଛନ୍ତି। ପୂର୍ବରୁ ସରକାର ଏକ ଏନ.ଜି.ଓ. ସଂସ୍ଥା ଓଡ଼ିଶା ବିକାଶ ପରିଷଦ କୋର୍ଟ ଆଳ ଦେଖାଇ ନିୟମିତ କରିବାରୁ ରୋକ୍ ଲଗାଇଥିଲେ। ମାତ୍ର ବିକାଶ ପରିଷଦ କେଶ୍ ଉଠାଇ ନେବାର ଦୀର୍ଘ ଦିନ ପରେ ମଧ୍ୟ ନିୟମିତ ପାଇଁ କୌଣସି ନିର୍ଦ୍ଦେଶନାମା ଆସିନାହିଁ ବୋଲି ଜଲ୍ଲା ଶିକ୍ଷାଧିକାରୀ ମତବ୍ୟକ୍ତ କରୁଛନ୍ତି। ଏଥିପୂର୍ବରୁ କେତୋଟି ଜିଲ୍ଲା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ନିୟମିତ କରିବାର ପ୍ରକ୍ରିୟା ଜାରି ରଖିଥିବା ବେଳେ ଭଦ୍ରକ ଜିଲ୍ଲାରେ ତାର ବ୍ୟତିକ୍ରମ ଦେଖା ଦେଇଛି। ତେଣୁ ସଂଘ ମାଧ୍ୟମରେ ରାଜ୍ୟ ତଥା ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ନିୟମିତରୁ ବଞ୍ଚିତ ଗଣଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ଶ୍ରୀ ତ୍ରିପାଠୀ ଅନୁରୋଧ କରିଛନ୍ତି। ଉକ୍ତ ବୈଠକରେ ପୂର୍ବତନ ସଭାପତି ବରିଷ୍ଠ ଶିକ୍ଷକ ନେତା ପ୍ରକାଶ ଚନ୍ଦ୍ର ବେହେରା, ପୀତାମ୍ବର ପଣ୍ଡା, ବନିତା ପଣ୍ଡା, ଶକୁନ୍ତଳା ନାୟକ, ଜଗନ୍ନାଥ ସେଠୀ, ରଶ୍ମିତା ମହାନ୍ତି, ରମାକାନ୍ତ ରାଉତ, ମଞ୍ଜୁଲତା ନାୟକ, ପ୍ରଶାନ୍ତ ଦାସ, ରବି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଚିଟଫଣ୍ଡ ଠକେଇ ଜମାକାରୀଙ୍କ ଜିଲ୍ଲାପାଳ ଅଫିସ୍ ଘେରାଉ

ଯାଜପୁର, (ପିପିଏସ) : ଯାଜପୁର ଜିଲ୍ଲା ଚିଟଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀ ମାନେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ନିଜ ନିଜର ଜମା କରିଥିବା ଅର୍ଥର ପ୍ରମାଣପତ୍ରର ନକଲ ଦାଖଲ କରିଛନ୍ତି।ପ୍ରଥମେ ଜମାକାରୀ ମାନେ ସ୍ଥାନୀୟ ଏନ.ସି.କଲେଜ ଠାରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମହାମହିମ ରାଷ୍ଟ୍ରପତି ମାନ୍ୟବର ପ୍ରଧାନମନ୍ତ୍ରୀ , ମାନ୍ୟବର ଉଚ୍ଚତମ ନ୍ୟାୟାଳୟ, ମହାମହିମ ଓଡ଼ିଶା ରାଜ୍ୟପାଳ , ମାନ୍ୟବର ମୁଖ୍ୟମନ୍ତ୍ରୀ , ଓଡ଼ିଶା ଉଚ୍ଚ ନ୍ୟାୟଳୟ , ସଚିବ ଅର୍ଥ ବିଭାଗ ଙ୍କୁ ଦାବିପତ୍ର ପ୍ରଦାନ



କରାଯାଇଛି।. ମୁଖ୍ୟତଃ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ପାଇଁ ସରକାର ବସାଇଥିବା ତଦନ୍ତ କମିଶନ ଚୁଡାନ୍ତ ରିପୋର୍ଟ ଦେବା, ପୂର୍ବରୁ ତଦନ୍ତ କମିଶନକୁ ବନ୍ଦ କରିଦେଇଥିବାରୁ ଅବିଳମ୍ବେ ପ୍ରତ୍ୟକ ତହସିଲ ଜରିଆରେ ଛୋଟ ଓ ବଡ଼ ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରାଯିବା ଏବଂ ତଦନ୍ତ କରି ସଂସ୍ଥା ମାନଙ୍କ ଦ୍ୱାରା ଜବଦ କରାଯାଇଥିବା ଅସାଧୁ ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ସ୍ଥାନୀୟ ବିଜ୍ଞାପନ ସହ ଖୋଲା ନିଲାମ କରି ସେହି ଅର୍ଥକୁ ଛୋଟ ବଡ ସମସ୍ତ ଜମାକାରୀଙ୍କୁ ପରିପକ୍ୱ ରାଶି ସହିତ ସୁଧ ଫେରସ୍ତ ପ୍ରଭୃତି ମୁଖ୍ୟ ଦାବିଗୁଡ଼ିକ ଉପରେ ଉଲ୍ଲେଖ ରହିଛି। .

## ୧୯୯୩ ବ୍ୟାଚ ଛାତ୍ର ଛାତ୍ରୀଙ୍କ ବନ୍ଧୁ ମିଳନ

କୁଜଙ୍ଗ, (ପିପିଏସ) : କୁଜଙ୍ଗ ୟୁପି ସ୍କୁଲ କୁଜଙ୍ଗର ୧୯୯୩ ବ୍ୟାଚ ଛାତ୍ର ଛାତ୍ରୀଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ବର୍ଷ ପରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଚନ୍ଦ୍ର ଦାସ, ଶିକ୍ଷୟତ୍ରୀ ପୁଷ୍ପରେଣୁ ନାୟକ, ବର୍ତ୍ତମାନ ପ୍ରଧାନ ଶିକ୍ଷକ ଦେବକି ଦିଦି, ପରିଚାଳନା କମିଟି ସଭ୍ୟ ଅଶୋକ କୁମାର ଦାସ ଏବଂ ଛାତ୍ର ଛାତ୍ରୀ ପ୍ରଜ୍ଞାପାରମିତା ଦାସ, ରାଜଲକ୍ଷ୍ମୀ ନାଥ, ଅନୀତା ଦାସ, ସରୋଜ ମହାନ୍ତି, ଭବାନି ଶଙ୍କର ଦାସ, ତୋଫାନ ଦାସ, ବାପି ନାଥ, ଅକ୍ଷୟ ନାଥ, ସଂଗ୍ରାମ ସେଠୀ, ସୁମନ୍ତ ନାଥ, ଦ୍ୱିପକ ପାଣି, ବିକ୍ରମ ପରିଡା, ଚିତରଂଜନ ସେଠୀ, ସାରଦା ପଲେଇ, ସତ୍ୟଜିତ ବେହେରା, ସଂଜୟ ଦାସ, ନିକୁଞ୍ଜ ପରିଡା, ଶାରଦା ଅଧିକାରୀ ଉପସ୍ଥିତ ଥିଲେ।

## ବିଶିଷ୍ଟ କବି ଅଭୟ ନାୟକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା



କୁଜଙ୍ଗ, (ପିପିଏସ) : କଟକ ବିଜୁପଟ୍ଟନାୟକ ଛକ ସ୍ଥିତ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ କାବ୍ୟ ସରସ୍ୱତୀ ପଦ୍ମଶ୍ରୀ ଡ. ସଚି ରାଉତରାୟଙ୍କ ୧୦୭ତମ ଜୟନ୍ତି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ପୂର୍ବତନ ସାଂସଦ ତଥା ବିଶିଷ୍ଟ କବି ଡଃ. ପ୍ରଶନ୍ନ ପାଟଶାଣି ଉଦ୍‌ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଟକ ଜିଲ୍ଲାପାଳ ଡଃ. ଭବାନିଶଙ୍କର ଚୟିନୀ, ସମ୍ମାନୀତ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରଷ୍କାର ପ୍ରାପ୍ତ ସାହିତ୍ୟିକ ପ୍ରଫେସର ଡଃ. ପ୍ରଫୁଲ୍ଲ କୁମାର ମହାନ୍ତି, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ସତ୍ୟନାରାୟଣ ପଣ୍ଡା, ବିଶିଷ୍ଟ କବି ଡଃ ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ଅଭୟ ନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସ୍ୱରୂପ ୨୫ହଜାର ଟଙ୍କାର ଅର୍ଥ ରାଶି, ମାନପତ୍ର ଓ ଉତରୀୟ ଦିଆଯାଇଥିଲା। ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଜ୍ଞାରତ୍ନ ସହଦେବ ସାହୁ, ଡା. ନିରଞ୍ଜନ ତ୍ରିପାଠୀ, କବିଙ୍କ ପୁତ୍ର ଶ୍ରୀହର୍ସ ରାଉତରାୟ, ବୋହୂ ଉଷାଦେବୀ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ କବି ଅଭୟ ନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ସମ୍ମାନ ପ୍ରଦାନ କରାଯାଇଥିବାରୁ କୁଜଙ୍ଗ ପାରାଦ୍ୱୀପର ଯୁବ ସାହିତ୍ୟିକ ହରିଗୁରୁ ଦାସ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ପୁଲିସ୍ ଠାରୁ ନ୍ୟାୟ ନପାଇ ବିଧବା ପତ୍ନୀ ଓ ଝିଅଙ୍କ ଅନଶନ




ଭଦ୍ରକ, (ପିପିଏସ) : ପୁଲିସ୍ ଠାରୁ ନ୍ୟାୟ ନପାଇ ପୀରହାଟ ଥାନା ଅନ୍ତର୍ଗତ ଅର୍ଜୁନବିନ୍ଧା ଗ୍ରାମର ବିଧବା କନକ ବେହେରା (୫୦) ଓ ବାପ ଛେଉଣ୍ଡ ଝିଅ (୨୩) ଆଜି ପ୍ରଚଣ୍ଡ ଖରାରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଧବା ପତ୍ନୀ ଓ ଝିଅଙ୍କ ଅଭିଯୋଗ ଗତ ତା ୦୧.୦୫.୨୩ ରିଖରେ ଭଦ୍ରକ କୋର୍ଟ ପରିସରରେ କେତେକ ବ୍ୟକ୍ତି ତାଙ୍କୁ ମାରପିଟ କରିବା ସହ ଟଙ୍କା ଓ ମୋବାଇଲ୍ ଛଡାଇ ନେଇଥିଲେ। ବିଭିନ୍ନ ଧମକ ଚମକ ମଧ୍ୟ ଦେଇଥିଲେ। ଏ ସଂପର୍କରେ ସେମାନେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାବ୍ୟତୀତ ଜିଲାପାଳ, ପୁଲିସ୍ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ମଧ୍ୟ ଅଭିଯୋଗ କରିଥିଲେ। କିନ୍ତୁ ଆଜିଯାଏ ପୁଲିସ୍ ପକ୍ଷରୁ ସଂପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ନିରୁପାୟ ହୋଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନଶନ କରିବାକୁ ବାଧ୍ୟ ହେଲୁ ବୋଲି ବିଧବା ମା ଓ ଝିଅ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅପରପକ୍ଷରେ ନ୍ୟାୟ ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# କୃଷି ଉଦ୍ୟାନ ପରିଦର୍ଶନ କଲେ ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ

ଭଦ୍ରକ, (ପିପିଏସ) : ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସଂପୋଇ ଗ୍ରାମ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମନ୍ୱିତ କୃଷି ଉଦ୍ୟାନକୁ ଉଚ୍ଚସ୍ତରୀୟ କୃଷି ବିଶେଷଜ୍ଞ ଦଳ ଆଜି ପରିଦର୍ଶନ କରିଥିବା ଜଣାଯାଇଛି। ରାଜ୍ୟ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶିକା ତଥା ଭଦ୍ରକ ଜିଲ୍ଲା ନୋଡାଲ ଅଧିକାରିଣୀ ସନ୍ଧ୍ୟାରାଣୀ



ଗୁରୁଙ୍କ ନେତୃତ୍ୱରେ କୃଷି ପ୍ରକଳ୍ପ ଉପ ନିର୍ଦ୍ଦେଶକ ଶ୍ରୀଧର ଦାସ, କୃଷି ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ବିଦ୍ୟୁତ୍ ଜେନା, ମୃତ୍ତିକା ସଂରକ୍ଷଣ ସହକାରୀ ଅଧିକାରୀ ରଶ୍ମିରଞ୍ଜନ ପାତ୍ର, ବ୍ଲକ କୃଷି ଅଧିକାରୀ ଝୁନୁମୟୀ ମହାନ୍ତି, ବିଟିଏମ ମାନସ ରଞ୍ଜନ ମହାପାତ୍ର, ଏଟିଏମ ମାନସ କୁମାର ଜେନା ପ୍ରମୁଖ ପୂର୍ଣ୍ଣଚନ୍ଦ୍ରଙ୍କ ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛତୁଚାଷ, ଆମ୍ବଚାଷ, କଦଳୀ ଚାଷ ସହ ବ୍ୟାପକ ବୃକ୍ଷ ରୋପଣ ଉଦ୍ୟାନ ଓ ଧାନ ଅମଳ ଯାନ ପରିଦର୍ଶନ କରିଥିଲେ। ସମନ୍ୱିତ ଚାଷର ଅଧିକ ଅଗ୍ରଗତି ସମ୍ପର୍କରେ ବୈଷୟିକ ପରାମର୍ଶ ଦେବା ସହ ଉପଲବ୍ଧ ସରକାରୀ ସହାୟତା ଓ ପ୍ରୋତ୍ସାହନ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପାଟୁଳି ପଞ୍ଚାୟତର ଆସ୍ଥା ରାଇସ ରବର ସେଲର ଧାନକଳ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟାନ ଯୋଜନାରେ କୋଟସିରା ଗ୍ରାମର ରମେଶ ଚନ୍ଦ୍ର ଭାରତୀଙ୍କ ପୋଖରୀ, ବତକ ଓ କୁକୁଡା ଚାଷ ପରିଦର୍ଶନ କରିଥିଲେ। ଥଇଲା ଗ୍ରାମର ଟାଙ୍ଗରା ଭୂଇଁରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ବିସ୍ତୃତ ଉନ୍ନତମାନର ଆମ୍ବଚାଷ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଚଳିତ ବର୍ଷ ଆମ୍ବ ଫଳି ଅମଳ ଯୋଗ୍ୟ ହୋଇଥିବାରୁ ବିଶେଷଜ୍ଞ ଦଳ ସନ୍ତୋଷ ବ୍ୟକ୍ତ କରିଥିଲେ। ସମନ୍ୱିତ କୃଷି ଉଦ୍ୟାନ ପ୍ରତି ଅଧିକ ରୁ ଅଧିକ ଚାଷୀ, ବିଶେଷ କରି ଯୁବ ଚାଷୀଙ୍କୁ ଆକୃଷ୍ଟ କରି ଆଗ୍ରହୀଙ୍କୁ ଚିହ୍ନଟ କରିବାକୁ ବିଶେଷଜ୍ଞ ଦଳ ସ୍ଥାନୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ରମେଶ ବାବାଙ୍କ ଦ୍ୱିତୀୟ ବାର୍ଷିକ ସ୍ମରଣ ଉତ୍ସବ

କୁଜଙ୍ଗ, (ପିପିଏସ) : କୁଜଙ୍ଗ ବ୍ଲକ ଅଧିନ ବାଲିଆ ଲକ୍ଷ୍ମୀନାରାୟଣ ପରିସରରେ ନାମାଚାର୍ଯ୍ୟ ବାୟାବାବାଙ୍କର ଚରଣାଶ୍ରୀତ ସେବକ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦାସ ବାବାଜୀ(ରମେଶ ବାବା)ଙ୍କ ଦ୍ୱିତୀୟ ବାର୍ଷିକ ସ୍ମରଣ ଉତ୍ସବ କଳ୍ପତରୁ ସଙ୍କୀର୍ତନ ମହାମଣ୍ଡଳ କୁଜଙ୍ଗ ଏରସମା ମଣ୍ଡଳର ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର ସ୍ୱାଇଁ (ମାଗୁ ବାବା)ଙ୍କ ସଭାପତିତ୍ୱରେ ସମାରୋହରେ ପାଳିତ ହୋଇଯାଇଛି। ଏହି ସ୍ମରଣ ଉତ୍ସବରେ ହରିଦାସ ଠାକୁର ସ୍ୱର୍ଗଦ୍ୱାର ପୁରୀର ମହନ୍ତ ତୁଳସି ଦାସ, ବାବାଜି ଅଦୈତ ଦାସ, କାର୍ତୀକ ଦାସ, ଝାଞ୍ଜପିଟା ମଠର ବାବାଜୀ ଅରୂପାନନ୍ଦ ଦାସ, କଟକ ବଙ୍ଗାଳିସାହି ମଠ ମହନ୍ତ ବୈଷ୍ଣବ ଚରଣ ଦାସ, କେନ୍ଦ୍ରାପଡା ଦୁତିଆଳ ମଠ ମହନ୍ତ ବିଶ୍ୱମ୍ବର ବାବା, ବାବୁନନା, ଡମପଡାର ମହନ୍ତ ଅନାଦି ବାବା, ବାଲିକୁଦା ଲକ୍ଷ୍ମୀନାରାୟଣ ଆଶ୍ରମ ମହନ୍ତ ଲକ୍ଷ୍ମୀଧର ଦାସ ଓ ବୈଷ୍ଣବଗଣ, ଅଧିକାରୀ ପ୍ରଶନ୍ନ ଦାସ, ନିମାଇଁ ଦାସ, ବାବା ଭାଗଗ୍ରାହି ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦାସ ବାବାଜି (ରମେଶ ବାବା)ଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍କିର୍ତନ ଶିକ୍ଷା ଗୁରୁ ବାବାଜି ଚରଣ ସ୍ୱାଇଁ, ପ୍ରହଲ୍ଲାଦ ସ୍ୱାଇଁ, ବିଚିତ୍ରାନନ୍ଦ ବିଶ୍ୱାଳ, କେଦାର ନାଥ ସ୍ୱାଇଁ, କିଶୋର ଦାସ, ବୈରାଗି ଚରଣ ମହାନ୍ତି, ଶ୍ରୀବସ୍ତ ବେହେରା, ନୃସିଂହ ସ୍ୱାଇଁ, ଏରସମାର କୀର୍ତନ ଗୁରୁଭାଇ, ମହିଳାସଙ୍କିର୍ତନ ମଣ୍ଡଳୀ ସର୍ବପରି ଶ୍ରୀ ଶ୍ରୀ ରାମ ଦାସ ସେବାସଂଘ କଂଟାଘରର କର୍ମକର୍ତା ଅଭୟ ସ୍ୱାଇଁ, ପରି ସେନାପତି, ଫକିର ବାବୁ, ରମେଶ ବାବୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରମେଶ ବାବାଙ୍କ ଜନ୍ମ ସ୍ଥାନରୁ ବାଣିଶ୍ରୀ ନାୟକ, ସୁବାଷ ନାୟକ ଓ ସାନଭାଇ ରାମ ଚନ୍ଦ୍ର ପାତ୍ର, ରତ୍ନାକର ପାତ୍ର, ମମତା ପାତ୍ର, ସୌଭାଗିନି ପାତ୍ର, ସଂଘମିତ୍ରା ପାତ୍ର, ଅଭିରାମ ମହାନ୍ତି, ଶିଶିର ମହାନ୍ତି, ଗଙ୍ଗାଧର ନାୟକ, ଅଶୋକ ପରିଜା, ଦେବେନ୍ଦ୍ର ରାଉଳ, ରଂଜନ ନାୟକ, ଆଦିକନ୍ଦ ରାଉତ, କରୁଣାକର ସାମଲ, ରମେଶ ମହାନ୍ତି, ଶିବ କୁମାର ସାହୁ, ନବ କୁମାର ସାହୁ, କାର୍ତିକ ମଳିକ ପ୍ରମୁଖ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। ବାଲିକୁଦା ଲକ୍ଷ୍ମୀନାରାୟଣ ଆଶ୍ରମରୁ ନାମାଚାର୍ଯ୍ୟ ବାବା ଅଖଣ୍ଡ ନାମସହ ଉତ୍ସବରେ ଯୋଗ ଦେଇଥିଲେ।

# ହାତୀ ଆତଙ୍କ, ହାତୀ ଘଉଡାଇବା ପାଇଁ ବନ ବିଭାଗ ନାକେଦମ

ଖୋର୍ଦ୍ଧା, (ହି.ସ.) : ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର ଓ ବେଗୁନିଆ ବ୍ଲକର ବଡ଼ବେରଣା ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର-କୋଲୁହାପାଟଣା ମଧ୍ୟରେ ଥିବା ୬୫ ଏକରରୁ ଉର୍ଦ୍ଧ୍ୱ କାଜୁ ନିଗମର ଜଙ୍ଗଲ ଓ ଆଦିବାସୀ ମାନେ ଲିଜ ସୂତ୍ରରେ ରଖିଥିବା କାଜୁ ଜଙ୍ଗଲରେ ଦୁଇଟି ଜଙ୍ଗଲୀ ହାତୀ ସୋମବାର ଦିନ ପୂର୍ବାହ୍ନରେ ରହିଥିବାର ଖବର ପାଇ ବେଗୁନିଆ ବନଖଣ୍ଡ କାର୍ଯ୍ୟାଳୟର ବନପାଳ ପ୍ରିୟ ଦର୍ଶନୀ ସେଠୀଙ୍କୁ ଖବର ଦେଇଥିଲେ । ଏଠାରେ କର୍ମଚାରୀ ଅଭାବ ହେତୁ ବନପାଳ ଶ୍ରୀ ସେଠୀ ଓ ପାରା ସ୍କ୍ୱାର୍ଡ ଦୁର୍ଗା ପ୍ରସାଦ ପଣ୍ଡା ପହଁଚି ଦୁଇଟି ହାତୀର ଗତିବିଧି ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ପରେ ଖୋର୍ଦ୍ଧା ଜିଲ୍ଲା ଡିଭିଜନ ରେଞ୍ଜର ଜୟକୃଷ୍ଣ ପଣ୍ଡା, ବୈଦେଶ୍ୱର ବନପାଳ ଗଦାଧର ବିଶ୍ୱାଳ, ବୋଲଗଡ ବନପାଳ ପ୍ରଦିପ ପଟ୍ଟନାୟକ, ପାରା ସ୍କ୍ୱାର୍ଡ ତାରେଶ୍ୱର ରାଉତରାୟଙ୍କ ସମେତ କର୍ମଚାରୀ ପହଁଚି ଦୁଇଟି ଯାକ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଗୋବିନ୍ଦପୁର, କୋଲୁହାପାଟଣା, ଧଳା ପଥର, ଗେଡ଼ିଆପଲୀ, ଗୌଡ଼ ନୂଆଗାଁ, ମାଣିବନ୍ଧ ଓ ବଡପଦର ଲୋକମାନଙ୍କୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରିବା ସହ କଳାପଥର ସେକ୍ସନର ବିଦ୍ୟୁତ କାଟ କରାଯାଇଥିଲା । ବନ ବିଭାଗ ସୂଚନା ମୁତାବକ, ହାତୀ ଦୁଇଟି ରବିବାର ଦିନ ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ନିକଟସ୍ଥ ଯୋକଲାଞ୍ଜି ଠାରେ ରହିଥିଲେ। ହାତୀ ଦୁଇଟି ଥିବା ବେଳେ ରବିବାର ଦିନ ଗୋବିନ୍ଦପୁର-କୋଲୁହା ପାଟଣା କାଜୁ ଜଙ୍ଗଲରୁ ନୟାଗଡ଼ ବନାଚଂଳକୁ ହାତୀ ଘଉଡ଼ାଇବା ପାଇଁ ଖବର ଲେଖା ହେଲା ପର୍ଯ୍ୟନ୍ତ ବନ କର୍ମଚାରୀ ମାନେ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଛନ୍ତି ।

## ଶିକ୍ଷୟିତ୍ରୀ ପାୟଲ ହେଲେ ଓଇଏସ ଅଧିକାରୀ

ଫୁଲବାଣୀ, (ହି.ସ.) : ବର୍ତମାନ ଫୁଲବାଣୀ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ରୁଜାଙ୍ଗି ହାଇସ୍କୁଲର ସହକାରୀ ଶିକ୍ଷୟତ୍ରୀ ପାୟଲ ପଟ୍ଟନାୟକ ଓଡ଼ିଶା ଶିକ୍ଷା ସେବା ଅଧିକାରୀ (ଓଇଏସ୍) ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ଦ୍ୱାରା ଅନୁଷ୍ଠିତ ପରୀକ୍ଷାର ଆଜି ଫଳାଫଳ ପ୍ରକାଶ ପାଇଥିବା ବେଳେ ସେ ୪୦ ନମ୍ବର ସ୍ଥାନ ଅକ୍ତିଆର କରିଛନ୍ତି। ପାୟଲ ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ତିନି ବର୍ଷର କୁନି ପୁଅ ମଧ୍ୟ ରହିଛି। ସ୍ୱାମୀ ସବ୍ୟସାଚୀ ଦାସ ବୌଦ୍ଧରେ ବ୍ଲକ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ବାପା ପୂର୍ବତନ କର୍ମଚାରୀ ନେତା, ସମାଜସେବୀ ତଥା ଆଇନଜୀବୀ ବ୍ରଜକିଶୋର ପଟ୍ଟନାୟକ ଓ ମାଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଫୁଲବାଣୀରେ ଶିକ୍ଷୟତ୍ରୀ ଅଛନ୍ତି । ମା ସୁଜାତା ପଟ୍ଟନାୟକଙ୍କ ପ୍ରେରଣା ଏବଂ ସ୍ୱାମୀଙ୍କ ଉତ୍ସାହରୁ ସଫଳତା ମିଳିଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି ପାୟଲ। ଆଗକୁ ସିଭିଲ ସର୍ଭିସ ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି ପାୟଲ। ଘର ପରିବାର ଓ କୁନି ପୁଅ କଥା ବୁଝିବା ସହ ନିଜେ ସ୍କୁଲରେ ଶିକ୍ଷାୟତ୍ରୀ ଚାକିରି କରି ନିଷ୍ଠା ଓ ଆନ୍ତରିକତାର ସହ ପିଲାଙ୍କୁ ପାଠ ପଢ଼ାଇବା ସହ ନିଜର ଅଧ୍ୟବସାୟ ଜାରି ରଖିଥିଲେ ସେ। ଫଳରେ ଆଜି ସେ ଏହି ସଫଳତା ପାଇପାରିଛନ୍ତି।

## ବାର୍ଦ୍ଧକ୍ୟ ଭତା ଓ ଭିନ୍ନକ୍ଷମ ଭତା ନିମନ୍ତେ ମାଲକାନଗିରି ବ୍ଲକରେ ସର୍ବେକ୍ଷଣ

ମାଲକାନଗିରି, (ହି.ସ.) : ମାଲକାନଗିରି ଜିଲ୍ଲାର ୧୧୧ ପଂଚାୟତ ଥିବାବେଳେ କେବଳ ମାଲକାନଗିରି ବ୍ଲକର ୧୯ ଟି ପଂଚାୟତରେ ବାର୍ଦ୍ଧକ୍ୟ ଭତା ଓ ଭିନ୍ନକ୍ଷମ ଭତା ନିମନ୍ତେ ସର୍ବେକ୍ଷଣ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଅନେକ ବୃଦ୍ଧ (ବୟୋଜ୍ୟେଷ୍ଠ)ବ୍ୟକ୍ତି ମାନେ ନିଜ ଭତା ନେବା ନିମନ୍ତେ ପଂଚାୟତକୁ ଆସିପାରୁ ନଥିବା ଜାଣିପାରି ଜିଲ୍ଲା ପ୍ରଶାସନ ସେମାନଙ୍କ ଭତା ବ୍ୟାଙ୍କ୍ ଓ ପୋଷ୍ଟ ଅଫିସ ସହ ସଂଯୋଗ କରିଥିଲେ। କିନ୍ତୁ, ଏଥିରେ ମଧ୍ୟ କିଛି ଅସୁବିଧା ଦେଖା ଦେଇଥିଲା। ଏଣୁ ସେମାନଙ୍କ ପୁନଃ ମତ ସଂଗ୍ରହ ଓ ନୂତନ ବ୍ୟକ୍ତି ଚୟନ ନିମନ୍ତେ ବିଡ଼ିଓ ଅଜୟ କୁମାର ପ୍ରଧାନ ଓ ସମସ୍ତ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ସହ ୫୭ ଜଣ ୧୫/୧୬/୧୭ ମଇ ୨୦୨୩ ତିନିଦିନ ଧରି ୧୨୪ଟି ରାଜସ୍ୱ ଗ୍ରାମ ଓ ସମସ୍ତ ହମଲେଟ୍ ଗ୍ରାମକୁ ଯାଇଛନ୍ତି। ୧୨୨୯୨ ଜଣ ହିତାଧିକାରୀ ଏହି ସର୍ବେକ୍ଷଣରେ ଭାଗନେଇଥିବା ଜଣାପଡିଛି। ଏହି ବ୍ୟବସ୍ଥାରେ ନୂତନ ବ୍ୟକ୍ତି ଚୟନ, ଆଧାର ନଥିବା ବ୍ୟକ୍ତି, ଆଧାର କାର୍ଡ ରହିଛି କିନ୍ତୁ ଅପଡେଟ ହୋଇପାରୁନାହିଁ, ଗ୍ରାମରେ ନେଟୱାର୍କର ସମସ୍ୟା ପ୍ରଭୃତି ସର୍ବେକ୍ଷଣ କାର୍ଯ୍ୟ ଚାଲିଛି।

# ଆନ୍ତଃଜିଲ୍ଲା ବାଇକ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ : ୨ ଗିରଫ, ୬ ଗାଡି ଜବତ

ଜୟପୁର, ( ହି.ସ.) : କୋରାପୁଟ ସହରରୁ ୨ ଜଣିଆ ଆନ୍ତଃଜିଲ୍ଲା ବାଇକ ଚୋରି ରାକେଟ୍ କୁ କାବୁ କରି ଗିରଫ କରି କୋର୍ଟ ଚାଲାଣ କରିଛି କୋରାପୁଟ ଟାଉନ ପୁଲିସ। ସହରର ଜନଗହଳିପୂର୍ଣ୍ଣ ଅଂଚଳରୁ ବାଇକ ଚୋରି କରୁଥିବା ଏହି ୨ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୬ଟି ବାଇକ୍ ଜବତ କରିଛି ପୋଲିସ । କୋରାପୁଟ ସହର ହସ୍ପିଟାଲ ପରିସର ଓ ବିଭିନ୍ନ ଅଂଚଳରୁଏହିମାନେ ବାଇକ୍ ଚୋରି କରୁଥିବା ନେଇ ଆଜି କୋରାପୁଟ ଟାଉନ ପୁଲିସ ପକ୍ଷରୁ ଏସଡିପିଓ ମନୋଜ ପୂଜାହାରୀ ଓ ଆଇଆଇସି ଧୀରେନ ପଟ୍ଟନାୟକ ଏକ ସମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସେମାନେ ହେଲେ ପୂଜାରୀପୁଟ ଅଂଚଳର ଅଜିତ କୁମାର ପାଣିଗ୍ରାହୀ(୩୦) ଓ ଚନ୍ଦନ ବଡେଇ (୨୧)। ଏହି ଦୁଇ ଜଣଙ୍କ ନାମରେ ପୂର୍ବରୁ ୪ଟି ଲେଖାଏଁ ଚୋରୀ, ଡକାୟତି ଓ ଗାଡି ଚୋରି ପରି ମାମଲା ରହିଥିବା ପୁଲିସ କହିଛି। ଆନ୍ତଃଜିଲ୍ଲା ୨ ବାଇକ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତି ରହିଛି ସେନେଇ ପୋଲିସର ତଦନ୍ତ ଜାରି ରହିଛି । ୨ ଲୁଟେରାଙ୍କ ଠାରୁ୬ଟି ବାଇକ ଜବତ ହୋଇଛି । ତଦନ୍ତ ଜାରି ରହିଥିବା ସୂଚନା ଦେଇଛି କୋରାପୁଟ ଟାଉନ ପୋଲିସ । ଚନ୍ଦନ ବଡେଇ ନାମରେ ୪ ଟି ମାମଲା ରହିଥିବା ବେଳେ ଅଜିତ ପାଣିଗ୍ରାହୀ ନାମରେ ମଧ୍ୟ ୪ ଟି ମାମଲା ରହିଥିବା ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଏସଡିପିଓ ମନୋଜ କୁମାର ପୂଜାରୀ ସୂଚନା ଦେଇଛନ୍ତି । ମାଥିଲି ଅଂଚଳର ଧନ ପୂଜାରୀ ନାମକ ବ୍ୟକ୍ତିର ବାଇକଟି କୋରାପୁଟ ମେଡିକାଲ କଲେଜ ହସପିଟାଲରୁ ଚୋରି ହେବା ନେଇ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି କୋରାପୁଟ ସହରର ୨ ଜଣଙ୍କୁ ଗିରଫ କରିଛି ।ଗାଡି ଚୋରି କରିବାପରେ ଜୟପୁର, ନବରଂଗପୁର ଜିଲ୍ଲାରେ ଏମାନେ ବିକ୍ରୟ କରୁଥିଲେ । ତେବେ ସେମାନେ କାହାକୁ କାହାକୁ କେତୋଟି ମୋଟର ସାଇକେଲ ବିକ୍ରୟ କରିଛନ୍ତି ତାର ତଦନ୍ତ କରାଯିବ । ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ସେସବୁର ତଦନ୍ତ କରାଯିବ ବୋଲି ଏସଡିପିଓ ମନୋଜ ପୂଜାରୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶଶିଭୂଷଣ ବେହେରାଙ୍କ ବିରୁଦ୍ଧରେ ଯୌତୁକ...

ଶାଶୁ ମୁଁ ପିନ୍ଧିଥିବା ସୁନା ଅଳଙ୍କାର ଶାଶୁଙ୍କୁ ଦେବା ପାଇଁ କହିଥିଲେ। ମୁଁ ଏକ ସୁନା ଚେନ୍ ଓ ମୁଦି ବ୍ୟତୀତ ଆଉ ସବୁ ଗହଣା ଶାଶୁଙ୍କୁ ଦେଇଦେଲି। ବାହାଘରର ପ୍ରଥା ଅନୁସାରେ ମୁଁ ମୋ ସ୍ୱାମୀଙ୍କ ସହିତ ପ୍ରଥମ ଥର ବାପଘରକୁ ଯାଇଥିଲି। ସେହି ସମୟରେ ମୋ ଶାଶୁ, ନଣଦ ଓ ଶ୍ୱଶୁର ମୋତେ କହିଥିଲେ ଯେ ବାହାଘର ପୂର୍ବରୁ ଯେଉଁ ସୁନା ଜିନିଷ ବ୍ୟବହାର କରୁଥିଲ, ସେଗୁଡ଼ିକୁ ନେଇ ଆସିବ। ତା' ସହିତ ସ୍ୱାମୀଙ୍କୁ ପ୍ରଣାମି ସ୍ୱରୂପ ସୁନା ଜିନିଷ ଓ ଟଙ୍କା ଦେବା ପାଇଁ କହିଥିଲେ। ମୁଁ ବିବାହ ପୂର୍ବରୁ ଯେଉଁ ସୁନା ଜିନିଷ ବ୍ୟବହାର କରୁଥିଲି, ବାହାଘର ସମୟରେ ସେଗୁଡ଼ିକୁ ବଦଳାଇ ନୂଆ ଜିନିଷ କିଣିଥିଲି। ଶାଶୁ ଘରକୁ ଫେରିବା ପରେ ସେମାନେ ଯେତେବେଳେ ସେହି ପୁରୁଣା ସୁନା ଜିନିଷ ମାଗିଲେ, ମୁଁ ସେମାନଙ୍କୁ ସତ କଥା କହି ଦେଇଥିଲି। ପୁରୁଣା ଗୁଡ଼ିକୁ ବଦଳାଇ ନୂଆ କିଣି ଦେଇଥିଲି ବୋଲି କହିଥିଲି। ଏହା ଶୁଣି ମୋ ଶାଶୁ ଓ ନଣଦ ମୋତେ ଛୋଟ ଲୋକ, ଭିକାରୀ ପିଲା କହିଥିଲେ ଏବଂ ଅଭଦ୍ର ଭାଷାରେ ଗାଳି କରିଥିଲେ। ମୁଁ ପ୍ରତିବାଦ କରିବାରୁ ମୋ ସହିତ ମାରପିଟ କରିଥିଲେ। ଭବିଷ୍ୟତରେ ସବୁ ଠିକ ହୋଇଯିବ ବୋଲି ଭାବି ସହି ଯାଇଥିଲି। ଏହାର କିଛି ଦିନ ପରେ ସେମାନେ ମୋତେ ବ୍ୟାଙ୍କକୁ ନେଇ ମୋ ନାଁରେ ଗୋଟିଏ ଆକାଉଣ୍ଟ ଖୋଲିଥିଲେ। ପାସ୍ ?ବକୁ ଓ ଏଟିଏମ କାର୍ଡ ମୋ ଶାଶୁ ତାଙ୍କ ପାଖରେ ରଖିଲେ। ମୁଁ ପାଉଥିବା ରାଜୀବ ଗାନ୍ଧି ଫେଲୋଶିପ ଟଙ୍କା ଡିପୋଜିଟ କରିବା ପାଇଁ ମୋତେ କହିଥିଲେ। ହେଲେ ସେ ଟଙ୍କା ମୁଁ ଖର୍ଚ୍ଚ କରି ଦେଇଥିବା କହିଥିଲି। ଫଳରେ ପୂର୍ବଭଳି ମୋତେ ଭିକାରୀ, କାଙ୍ଗାଳ ପିଲା କହି ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲେ। ଏହାର କିଛି ଦିନ ପରେ ବାହାଘର ବେଳେ ଭିଡିଓ ପାଇଁ ଖର୍ଚ୍ଚ ହୋଇଥିବା ୨ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ମୁଁ ଏକଥା ବାପାଙ୍କୁ କହିବାରୁ ସେ ମୋ ବଡ଼ ଭଉଣୀଙ୍କୁ କହି ୬୦ ହଜାର ଟଙ୍କା ମୋ ନଣଦଙ୍କ ଆକାଉଣ୍ଟକୁ ପଠାଇ ଦେଇଥିଲେ। ଅବଶିଷ୍ଟ ଟଙ୍କା ପରେ ଦେବା ପାଇଁ କହିଥିଲେ। ବାକି ଟଙ୍କା ନଦେଇ ପାରିବାରୁ ସେମାନେ ପୁଣି କାଙ୍ଗାଳିଆ ଝିଅଟା ଆମ ଭାଗ୍ୟରେ ପଡ଼ିଲା ବୋଲି କହି ମୋତେ ଗାଳି କରିଥିଲେ। ଆମକୁ ଯା'ଠୁ ଭଲ ଯୌତୁକ ଦବାବାଲା ମିଳିଥା'ନ୍ତେ ବୋଲି କହି ମୋତେ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଥିଲେ। ଏପରିକି ମୋତେ ଖାଇବାରେ ଅସୁବିଧା କଲେ। ମୋତେ ରୋଷେଇ ଘରକୁ ଛାଡ଼ି ଦେଲେ ନାହିଁ। ମୁଁ ଏ କଥା ଶ୍ୱଶୁରଙ୍କୁ ଜଣାଇବାରୁ ସେ ମୋତେ କହିଥିଲେ ଯେ ସେମାନେ ଯାହା କହୁଛନ୍ତି ସେ କଥା ମାନି ଚଳ, ନହେଲେ ଅସୁବିଧାରେ ପଡ଼ିବୁ। ଏହି ସବୁ କଥା ମୁଁ ମୋ ସ୍ୱାମୀଙ୍କୁ କହିବାରୁ ସେ ମୋତେ ଅସଭ୍ୟ ଭାଷାରେ ଗାଳି କଲେ, ମାଡ଼ ମାରିଲେ ଓ କହିଲେ ତୁ ତୋ ବାପାକୁ ୪୦ ଲକ୍ଷ ଟଙ୍କା ପଠାଇବାକୁ ଖବର ଦେ। ନେହେଲେ ଘରର ଚାକରାଣୀ ହୋଇ ରହ ବୋଲି କହିଥିଲେ। ମୋ ସ୍ୱାମୀ ରାତି ୩ଟା ପର୍ଯ୍ୟନ୍ତ ମୋ ପାଖକୁ ନଆସି ଅନ୍ୟ ଏକ ଝିଅ ସହିତ କଥା ହୁଅନ୍ତି। ସେଇ ଝିଅକୁ କହନ୍ତି ଯେ ଯାକୁ ଯା ଭିତରେ ସଫା କରି ଦେଇ ତୁମକୁ ବିବାହ କରିବି। ଆମ ଘରେ ସମସ୍ତେ ରାଜି ଅଛନ୍ତି। ଏସବୁ କଥା ମୁଁ ମୋ ଶାଶୁ, ଶ୍ୱଶୁର ଓ ନଣଦଙ୍କୁ କହିଥିଲି। ସେମାନେ ମୋତେ ଅଧିକ ଗାଳି କଲେ ଓ ୪୦ ଲକ୍ଷ ଟଙ୍କା ଆଣିବା ପରେ ବୁଝିବା ବୋଲି କହିଥିଲେ। ମାଉସୀ ଶାଶୁ ମଧ୍ୟ ସେହି କଥା କହିଥିଲେ। ମୁଁ ମୋ ଜୀବନ ପ୍ରତି ବିପଦ ଥିବା ଦେଖି ୩୦.୭.୨୦୨୧ ରାତିରେ ଘରକୁ ଫୋନ କରି ଜଣାଇଥିଲି। ତା'ପର ଦିନ ମୋ ବାପା ମୋତେ ଘରକୁ ନେଇ ଆସିଥିଲେ। ମୁଁ ଆସିବାର ୧୫ ଦିନ ପରେ ମୋ ବାପା ମୋ ଶ୍ୱଶୁରଙ୍କୁ ଫୋନ କରି ମୋତେ ନେଇଯିବା ପାଇଁ କହିଥିଲେ। ମାତ୍ର ସେ ଏହାକୁ କର୍ଣ୍ଣପାତ କଲେ ନାହିଁ। ମୋ ବାପା ଅନେକ ଥରେ ମୋ ଶ୍ୱଶୁରଙ୍କୁ ଫୋନ କରି ମୋତେ ନେଇଯିବା ପାଇଁ କହିଥିଲେ। କିନ୍ତୁ ସେ ବିଭିନ୍ନ ଆଳ ଦେଖାଇ ଏହାକୁ ଏଡ଼ାଇ ଚାଲିଲେ।

## ଧ୍ୱଂସ ମୁଖରୁ ବର୍ତିଲା ଆସ୍ଥା ଓ ବିଶ୍ୱାସର ପର୍ଯ୍ୟଟନ ସ୍ଥଳୀ ପାପକ୍ଷୟ

ସୁବର୍ଣ୍ଣପୁର, (ହି.ସ.) : ଆଜି ଭୋରରୁ ବିନିକାର ଐତିହାସିକ ପର୍ଯ୍ୟଟନସ୍ଥଳୀ ପାପକ୍ଷୟ ପରିସରର ବିଭିନ୍ନ ସ୍ଥାନରେ ଏବଂ ପରିସର ଭିତରେ ଥିବା ବହୁ ପୁରାତନ ବରଗଛ କୋରଡ ମାନଙ୍କରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଥିବା ସାଧାରଣ ଲୋକେ ଦେଖିବାକୁ ପାଇଥିଲେ । ଖବର ପ୍ରଚାରିତ ହେବା ପରେ ପର୍ଯ୍ୟଟନ ସ୍ଥଳୀରେ ଲୋକଙ୍କ ନାହିଁନଥିବା ଭିଡ ଜମି ଥିଲା। ନିକଟ ପାପକ୍ଷୟ ଘାଟରୁ ଲୋକେ ପାଣି ସଂଗ୍ରହ କରି ଲିଭାଇବାକୁ ଚେଷ୍ଟା କରିଥିଲେ । ପରେ ଖବର ପାଇ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚି ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲେ । ଫଳରେ ଅଂଚଳବାସୀଙ୍କ ଆସ୍ଥା, ବିଶ୍ୱାସ ଓ ଭାବାବେଗ ସହ ଜଡ଼ିତ ଏବଂ ପର୍ଯ୍ୟଟକଙ୍କ ପାଇଁ ଆକୃଷ୍ଟ ଏହି ଐତିହାସିକ ପୀଠ ଧ୍ୱଂସ ମୁଖରୁ ବର୍ତି ଯାଇଛି । କେଉଁ ଦୁର୍ବୃତଙ୍କ ଦ୍ୱାରା ଏହି କାମ ହୋଇଛି ସ୍ଥାନୀୟ ପ୍ରଶାସନ ତା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

# ମଦ ମୁକ୍ତ ଗ୍ରାମ ପାଇଁ ଜନ ଶୁଣାଣିରେ ଦାବି କଲେ ଧୋରଡ଼ିଆମ୍ବ ଗ୍ରାମର ଶତାଧିକ ମହିଳା

ହରିଚନ୍ଦନପୁର, (ହି.ସ.) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଧୋରଡ଼ିଆମ୍ବ ଗ୍ରାମପଂଚାୟତ ଜାମୁଦା ଗ୍ରାମକୁ ମଦ ମୁକ୍ତ ପାଇଁ ଅଂଟା ଭିଡିଛନ୍ତି ଶତାଧିକ ମହିଳା । ଗାଁରେ ମଦ ବିକ୍ରିକୁ ରୋକିବା ନିମନ୍ତେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣିରେ ଜାମୁଦା, ଧୋରଡ଼ିଆମ୍ବ, ବାଲିସାହି, କାଟେସାହି, ବଡ଼ଖମଣ, କମଳାବାହାଳି, ନୂଆଁସାହି, ନାଏକସାହି ଆଦି ସାହିର ଶତାଧିକ ମହିଳା ଏକତ୍ରିତ ହୋଇ ଜିଲ୍ଲା ପ୍ରଶାସନ ନିକଟରେ ନିଜର ଦୁଃଖ ଜଣାଇଛନ୍ତି । ସୂଚନା ଅନୁଯାୟୀ, ଜାମୁଦା ଗ୍ରାମର ବିଭିନ୍ନ ଛକ ଗୁଡ଼ିକରେ ଥିବା କେତେକ ନିର୍ଦ୍ଦିଷ୍ଟ ଗ୍ରୋସରୀ ଦୋକାନରେ ଖୋଲମ ଖୋଲା ଦିନ ରାତି ସବୁ ସମୟରେ ବିଦେଶୀ ସହ ଦେଶୀ ମଦ ବିକ୍ରି ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ମଦ ବିକ୍ରି ସାଙ୍ଗକୁ ଜୁଆଡିମାନଙ୍କ ଚରା ଭୂଇଁ ପାଲଟିଛି ଧୋରଡିଆମ୍ବ ପଂଚାୟତ । ବାହାଘର, ଏକୋଇସିଆ, ହାଟ, ବଜାର ସବୁଠି ଜୁଆ ଖେଳ ହେଉଥିବା ବେଳେ ମଦ ଖୋଲା ଖୋଲି ବିକ୍ରି ହେଉଛି । ଅନ୍ୟପଟେ ସନ୍ଧ୍ୟା ହେଲେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଗାଁ। ତେବେ ଏସବୁ ବିଶୃଙ୍ଖଳା ନେଇ ଗାଁର ମହିଳା ମାନେ ବାରମ୍ବାର ବିରୋଧ କରି ମଦ ବିକ୍ରି ବନ୍ଦ କରିବାକୁ କହିଲେ ମଧ୍ୟ ମଦ ବିକ୍ରେତା ଓ ଜୁଆଡିମାନେ କେହି କର୍ଣ୍ଣପାତ କରୁନଥିବା ମହିଳାମାନେ ମତ ପ୍ରକାଶ କରିଛନ୍ତି । ବିଭିନ୍ନ ସମୟରେ ପୁରୁଷ ଓ ଯୁବକମାନେ ମଦ୍ୟପାନ କରି ପାରିବାରିକ ବିଶୃଙ୍ଖଳାର କାରଣ ସାଜିଛନ୍ତି । ପରିବାର ଭିତରେ ଅଶାନ୍ତି ସୃଷ୍ଟି କରି ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ସୃଷ୍ଟି ହେବାର ମୁଖ୍ୟ କାରଣ ମଦ ବୋଲି ମହିଳା ମାନେ ମତବ୍ୟକ୍ତ କରିଛନ୍ତି । ବାରମ୍ବାର ଗାଁରେ ବିଶୃଙ୍ଖଳା ଦେଖା ଯାଉଥିବାରୁ ମହିଳାମାନେ ବାଧ୍ୟ ହୋଇ ବ୍ଲକ ସ୍ତରୀୟ ଜନ ଶୁଣାଣିରେ ଜିଲ୍ଲା ପ୍ରଶାସନକୁ ଜଣାଇଥିବା କହିଛନ୍ତି । ମଦୁଆ ମାନେ ରାସ୍ତା ଉପରେ ମଦ୍ୟପାନ କରି ଅଶ୍ଳୀଳ ଭାଷା ପ୍ରୟୋଗ ଓ ଖରାପ ଇଙ୍ଗିତ କରୁଥିବା ବେଳେ ମହିଳାମାନେ ଘରୁ ବାହାରିବାକୁ ଭୟଭୀତ ହେଉଛନ୍ତି । ଏହା ସହିତ ଗ୍ରାମର କୋମଳମତି ବାଳକ ଓ ବାଳିକା ଉପରେ ଏହାର କୁପ୍ରଭାବ ପଡୁଥିବା ପ୍ରକାଶ କରିଛନ୍ତି । ମଦ ବେପାରୀ ଓ ଜୁଆଡ଼ିଙ୍କ ଉପରେ ରୋକ ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଗ୍ରାମକୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବାକୁ ଗ୍ରାମର କୁମୁଦିନୀ କିଶାନ, ଯମୁନା ନାଏକ, ଜୟନ୍ତୀ କିଶାନ, ବାସନ୍ତୀ କିଶାନ, ଗିତାଞ୍ଜଳି କିଶାନ, ପଦ୍ମିନୀ ଖଣ୍ଡା, ବବିତା ନାଏକ, ରଜନୀ କିଶାନ, ଗୀତା କିଶାନଙ୍କ ସମେତ ୭ଟି ସାହିର ମହିଳାମାନେ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି ।

## ତଣ୍ଟିରେ କୋଳି ଲାଖି ଚାଲିଗଲା ଶିଶୁର ଜୀବନ

ଆନନ୍ଦପୁର (ହି.ସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ତିଗିରିଆ ଅଁଳାପାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅଁଳା କୋଳି ଖାଇ ଏଠାରେ ଜଣେ ଅଙ୍ଗନବାଡ଼ି ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ରପୁର ଥାନା ତିଗିରିଆ ଅଳାପାଳ ସୌମ୍ୟରଞ୍ଜନ ଜେନାଙ୍କ ୩ ବର୍ଷର ପୁତ୍ର ଦୁର୍ଗା ଶଙ୍କର ଜେନା। ସେ ଅଙ୍ଗନବାଡ଼ିକୁ ଯାଇଥିବାବେଳେ ଅଁଳା କୋଳି ଖାଇଥିଲା। ହେଲେ ତାହା ତଣ୍ଟିରେ ଲାଖି ଯାଇଥିଲା। ପ୍ରଥମେ ତାଙ୍କୁ ସାଇଁକୁଳ ଓ ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କଲେଜ ଗ୍ରନ୍ଥଗାରଙ୍କ ଅକାଳ ବିୟୋଗ

ପାରଳାଖେମୁଣ୍ଡି, (ପିପିଏସ୍):କାଶୀନଗର ଶ୍ରୀରାମ ଯୁନିଅର କଲେଜର ଗ୍ରନ୍ଥଗାରକ ରୂପେ କାର୍ଯ୍ୟ କରୁଥିବା ଶ୍ରୀ ରବୀନ୍ଦ୍ର ପଣ୍ଡା ଙ୍କ (୫୮) ବର୍ଷ ବୟସ ରେ ଅକାଳ ବିୟୋଗ ହୋଇଯାଇଛି, ଶ୍ରୀ ପଣ୍ଡା ମଧୁମେହ ଓ କିଡ଼ନୀ ରୋଗ ରେ ପଡି ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ରେ ଏହି ଅଞ୍ଚଳ ତଥା କଲେଜ ରେ ଶୋକ ର ଛାୟା ଖେଳିଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଜି ତିରୁପତି ରାଓ, କଲେଜ ଅଧ୍ୟକ୍ଷ ଓ ଷ୍ଟାଫ, ଭାସ୍କର ସାମନ୍ତରା, ଜଗଦୀଶ ପାତ୍ର ଓ ବହୁ ବନ୍ଧୁ ପରିଜନ ଗଭୀର ସମବେଦନା ଜଣାଇଛନ୍ତି ।ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ନିଆଁରେ ପୋଡ଼ିହୋଇ ବୃଦ୍ଧା ମୃତ

ଢେଙ୍କିକୋଟ (ହି.ସ): ଘଟଗାଁ ବ୍ଲକ୍ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖୁଦପୁଟୁଳି ଗ୍ରାମରେ ପୋଡ଼ି ହୋଇ ଜଣେ ବୃଦ୍ଧା ପ୍ରାଣ ହରାଇଛନ୍ତି। ମୃତକ ଜଣଙ୍କ ହେଲେ ସୁମି ମୁଣ୍ଡା (୭୧)। ସୁମି ଆଜି ସକାଳେ ଘରେ ରୋଷେଇ କରୁଥିବା ବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଏଏସ୍ ?ଆଇ ସୁରଥ ଦେହୁରୀ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଶବ ବ୍ୟବଚ୍ଛେଦ କରାଇଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି।

## ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗୀର, (ହି.ସ.): ମଇମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁସାରେ ପୁଇଁତଲା ବ୍ଲକ କାର୍ଯାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ , ବଲାଙ୍ଗୀର ଉପ –ଜିଲ୍ଲାପାଳ କୁମାର ନାଗଭୂଷଣଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ପୁଇଁତଲା ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୪୨ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୩୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୦୭ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ଭିନ୍ନକ୍ଷମ ଙ୍କୁ ବିବାହ ପ୍ରୋତ୍ସାହନ ଯୋଜନା ଜରିଆରେ ଆଗଲପୁର ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମର ସଂଜୀବ କୁମାର ସାହୁ ଓ ସବ୍ୟା ସାହୁଙ୍କୁ ଏବଂ ଆଗଲପୁର ବ୍ଲକ ଅନ୍ତର୍ଗତ ରେଙ୍ଗାଲି, ବୁଦୁଳା ଗ୍ରାମର ହେମନ୍ତ କୁମାର ପଟେଲ ଓ ଶୁଶିଳା ପଟେଲଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ର ଚେକ ପ୍ରଦାନ କରାଯାଇଥିଲା । ମଧୁବାବୁ ପେନସନ ଯୋଜନା ଜରିଆରେ ୨ ଜଣ ହିତାଧିକାରୀ ଙ୍କୁ ବିଧବା ଭତା ମଞ୍ଜୁର କରାଯାଇଥିଲା । ସେହିପରି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ଚିକିତ୍ସା ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ତୁଲଣ୍ଡି ଗ୍ରାମର ଭାଗ୍ୟସିନୀ ମିଶ୍ର ଓ ଆଗଲପୁର ବ୍ଲକ ଅନ୍ତର୍ଗତ ହଳଦୀପଦର, ବୁଦୁଳା ଗ୍ରାମର ସତ୍ୟବତୀ ନାଗଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା ।

## ବଜ୍ରକାପ୍ତା କାତି ଡିଲ୍ ବେଳେ ଚଢ଼ଉ

## ବନପାଳଙ୍କ ସମେତ ୬ ଅଟକ



କପ୍ତିପଦା (ହି.ସ): ମୟୂରଭଞ୍ଜ କପ୍ତିପଦା ଥାନା ଶାଣଦେଇ-ସମୀବୃକ୍ଷ ରାସ୍ତାର ବଡ଼ଝାଡ଼ ଅଞ୍ଚଳରେ ବଜ୍ରକାପ୍ତା କାତି ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ସୋମବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ଘଟଣାସ୍ଥଳରୁ ୩ ଫୁଟ୍ ଲମ୍ବ ଓ ୩ କେଜି ଓଜନର ଏକ ବଜ୍ରକାପ୍ତା କାତି ସହ ୩ଟି ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଅଟକ ରଖାଯାଇଛି। ଅଟକ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବନପାଳ ଅଛନ୍ତି। ସେ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଯୋଧ୍ୟାର ବନପାଳ ରାମଚନ୍ଦ୍ର ମାରାଣ୍ଡି (୩୬)। ଅନ୍ୟ ଅଭିଯୁକ୍ତମାନେ ହେଲେ ଦେଉଳି ଅଞ୍ଚଳର ସନ୍ତୋଷ ସି (୪୮), ଭଣ୍ଡାରିପାଳ ଗ୍ରାମର ସାହେବ ମାରାଣ୍ଡି (୩୨), ଜେଏସ୍ ଜାମୁଡ଼ିହା ପଞ୍ଚାୟତ ବାଲିନାଳ ଗ୍ରାମର ବିଶ୍ୱେଶ୍ୱର ମାରାଣ୍ଡି (୫୦), ବାରିପଦା ସଦର ଥାନା ଡାଙ୍ଗରସାହି ଗ୍ରାମର ଉମେଶ ଚନ୍ଦ୍ର ସିଂ (୪୫) ଓ ବେତନଟୀ ଥାନା ଛୋଟରାୟପୁର ଗ୍ରାମର ଗଗନ ବେହେରା (୨୪)।

## ଶିଶୁଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ

# ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ବୈପାରିଗୁଡ଼ା (ହି.ସ): ଅଙ୍ଗନବାଡି କର୍ମୀ ନିୟମିତ କେନ୍ଦ୍ରକୁ ଆସୁନଥିବାରୁ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନି। ଏଭଳି ଅଭିଯୋଗ କରି ଅଙ୍ଗନବାଡି କେନ୍ଦ୍ରରେ ତାଲା ଠୁଙ୍କିଛନ୍ତି କୋରାପୁଟ ଜିଲ୍ଲା ବେ?ପାରିଗଡ଼ା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତର ସେମଳିଅଟାଳ ଗ୍ରାମବାସୀ। ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ କେନ୍ଦ୍ରରୁ ତାଲା ଖୋଲାଯିବନି ବୋଲି ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ଦୁଇ ମାସ ହେଲା ଅଙ୍ଗନବାଡି କର୍ମୀ କେନ୍ଦ୍ରକୁ ଆସୁନାହାନ୍ତି। ଏଥିଯୋଗୁଁ ଗାଁର ଶିଶୁମାନେ ପ୍ରାକ୍ ?ଶିକ୍ଷା ଓ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ରହୁଛନ୍ତି। ଅଙ୍ଗନବାଡି କର୍ମୀ ଜଣଙ୍କ ନିଜ ଗାଁର ହୋଇଥିଲେ ହେଁ କାହିଁକି କେନ୍ଦ୍ରକୁ ଆସୁନାହାନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ



କରିଛନ୍ତି। ଏ ସଂପର୍କରେ ସିଡିପିଓଙ୍କୁ ଦୁଇ ଥର ଲିଖିତ ଅଭିଯୋଗ କରିବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବାଧ ହୋଇ ଆଜି ଅଙ୍ଗନବାଡି କେନ୍ଦ୍ରରେ ତାଲା ଠୁଙ୍କିଲୁ ବୋଲି ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଆଇଡସିଡିଏ ସୁପରଭାଇଜର ଏବଂ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଶିଶୁମାନଙ୍କୁ ନିୟମିତ ଖାଦ୍ୟ ଦେବା ସହିତ ଅଙ୍ଗନବାଡି କର୍ମୀ କେନ୍ଦ୍ରକୁ ଆସିବା ପରେ ହିଁ ତାଲା ଖୋଲାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସିଡିପିଓ ଏବଂ ଉପଜିଲ୍ଲାପାଳ ଅଙ୍ଗନବାଡି କେନ୍ଦ୍ରକୁ ଆସି ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ତାଲା ଖୋଲାଯିବନି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଅଙ୍ଗନବାଡି କର୍ମୀଙ୍କୁ ପଚାରିବାରୁ ବ୍ୟକ୍ତିଗତ ସମସ୍ୟା ଯୋଗୁଁ ଦୁଇ ମାସ ହେଲା କେନ୍ଦ୍ରକୁ ଯାଉନଥିବା କହିଥିଲେ। ଏସଂପର୍କରେ ବୈପାରିଗୁଡା ସିଡିପିଓ ଜି. ସୀତା କୁମାରୀଙ୍କୁ ଯୋଗାଯୋଗ କରିବାରୁ ଆସନ୍ତାକାଲି ସେମଳିଅଟାଳ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ସେମଳିଅଟାଳ ଗାଁ ଦୁର୍ଗମ ଅଞ୍ଚଳରେ ଥିବାରୁ ନିଜ ଶିଶୁଙ୍କ ଭବିଷ୍ୟତ, ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷା ନିମନ୍ତେ ଅଭିଭାବକମାନେ ଶିଶୁମାନଙ୍କୁ ଅଙ୍ଗନବାଡି କେନ୍ଦ୍ର ପଠାଉଛନ୍ତି। କିନ୍ତୁ ଦୁଇ ମାସ ହେଲା ଶିଶୁମାନେ ପ୍ରାକ୍‌ଶିକ୍ଷାଓ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେବା ପରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ରାମନାଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ (ପିପିଏସ୍): ରାୟଗଡ ଜିଲ୍ଲା ରାମନାଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ମୋଟ ୧୩ଟି ଅଭିଯୋଗ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗ ଗୁଡିକର ତୁର' ଫଇସଲା କରିବା ନିମ' ନିର୍ଦ୍ଦେଶ ଦେଇଥିଲେ । ଆଜିର ୧୩ଟି ଅଭିଯୋଗ ମଧ୍ୟରୁ ୧୦ଟି ବ୍ୟକ୍ତିଗତ ଓ ୩ସାମୁହିକ ଅଭିଯୋଗ ଦାଖଲ ହୋଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲ ମୋହନ ରାଉତ ରାୟ, ଗୁଣପୁର ଉପ ଜିଲ୍ଲାପାଳ ଲଳିତ କୁମାର କହଁର, ପ୍ରକଳ୍ପ ନିର୍ଦ୍ଦେଶକ ଜାଳବିଭାଜିକା ମିଶନ ଡ଼ଃ ଦୟାନିଧି ବାଗ,ପ୍ରମୁଖ ଅଭିଯୋଗ ଗୁଡିକ ଶୁଣାଣି କରିଥିଲେ । ଆଜିର ଏହି ଅଭିଯୋଗ ଶୁଣାଣୀରେ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ପ୍ରଭାତୀ ଝଡ଼ିଆ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅଶୋକ ଶତପଥି, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁରେନ୍ଦ୍ର ଗମାଙ୍ଗ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଯାଜ୍ଞସେନି ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ବିକାଶ ରଂଜନ ଦେହୁରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସ'ୋଷ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ଘସିପୁରା ବିଡିଓଙ୍କ ନାମରେ ଏତଲା

ଆନନ୍ଦପୁର (ହି.ସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍‌ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ଆସୁଥିବା ଅନୁଦାନକୁ କିଭଳି ହରିଲୁଟ୍ କରାଯାଉଛି ତାହାର ଏକ ଉଦାହରଣ ଶାଳଦେଇ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏଠାରେ ବିଦ୍ୟାଳୟର ଖେଳପଡ଼ିଆ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଖେଳପଡ଼ିଆ ନିର୍ମାଣ ନକରି କେବଳ ସୂଚନାଫଳକ ଲଗାଇ ଅନୁଦାନ ରାଶି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ସହ ରାମଚନ୍ଦ୍ରପୁର ଥାନାରେ ଘସିପୁରା ବିଡିଓଙ୍କ ନାମରେ ଏତଲା ଦିଆଯାଇଛି।

## ୪ ଦିନ ହେବ ନିଖୋଜ ପୁଅ, ଥାନାରେ ଦ୍ୱାରସ୍ଥ ବାପା

ଜୟପୁର, (ହି.ସ.): ଚାକିରିଆ ପୁଅ ୪ ଦିନ ହେବ ନିଖୋଜ ହୋଇଛି । ଏନେଇ ନିଖୋଜ ପୁଅର ବାପା ଜୟପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ନିଖୋଜ ନିରଞ୍ଜନ ବାଘ ଜୟପୁର ଆଇଟିଡିଏ ଅଫିସରେ ଏସଏମଏସ ପୋଷ୍ଟରେ ରହି ଭିଡିଭିକେ ଯୋଜନାରେ କାଯ୍ୟ କରୁଥିଲେ । ଗୁରୁବାର କାଯ୍ୟରେ ଯୋଗ ଦେଇଥିଲେ । ଶୁକ୍ରବାର ଠାରୁ ସେ ଅଫିସ ଆସିନଥିବା କାଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି । ୧୨.୫.୨୩ ତାରିଖରୁ ଯୁବକ ଜଣକ ନିଖୋଜ ଅଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ନିରଞ୍ଜନ ବାଘ । ସେ ପାରାବେଢା ସ୍ଥିତ ଏକ ରୁମରେ ଭଡା ରହୁଥିଲେ । ସେ ଜୟପୁର ଆଇଟିଡିଏରେ ୨୦୨୨ ମସିହାରୁ କାଯ୍ୟ କରୁଥିଲେ । ରୁମ ରୁ ବାହାରି ସ୍କୁଟିରେ ଯାଇଥିବା ବେଳେ ତାଙ୍କର କିଛି ଖବର ମିଳୁନାହିଁ । ତାଙ୍କ ନିକଟରେ ମୋବାଇଲ ରହିଛି । କିନ୍ତୁ, ମୋବାଇଲ ସୁଇଚ ଅଫ ରହିଛି । ବହୁ ଖୋଜାଖୋଜି କରି ପୁଅର ସନ୍ଧାନ ନପାଇବାରୁ ବାପା ସହଦେବ ବାଘ ଜୟପୁର ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ଅଧିକାରି ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି ।

## ହେମଗିର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ସୁନ୍ଦରଗଡ଼, (ପିପିଏସ): ହେମଗିର ବ୍ଲକ ପରିସରରେ ଜିଲ୍ଲାପାଳ ଡା. ପରାଗ ଗଭାଲି ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀରେ ମୋଟ ୧୨୫ ଟି ଅଭିଯୋଗ ଆସିଥିଲା ଓ ସେଥି ମଧ୍ୟରୁ ୮୫ ଟି ବ୍ୟକ୍ତିଗତ ସମସ୍ୟା ଜନିତ ଅଭିଯୋଗ ଗୁଡିକ ଥିବାବେଳେ ୪୦ ଟି ସାମୁହିକ ସମସ୍ୟା ଜନିତ ଅଭିଯୋଗ ଗୁଡିକ ରହିଥିଲା ଓ ୨୩ ଗୋଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ ହୋଇଥିଲା ଓ ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ ଟି ଆବେଦନ ଦାଖଲ ହୋଇଥିଲା ଓ ଅଭିଯୋଗ ଗୁଡିକ ମଧ୍ୟରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା, ରାସ୍ତା ଘାଟ ନିର୍ମାଣ ତଥା ମରାମତି, ବିସ୍ଥାପିତ ସମସ୍ୟା ଆଦି ରହିଥିଲା ଓ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ମୁଖ୍ୟ ଉନ୍ନୟନ୍ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ମନୋଜ ମହାଜନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗଦୀଶ ମହାନନ୍ଦ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରାର ଦୁଇ ଅଭିଯୁକ୍ତ ଗିରଫ

ଜୟପୁର, (ହି.ସ): ଫେରାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ବିଷେଇପୁଟର ଜଗନ୍ନାଥ କନ୍ଦପାନ (୩୭) ଓ ମୁଳାସର ଗ୍ରାମର ଲେଲି ହରିଜନ (୫୩) । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ବିଷେଇପୁଟର ଜଗନ୍ନାଥ କନ୍ଦପାନ ଓ ମୁଳାସର ଗ୍ରାମର ଲେଲି ହରିଜନ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଦୁଇ ଅଭିଯୁକ୍ତ ଫେରାର ଥିବା ବେଳେ ଆଜି ପୋଲିସ ସୁଚନା ପାଇ ଚଢାଉ କରି ଦୁଇ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

## ବହଳଦାରେ ଗୁଳିକାଣ୍ଡ ଓ ମରଣାନ୍ତକ ଆକ୍ରମଣ: ୨ ଗୁରୁତର



ରାଇରଙ୍ଗପୁର (ହି.ସ): ଆକ୍ରମଣ କାରୀ ୩ ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣକୁ ପିଟି ପିଟି ମାରିଦେଲେ ଉତ୍ୟକ୍ତ ଲୋକେ। ଆଜି ରାତ୍ରୀ ୯.୩୦ ପାଖାପାଖି ସମୟରେ କବାଟ ରେ ଠକ୍‌କ୍ ଶବ୍ଦ ଶୁଣି କାର୍ତ୍ତିକ ସ୍ୱାଇଁ (୨୫) କବାଟ ଖୋଲିବାରୁ ତିନିଜଣ ଦୁର୍ବୃତ୍ତ ଙ୍କ ମଧ୍ୟରୁ ଜଣେ କାର୍ତ୍ତିକ ସ୍ୱାଇଁଙ୍କୁ ଗୁଳି ମାଡ କରିଥିଲା ଶବ୍ଦ ଶୁଣି ଗୌରବ କୁମାର ଦାସ ପାଖକୁ ଆସିବାରୁ ଉଭୟଙ୍କୁ ଗୁଳିମାଡ଼ କରିଥିଲେ। ଶରିରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା । ଗୌରବଙ୍କୁ ପଡ଼ୋଶୀ ଝାଡ଼ଖଣ୍ଡର ଟିଏମ୍ଏଚ ମେଡିକାଲକୁ ପଠା ଯାଇଥିବାବେଳେ କାର୍ତ୍ତିକଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଏନେଇ ରାଇରଙ୍ଗପୁରଙ୍କ ଏସଡିପିଓ ଗକୁଳା ନନ୍ଦ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁର ଓ ବହଳଦା ପୋଲିସ ଘଟଣାର ଅଧିକ ତଦନ୍ତ କରୁଛନ୍ତି । ଏନେଇ ବହଳଦା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମାଓବାଦୀ ଖଞ୍ଜିଥିବା ଆଇଇଡିକୁ ନିଷ୍କ୍ରିୟ କଲେ ବିଏସ୍ଏଫ୍ ଯବାନ

ମାଲକାନଗିରି (ହି.ସ): ମାଲକାନଗିରି ଜିଲ୍ଲା ଏମଭି-୭୯ ଥାନା ଅନ୍ତର୍ଗତ ସୁଧାକୋଣ୍ଡା-ଆମପଦର କଲର୍ଭଟ ନିକଟରୁ ବିଏସ୍ଏଫ୍ ଯବାନମାନେ ଆଇଇଡିକୁ ନିଷ୍କ୍ରିୟ କରିଛନ୍ତି। ସୂଚନା ଅନୁଯାୟୀ, ବିଏସ୍ଏଫ୍ ୧୪୨ ବାଟାଲିଆନ ଯବାନମାନେ ଆଜି ସକାଳୁ ତେଲରାଇ ଗ୍ରାମପଞ୍ଚାୟତର ସୁଧାକୋଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ କରିଥିଲେ। ସୁଧାକୋଣ୍ଡା-ଆମପଦର ଗ୍ରାମ ମଧ୍ୟରେ ରହିଥିବା କଲର୍ଭଟ ନିକଟରେ ଗଛ ତଳେ ଆଇଇଡି ବୋମା ଖଞ୍ଜା ଯାଇଥିଲା। ମାଓବାଦୀମାନେ ଏହାକୁ ଖଞ୍ଜିଥିବା କୁହାଯାଉଛି। ଯବାନମାନେ ସେଠାରୁ ୩ ଲିଟର ବିଶିଷ୍ଟ ଟିଫିନ୍ ଆଇଇଡି, ଗୋଟିଏ ଇଲୋଟ୍ରୋନିକ୍ସ ଡିଟୋନେଟର ଓ ୨୦ ଫୁଟ ଲମ୍ବର ଇଲେକ୍ଟ୍ରି ତାର ଜବତ କରିଥିଲେ। ସେଠାରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଆଇଇଡି ବୋମାକୁ ନିଷ୍କ୍ରିୟ କରିଥିଲେ।

## ବଲାଣି ଖଣିରେ ସ୍ଥାୟୀ ନିଯୁକ୍ତିରେ ବାହାର ରାଜ୍ୟର ଯୁବକଙ୍କୁ ଭର୍ତ୍ତି

# ଆନ୍ଦୋଳନ ପାଇଁ ବାସିନ୍ଦାଙ୍କ ପ୍ରସ୍ତୁତି

ବଲାଣି, (ହି.ସ.): ରତ୍ନଗର୍ଭା କେନ୍ଦୁଝର ଖଣି ଓ କାରଖାନା ନିମନ୍ତେ ବିଶ୍ୱ ପରିଚିତ । ତେବେ ଖଣି ଖାଦାନ ଓ କାରଖାନା ଥାଇ ମଧ ଏଠାକାର ବେକାର ଯୁବକ ଯୁବତୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ସ୍ଥାନୀୟ ରାଜନୈତିକ ଦଳର ନେତାଙ୍କ ସ୍ଥାଣୁତା ଓ ଅପାରଗ ପ୍ରଶାସନ ଯୋଗୁଁ ଖଣି ଖାଦାନ ଭରା ଜିଲାରେ ଦିନକୁ ଦିନ ବେକାରୀ ସମସ୍ୟା ବୃଦ୍ଧି ପାଉଛି । ଜିଲାର ଖଣି ଖାଦାନ ଗୁଡିକରେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା ବେଳେ ଏଠାକାର ଖଣି ଖାଦାନ ଦ୍ୱାରା ପ୍ରଭାବିତ ସ୍ଥାନୀୟ ବାସିନ୍ଦା ବେକାର ହୋଇ ବସୁଛନ୍ତି । ସ୍ଥାନୀୟ ବାସିନ୍ଦା ନିଜର ହକ୍ ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇଲେ କମ୍ପାନୀ କର୍ତ୍ତୃପକ୍ଷଙ୍କ ହାତ ବାରିସୀ ସାଜି ପୁଲିସ ଗିରଫ ଭୟ ଦେଖାଇ ଲୋକଙ୍କୁ ଭୟଭୀତ କରୁଛି । ତେବେ ଯୋଡ଼ା ବ୍ଲକ ବଲାଣିରେ ରହିଥିବା ରାଷ୍ଟ୍ରାୟତ ଉଦ୍ୟୋଗ ସେଲ୍ ର ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଓଡିଶା ଗ୍ରୁପ ଅଫ ମାଇନ୍ସ ର ସବୁଠାରୁ ବଡ଼ ଖଣି ବଲାଣି ଖଣିରେ ବିଗତ କିଛି ଦିନ ଭିତରେ ଅଣ ଅଧିକାରୀ ସ୍ତରରେ ନିଯୁକ୍ତିରେ ବାହାର ରାଜ୍ୟର ଲୋକଙ୍କୁ ଭର୍ତି କରିବାକୁ ନେଇ ବଲାଣି ଅଂଚଳର ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତେଜନା ଦେଖା ଦେଇଛି । ପ୍ରାପ୍ତ ସୂଚନା ଅନୁସାରେ, ବିଗତ ଗୋଟିଏ ମାସ ଭିତରେ ଏସ୍-୧ ଓ ଏସ୍-୩ ପଦବୀରେ ପର୍ଯ୍ୟାୟ କ୍ରମେ ବଲାଣି ଖଣିରେ ୭୦ରୁ ଉର୍ଦ୍ଧ୍ୱ ନିଯୁକ୍ତି ସରିଥିବା ବେଳେ ଜିଲ୍ଲାରୁ କିମ୍ବା ରାଜ୍ୟରୁ ଗୋଟିଏ ମଧ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଏହି ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ବେଳେ ଆଗାମୀ ଦିନ ମାନଙ୍କରେ ୨୦୦ରୁ ଅଧିକ ପଦବୀରେ ଭର୍ତି କରାଯିବ ବୋଲି ସୂଚନା ରହିଛି । କିନ୍ତୁ, ପରିତାପର ବିଷୟ ଯେ ଖଣି ଦ୍ୱାରା ପ୍ରଭାବିତ ଅଂଚଳର ଲୋକେ ଜମି ଜାଗା ହରାଇ ଧୂଳି ଧୂଆଁ ଖାଇ ରୋଗାଗ୍ରସ୍ତ ହେଉଥିବା ବେଳେ ଖଣିରେ ଚତୁର୍ଥ ଶ୍ରେଣୀ ସ୍ଥାୟୀ ନିଯୁକ୍ତିରେ ମଧ ସୁଯୋଗ ପାଉ ନାହାଁନ୍ତି । ତେବେ ଏହାକୁ ନେଇ ଶାସକ ଦଳ ଓ ବିରୋଧୀ ଦଳ କିମ୍ବା ସ୍ଥାନୀୟ ଖଣିର ଶ୍ରମିକ ସଂଗଠନର ନେତୃବୃନ୍ଦ ମୁହଁ ଖୋଲୁନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହା ବ୍ୟତୀତ ବଲାଣି ଖଣିରେ ସ୍ଥାନୀୟ ଖଣି ପ୍ରଭାବିତ ଅଂଚଳର ୧୫୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ କମ୍ ଦରମାରେ ସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟ କରିବା ସହିତ ବିଭିନ୍ନ ବିଭାଗରେ କୁଶଳୀ ହୋଇ ସାରିଥିଲେ ସୁଦ୍ଧା ଉକ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ବାହାର ରାଜ୍ୟର ଯୁବକଙ୍କୁ ନିଯୁକ୍ତି ଦେଉଥିବାରୁ ଠିକା ଶ୍ରମିକଙ୍କ ମଧ୍ୟରେ ବିରୋଧାଭାସ ଦେଖାଦେଇଛି । ଏ ନେଇ ଉଭୟ ବଲାଣି ଓ ବାଲାଗୋଡ଼ା ତଥା ବଲାଣି ଖଣି ଟାଉନସିପ୍ ର ବେକାର ଯୁବକ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ବେଳେ ଶାସକ ଦଳର ସ୍ଥାନୀୟ ନେତା ଓ ବିରୋଧୀ ଦଳର ସ୍ଥାନୀୟ ନେତାଙ୍କ ବିରୋଧରେ ପୋଷ୍ଟର ଟାଙ୍ଗି ବିରୋଧ କରିବା ସହିତ ବଲାଣି ଖଣି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

# କାନମୁର୍ଲା ନାଳ ଉପରେ ସେତୁ ନିର୍ମାଣ ପାଇଁ ଦାବି

ଲେଫ୍ରିପଡ଼ା (ହି.ସ): ସର୍ଗିପାଲି-କାଲୋବାହାଲ ଭାୟା ଅଉଁଲାବାହାଲ ଆର୍‌ଡି ରାସ୍ତା ଏମ୍‌ସିଏଲ୍ ରାସ୍ତାକୁ ସଂଯୋଗ କରୁଛି। ଏରାସ୍ତା ଦେଇ ହେମଗିର ବ୍ଲକ୍ ତଥା ଏମ୍‌ସିଏଲ୍‌ରୁ ସୁନ୍ଦରଗଡ଼କୁ ନିୟମିତ ଗାଡ଼ି ଚଳାଚଳ କରିଥାଏ। ଏହାଛଡା ଲେଫ୍ରିପଡା ବ୍ଲକ୍ ?ର ଝୁରିମାଲ ପଞ୍ଚାୟତବାସୀଙ୍କ ସର୍ଗିପାଲି ଏବଂ ସୁନ୍ଦରଗଡ଼ ଯିବା ଆସିବାର ମୁଖ୍ୟ ରାସ୍ତା ହୋଇଥିବାବେଳେ ରାଏଡିହି, ଦର୍ଲିପାଲି, ବଡ଼ବଙ୍ଗା, ରାଏବଗା ପଞ୍ଚାୟତ ସମେତ ଟାଙ୍ଗରପାଲି ବ୍ଲକ୍ ଅଞ୍ଚଳର ଅଧିକାଂଶ ଗାଁ ର ଲୋକେ ଏ ରାସ୍ତା ଦେଇ ଲେଫ୍ରିପଡ଼ା, ସରଫଗଡ଼ ଆଦି ଅଞ୍ଚଳକୁ ଯା'ଆସ କରିଥାନ୍ତି। ତେବେ ରାସ୍ତାର ଶ୍ରୀଭୂବନପୁର-ଦିଆମୁଣ୍ଡା ସୀମାରେ ଥିବା କାନମୁର୍ଲା



ନାଳରେ ଅଦ୍ୟାବଧି ସେତୁ ନିର୍ମାଣ ହୋଇ ନଥିବାରୁ ଅନେକ ସମୟରେ ଏଠାରେ ଛୋଟବଡ଼ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଚାଲିଯାଉଛି। ସଂପ୍ରତି ନାଳ ଉପରେ ଏକ ରପଟା ନିର୍ମାଣ ହୋଇଥିବାବେଳେ ସାଇଡ୍ ପିଲାର ମଧ ନାହିଁ। ବର୍ଷା ଦିନେ ରପଟା ଉପର ଦେଇ ପାଣି ପ୍ରବାହିତ ହୋଇଥାଏ। ଏଣୁ ଏଠାରେ ଏକ ସେତୁ ନିର୍ମାଣ ଅତ୍ୟନ୍ତ ଜରୁରି ହୋଇ ପଡ଼ିଛି। ଅନ୍ୟପକ୍ଷରେ ଏହି ନାଳ ଉପରେ ସେତୁ ନିର୍ମାଣ ପାଇଁ ପୂର୍ବତନ ବିଧାୟକ ଯୋଗେଶ ସିଂହ ତାଙ୍କ ଅବଧି କାଳରେ ଗ୍ରାମ୍ୟ ନିର୍ମାଣ ବିଭାଗକୁ ବାରମ୍ବାର ପ୍ରସ୍ତାବ ଦେବା ସତ୍ତ୍ୱେ ମଧ ଆଜକୁ ୧୦ ବର୍ଷ ହେବ ଆର୍‌ଡି ବିଭାଗ ଅବହେଳା କରିଚାଲିଛି। ଏଣୁ ବିଜୁ ସେତୁ ଯୋଜନାରେ ଏକ ସେତୁ ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନବନିର୍ମିତ ବୁଢ଼ି ମା'ମନ୍ଦିରର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଆରମ୍ଭ

ସୁବର୍ଣ୍ଣପୁର, (ହି.ସ.): ସହରର ଢେରାପଡା ଠାରେ ସଂପୂର୍ଣ୍ଣ ଦକ୍ଷିଣଭାରତୀୟ ଢାଂଚାରେ ନୂତନଭାବେ ନିର୍ମିତ ମା ବୁଢ଼ିମା ଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ମହା ସମାରୋହରେ ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଗତକାଲି ସନ୍ଧ୍ୟାରେ ଢେରାପଡା ସ୍ଥିତ ବୁଢ଼ିମା ଯୁବକ ସଂଘ ଠାରେ ଏକ ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରାଯାଇଛି। ବର୍ତମାନ ପର୍ଯ୍ୟନ୍ତ ମାଙ୍ଗଳିକ, ବାସୁଦେବ ପୂଜା ତଥା ଦେବନିମନ୍ତ୍ରଣ, ଭୂମିପୂଜା, ନୃସିଂହ ଯଜ୍ଞ, ବରାହ ଓ କୃମ ଅନନ୍ତ ପୂଜାନ୍ତେ ଯଜ୍ଞଧ୍ୱଜା ଉତ୍ତୋଳନ କାର୍ଯ୍ୟକ୍ରମ ସରିଥିବା ବେଳେ ଅଙ୍କୁରାରୋପଣ, ଶୁକ୍ଳ ଦ୍ୱିତୀୟା ରବିବାର ୨୧ ତାରିଖରେ କଳସାଧିବାସ ଓ ମଣ୍ଡଳବିଧାନ ସହ କଳସାନୟନ, ମଣ୍ଡପ ପୂଜାବିଧାନ ଚତୁର୍ଥୀ ଲଗ୍ନେ ଶାଖାମୂର୍ତ୍ତୀ ମହାସ୍ନାନ, ଶୁକ୍ଳପଂଚମୀରେ ମନ୍ଦିର ଅଧ ଉର୍ଦ୍ଧ୍ୱ ଶୋଧନ ସହିତ ଦେବ ଦେବ ମହାଦେବ ଲିଙ୍ଗ ଓ ପାର୍ଶ୍ୱଦେବତା ମନ୍ଦିରେ ସ୍ଥାପନ ଓ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହେବ। ୨୫ ତାରିଖ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ଗୁରୁବାର ପୂର୍ଣ୍ଣ ।ହୂତି ପୂର୍ବକ ମା ବୁଢ଼ିମା ଠାକୁରାଣୀଙ୍କ ମନ୍ଦିର ବିଜେ କାର୍ଯ୍ୟକ୍ରମ ରହିଛି। ପ୍ରକାଶ ଯୋଗ୍ୟଯେ, ସଂପୂର୍ଣ୍ଣ ଦକ୍ଷୀଣ ଭାରତୀୟ ଢାଂଚାରେ ନିର୍ମିତ ଏହି ମନ୍ଦିର ନିର୍ମାଣରେ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ବେଳେ ଏହା ମନ୍ଦିର ମାଳିନୀ ସୁବର୍ଣ୍ଣପୁରକୁ ଆସୁଥିବା ପର୍ଯ୍ୟଟକଙ୍କୁ ବହୁମାତ୍ରାରେ ଆକୃଷ୍ଟ କରିବ ବୋଲି କମିଟି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

## ବ୍ୟୟ ଅଟକଳ ୨୫ କୋଟିରୁ ବଢ଼ି ହେଲା ୪୦ କୋଟି

# ଜରାନିବାସ ନିର୍ମାଣ ସରିବ କେବେ ?



- ଜରାନିବାସର ସାମ୍ନା ଚକ୍ ଚକ୍ ଭିତର ଫମ୍ପା
- ବ୍ୟବହାର ହେଉଛି ନିମ୍ନମାନର ରଡ୍

**ଧାମନଗର (ପିପିଏସ):** ଧାମନଗର ଦୋବଲ ରାସ୍ତାର ରାଣୀପୋଖରୀ ଆଡିରେ ନିର୍ମାଣାଧୀନ ଜିଲ୍ଲାସ୍ତରୀୟ ପ୍ରକଳ୍ପ ଜରାନିବାସ। ୨୦୧୮ ମସିହାରେ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟାରେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଏହି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ୨୦୨୨ ସୁଦ୍ଧା କାର୍ଯ୍ୟକାରୀ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ମାତ୍ର ଏବେ ୪୦ କୋଟି ଟଙ୍କା ଖର୍ଚ୍ଚ ସରିଥିଲେ ମଧ୍ୟ ନିର୍ମାଣ ଅବଧି ଠାରୁ ଏକ ବର୍ଷ ଅଧିକ ସମୟ ଅପଚୟ ହେଲାଣି। ଖାଲି କୋଠା ତିଆରି ଓ କିଛି ରଙ୍ଗ ମରାଯାଇଥିଲେ ମଧ୍ୟ ଭିତର ଆନୁସଙ୍ଗିକ କାର୍ଯ୍ୟ ଏଯାଏଁ ସରିନି। ନିମ୍ନ ମାନର ରଡ, ସିମେଣ୍ଟ, ଓ ଚିପ୍ସ ବ୍ୟବହାର ନେଇ ବାରମ୍ୱାର ଗଣମାଧ୍ୟମରେ ପ୍ରକାଶ ହୋଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଧୃତରାଷ୍ଟ୍ର ଓ ଠିକାଦାର କୁମ୍ଭକର୍ଣ୍ଣ ସାଜିଛନ୍ତି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଥିରେ ଇଲେକ୍ଟ୍ରିକ ୱ୍ୱାରିଂ ସରିଥିଲେ ମଧ୍ୟ ତାହା ପ୍ରାୟ ଚୋରି ହୋଇଗଲାଣି। ଏତେ ବଡ ପ୍ରକଳ୍ପ ହୋଇଥିଲେ ମଧ୍ୟ ଏହାର ସୁରକ୍ଷା ପାଚେରୀ ନାହିଁ। ଏହି ସମନ୍ୱିତ ଭିତ୍ତିଭୂମି ପ୍ରକଳ୍ପ ବା ଜରା ନିବାସରେ ବାର୍ଦ୍ଧକ୍ୟରେ ଉପନୀତ ଅନାଶ୍ରିତ ମାନେ ରହିବା ସହ ମନ୍ଦିର, ଭଜନ ଗୃହ, ଉଦ୍ୟାନ ଓ ଭିନ୍ନକ୍ଷମ ରହଣୀ ସ୍ଥଳ ରହିବ। ଏଥି ସହିତ ଏଠାରେ ଫିଜିଓଥୋରାପି, ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି ନିର୍ମାଣ ହେବ। ଏହି ପ୍ରକଳ୍ପ ନିମ୍ନମାନର ହେଲେ ଭବିଷ୍ୟତରେ ବହୁ ଧନ ଜୀବନ ହାନିର ଭୟ ମଧ୍ୟ ରହିବ। ବାରମ୍ୱାର ନିର୍ମାଣ କାର୍ଯ୍ୟର ନିମ୍ନ ମାନ ଓ ମନ୍ଥରତା ନେଇ ଅଭିଯୋଗ ପରେ ବିଭାଗୀୟ ଅଧିକାରୀ ଓ ଭଦ୍ରକ ଜିଲ୍ଲାପାଳ ପରିଦର୍ଶନ ସହ ସମୀକ୍ଷା କରିଥିଲେ ମଧ୍ୟ ନିର୍ମାଣ କର୍ତ୍ତୃପକ୍ଷଙ୍କ ବେଫିକର ନୀତି ପାଇଁ ଏହାର କାର୍ଯ୍ୟ ଯେଉଁ ତିମିରେକୁ ସେହି ତିମିରେ। ଭିଜିଲାନ୍ସ ବିଭାଗ ଉଚ୍ଚ ପଦାଧିକାରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।



## ଡିବିର ଆଲୁଅରେ ବିତୁଛି ଜୀବନ

# ୭୮୯୩ ପରିବାରକୁ ନାହିଁ ବିଜୁଳି ସଂଯୋଗ



**ଫୁଲବାଣୀ (ହି.ସ):** ଏବେ ବି ବିଜୁଳି ଆଲୁଅ ସ୍ୱପ୍ନ। ସଞ୍ଜ ନଇଁଲେ ଘନ ଅନ୍ଧାର। ପଡ଼ିଯାଉଛି ତାଟିକବାଟ। କନ୍ଧମାଳ ଜିଲ୍ଲାର ୨୦୦୦ ପଡ଼ା ଗାଁ ମଧ୍ୟରୁ ୮୫୦ ଗାଁର ଲୋକେ ଏଭଳି ଯନ୍ତ୍ରଣା ବର୍ଷ ବର୍ଷ ଧରି ଭୋଗି ଆସୁଛନ୍ତି। ଏହିସବୁ ପଡ଼ା ଗାଁ'ର ମୋଟ ୭୮୯୩ ପରିବାର ବିଜୁଳି ସଂଯୋଗ ପାଇ ନଥିବା ଫୁଲବାଣୀ ବିଦ୍ୟୁତ (ଟାଟା ପାୱାର) ଡିଭିଜନ ପକ୍ଷରୁ ସୂଚନା ମିଳିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରୁଛନ୍ତି, ସବୁ ଗାଁକୁ ବିଜୁଳି ଯିବ, କେହି ଅନ୍ଧାରରେ ରହିବେ ନାହିଁ। ମାତ୍ର, ବାସ୍ତବ ଚିତ୍ର ଭିନ୍ନ। ବିଜୁଳି ନଥିବାରୁ ଲୋକେ କିରାସିନି ଡିବିର ଆଲୁଅ ଉପରେ ନିର୍ଭର କରୁଛନ୍ତି। ହେଲେ କିରାସିନି ଦର ଲିଟର ପିଛା ୯୦ରୁ ଶହେ ଟଙ୍କା ହୋଇଥିବା ବେଳେ ସହଜରେ ଏହା ଜଙ୍ଗଲ ଘେରା ଗାଁ ମାନଙ୍କରେ ଉପଲବ୍ଧ ହେଉନାହିଁ। ସହରକୁ ଆସିଲେ ସପ୍ତାହକ ପାଇଁ କିରାସିନି ନେଲେ ଡିବିର ଜଳିବ। ନଚେତ ନାହିଁ। ବିଦ୍ୟୁତ ଯୋଗାଣ ପାଇଁ ସୌଭାଗ୍ୟ ଯୋଜନା, ଦୀନଦୟାଲ ଯୋଜନା, ବିଜୁ ଜ୍ୟୋତି ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି। ମାତ୍ର, କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଞ୍ଚଳର ଲୋକେ ଏହି ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ଜିଲ୍ଲାର ଦୁର୍ଗମ ଫିରିଙ୍ଗିଆ, କୋଟଗଡ଼, ତୁମୁଡ଼ିବନ୍ଧ, ଦାରିଙ୍ଗିବାଡ଼ି ବ୍ଲକ୍‌ର ଅଧିକାଂଶ ପଡ଼ା ଗାଁକୁ ବିଜୁଳି ଯୋଗାଣ ସମ୍ଭବପର ହୋଇପାରି ନାହିଁ। ଜିଲ୍ଲା ବିଦ୍ୟୁତ୍ କମିଟିରେ ଏହି ସମସ୍ୟା ନେଇ ଆଲୋଚନା ହେବା ପରେ ମଧ୍ୟ ଏହାର ସମାଧାନ ଦିଗରେ କେ ?ଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କାହିଁକି ଓ କେଉଁ ପରିପ୍ରେକ୍ଷୀରେ ଏତେ ସଂଖ୍ୟକ ପଡ଼ା ଗାଁକୁ ବିଜୁଳି ଯୋଗାଣ ହୋଇପାରୁ ନାହିଁ ବୋଲି ଗତ ବିଦ୍ୟୁତ୍ କମିଟିରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ପ୍ରଶ୍ନ କରିଥିଲେ। ଦୁର୍ଗମ ଅଞ୍ଚଳକୁ ରାସ୍ତାଘାଟ ନଥିବାରୁ ବିଜୁଳି ସଂଯୋଗ ହୋଇପାରୁ ନାହିଁ ବୋଲି ଫୁଲବାଣୀ ବିଦ୍ୟୁତ ବିଭାଗ (ଟାଟା ପାୱାର) ପକ୍ଷରୁ ସଫେଇ ଦିଆଯାଇଥିଲା। ସମସ୍ୟା ଯାହା ହେଉନା କାହିଁକି, ଏହିସବୁ ପଡ଼ା ଗାଁକୁ କେବେ ବିଜୁଳି ସଂଯୋଗ ହେବ ବୋଲି ପ୍ରଶ୍ନ ଉଠିଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗର ମନମୁଖୀ କାର୍ଯ୍ୟ

# ନିମ୍ନମାନର କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦେଉଛନ୍ତି କି ବିଭାଗୀୟ ଅଧିକାରୀ ?

**ହିଞ୍ଜିଳିକାଟୁ (ପିପିଏସ୍):** ଗ୍ରାମାଞ୍ଚଳର ଉନ୍ନତି ଓ ବିକାଶ ନେଇ ରାଜ୍ୟ ସରକାର ଦେଉଛନ୍ତି ଗୁରୁତ୍ୱ । ଏନେଇ ରାଜକୋଷରୁ ବ୍ୟୟ ହେଉଛି ଲକ୍ଷ ଲକ୍ଷ ଟଙ୍କା ହେଲେ ସରକାରଙ୍କ ବାସ୍ତବ ଲକ୍ଷ୍ୟ ଉଦ୍ଦେଶ୍ୟକୁ ଅଣଦେଖା କରୁଛନ୍ତି ବିଭାଗୀୟ ଅଧିକାରୀ । ଲାଭଖୋର ମନବୃତ୍ତିରେ ପ୍ରଚୁର ମୁନାଫା ଆଶାରେ ଚାଲିଛି ନିମ୍ନମାନର କାର୍ଯ୍ୟ । ଗୁଣାତ୍ମକ କାର୍ଯ୍ୟ ବଦଳରେ ଚାଲୁଛି ନିମ୍ନମାନର କାମ । ନିମ୍ନମାନର କାମକୁ ପ୍ରୋତ୍ସାହନ ଦେଉଛନ୍ତି କି ବିଭାଗୀୟ ଅଧିକାରୀ । ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରୁଛନ୍ତି ହେଲେ ଗୁହାରୀ ଶୁଣିବା ପାଇଁ ଏଠି କେହି ନାହାଁନ୍ତି । ଗୋଟିଏ ବର୍ଷ ନପୂରୁଣୁ ସିମେଣ୍ଟ ଛାଡ଼ି ଦେଖାଯାଉଛି ଗୋଡ଼ି। କାମ ସରିଲା ପରେ ପୁଣି କାମକୁ ଜଗିରହିଛି ସେହି କାମ । ଏଭଳି ନିମ୍ନମାନର କାମ କରାଯାଉଥିବାର ଦେଖିବାକୁ ମିଳିଛି ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ।

ସୂଚନା ଅନୁସାରେ ହିଞ୍ଜିଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଛି ରାସ୍ତା ପ୍ରଶସ୍ତିକରଣ । ରାଜ୍ୟ ରାଜପଥ ୩୬ ଶିକିରି ଠାରୁ ଆରମ୍ଭ ହୋଇ ଗିରିଆ , ଆଲପୁର ଗ୍ରାମ ଦେଇ ଅନ୍ତରୀ ଗାଁ କୁ ଯାଇଛି ରାସ୍ତା । ରାସ୍ତାରେ ଚାଲିଛି ପ୍ରଶସ୍ତିକରଣ କାର୍ଯ୍ୟ । ସିମେଣ୍ଟ କଂକ୍ରିଟରେ ନିର୍ମିତ ହେବ ପ୍ରଶସ୍ତିକରଣ କାର୍ଯ୍ୟ । ପ୍ରଶସ୍ତିକରଣ ସକାଶେ ରାସ୍ତାର ପାର୍ଶ୍ୱକୁ ଖୋଳାଯାଇଥିବା ଗାଡ଼ର ଉଚ୍ଚତା ,ମେଟାଲ ଚିପ୍ସ ବାଲିର ପରିମାଣ ଓ ଢ଼ଳେଇ ହୋଇଥିବା ସିମେଣ୍ଟ ,ମେଟାଲ ,ବାଲି ଚିପ୍ସର ପରିମାଣ ଓ ଗୁଣାତ୍ମକକୁ ନେଇ ପ୍ରଶ୍ନ ଉଠୁଛି ଅଞ୍ଚଳରେ । କାମ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହନ୍ତି ନାଁ କୁ ମାତ୍ର । ଶୁଣିବାରେ ମିଳୁଛି ଯନ୍ତ୍ରୀ କୁଆଡେ ଶେରଗଡ଼ ଆର .ଡି ସହିତ ଏକ ରୁ ଅଧିକ ଆର .ଡି କାର୍ଯ୍ୟାଳୟର ଦାୟିତ୍ୱ ନେଇଛନ୍ତି । ଅନୁପସ୍ଥିତର ସୁଯୋଗ ନା ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଲୁଛି କାମ ବୋଲି ଅଭିଯୋଗ ଉଠୁଛି ଗ୍ରାମରୁ । ପୁରଣା କଂକ୍ରିଟକୁ ଲେପନ ଚାଲିଛି ନୁଆଁ ସିମେଣ୍ଟ ଢଳେଇ । ନା ରହିଛି ପ୍ଲେଟ ଭାଇଭଟର ନା ଉପସ୍ଥିତ ବିଭାଗୀୟ କର୍ମଚାରୀ । ଏହି ବାବଦରେ ହିଞ୍ଜିଳି ଆର. ଡି ବିଭାଗର ସହକାରୀ ଯନ୍ତ୍ରୀ ଫୋନ ମାଧ୍ୟମରେ ପଚାରିବୁଝିବା ବେଳକୁ ଉତ୍ତର ମିଳେ କାର୍ଯ୍ୟ ଠିକ ଚାଲୁଛି । ଠିକ ସେହିପରି ଗିରିଆ ଠାରେ ପୁର୍ବରୁ ହୋଇଥିବା ସିମେଣ୍ଟ ଢ଼ଳେଇ ଗୁଡି ଦେଖାଯିବା ବାହାରି ଲାଣି । ଏସବୁ ଲକ୍ଷ୍ୟ କଲେ ଗାଁ ଲୋକେ କହନ୍ତି ଠିକାଦାର ଓ ଯନ୍ତ୍ରୀ ଙ୍କ ମିଳିଭଗତ ରେ କାର୍ଯ୍ୟ ଚାଲୁନାହିଁତ ? ଠାଏଁ ଠାଏଁ ରାସ୍ତା ପ୍ରଶସ୍ତି କରଣ ଏବଂ ଗୋଟିଏ ବର୍ଷ ନଯାଉଁଣୁ କାର୍ଯ୍ୟ ଶେଷ ହୋଇଥିବା ଗିରିଆ ଗ୍ରାମର ଦୁଇ ପାର୍ଶ୍ୱରେ କଂକ୍ରିଟ କୁ ଲକ୍ଷ୍ୟ କଲେ ଉକ୍ତ ବିଭାଗରେ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛ ତାହା ଦେଖିବାକୁ ରହିଲା । ଉକ୍ତ କାର୍ଯ୍ୟ ର ଗୁଣବତ୍ତା ଓ କାର୍ଯ୍ୟ ଶୈଳୀ କୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ କ୍ୟାମେରା ସମ୍ମୁଖକୁ ଆସିବା ପାଇଁ ମନା କରିଦେଇଛନ୍ତି ଗାଁ ଲୋକେ ।କୁଆଡେ ଶୁଣିବାକୁ ମିଳୁଛି ତୁଣ୍ଡ ଖୋଲିଲେ ମିଳୁଛି ଦଣ୍ଡ ।ଫଳରେ ତୁଣ୍ଡରେ ବନ୍ଧା ପଡିଛି ତୁଣ୍ଡି ର ସମ୍ଭାବନା । ଗଂଜାମ ଜିଲ୍ଲାର ଜିଲ୍ଲାପାଳ ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ନେଇ କାର୍ଯ୍ୟର ତଦନ୍ତ କରନ୍ତୁ ବୋଲି ସ୍ଥାନୀୟ ଜନସାଧାରଣ ସହ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳିଛି ।







# ଖତଖାଉଛି ଥଣ୍ଡା ପାନୀୟଜଳ ମେସିନ

**ଲହୁଣିପଡ଼ା (ହି.ସ):** ରାଜାମୁଣ୍ଡା ପଞ୍ଚାୟତର ରାଜାମୁଣ୍ଡା ମୁଖ୍ୟ ଛକରେ ଥିବା ଥଣ୍ଡା ପାନୀୟଜଳ ମେସିନଟି ଅଚଳ ଭାବେ ପଡ଼ି ରହିଥିବା ଯୋଗୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ଖରାଦିନେ ଲେଶକେ ପାଣିମୁନ୍ଦେ ପାଇଁ ତହଲବିକଳ ହେଉଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ଅଚଳ ପଡ଼ିବାକୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରକଳ୍ପରୁ ରାଜାମୁଣ୍ଡା ଅଞ୍ଚଳର ଦୋକାନୀ ଓ ସାଧାରଣ ପଥଚାରୀ ଉପକୃତ ହେଉଥିଲେ। ମାତ୍ର ଦୀର୍ଘଦିନ ଧରି ଏହି ପ୍ରକଳ୍ପଟି ଅଚଳ ରହିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ପ୍ରକଳ୍ପଟି ସ୍ଥାନୀୟ ଏକ କାରଖାନାର ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ କରାଯାଇଥିଲା। କିନ୍ତୁ ୨ ବର୍ଷ ପ୍ରକଳ୍ପ ଅଚଳ ପଡ଼ିଥିଲେ ବି ନା କମ୍ପାନି କର୍ତ୍ତୃପକ୍ଷ ନା ପ୍ରଶାସନ କେହି ଏ ଦିଗରେ ନିଘା ଦେଉନାହାନ୍ତି। ତୁରନ୍ତ ମେସିନକୁ ସଜାଡ଼ିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



## ରାସ୍ତା କାମ ଅଧାରୁ ବନ୍ଦ

# ୩୦ଗାଁର ଲୋକେ ହନ୍ତସନ୍ତ

**ଗଞ୍ଜାମ/ଧରାକୋଟ (ପିପିଏସ୍):** ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କଲେ ଠିକାଦାର । ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ହେଲେ ଗୁଣବତା ଭୁଲି ନିମ୍ନ ମାନର ନିର୍ମାଣ କାର୍ଯ୍ୟ କରିବାଯୋଗୁଁ ଗାଁ ଲୋକେ ଅଭିଯୋଗ କଲେ । ଏହା ଦେଖି ଅଧାରୁ କାମ ବନ୍ଦ କରି ଚାଲିଗଲେ । ଯାହାର ପରିଣାମ ଭୋଗୁଛନ୍ତି ୩୦ ଖଣ୍ଡ ଗାଁର ଲୋକେ। ଭଞ୍ଜନଗର ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ରହିଥିବା ଝଗଡେଇ, ମଙ୍ଗଳ ପୁର, ଜାହାଡା, ନୂଆଗାଁ ୨୪ କିମି ରାସ୍ତା ନିର୍ମାଣ ପାଇଁ ୨୪କୋଟି ୫୦ ଲକ୍ଷ୍ୟ ଟଙ୍କାର ଟେଣ୍ଡର ନେଇଛି ବ୍ରହ୍ମପୁର ସାମନ୍ତରାୟ କନଷ୍ଟ୍ରାସନ। ୨୦୨୨ ମସିହାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୨୩ ମସିହା ମାର୍ଚ୍ଚ ମାସ ସୁଦ୍ଧା ଏହି ରାସ୍ତାର ଜାହାଡା, ପୂଟୁ, ନନ୍ଦୀଗୋର,ଜଗମୋହନ, ଚମ୍ପା ପଲି, ନୂଆଗାଁ ଛକ, ଗଙ୍ଗାପୁର, ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ କଲଭରଟ, ବକ୍ସ ବ୍ରିଜ ନିର୍ମାଣ ହୋଇଛି। ହେଲେ ଏହା ଅତ୍ୟନ୍ତ ନିମ୍ନ ମାନର ବୋଲି ମଙ୍ଗଳପୁର, ଜଗମୋହନ ଓ ଜାହାଡା ପଞ୍ଚାୟତ ଲୋକେ ପ୍ରତିବାଦ ସହ ଅଭିଯୋଗ ପରେ ନିର୍ମାଣ କାର୍ଯ୍ୟ ବନ୍ଦ କରି ଥିଲା ଠିକା କମ୍ପାନୀ । ଯାହା ଫଳରେ ରାସ୍ତା ଧୋଇ ହେବାସହ ମେଟାଲ ଉଠିଗଲାଣି। ଏପରିକି ଡାଇଭର୍ସନ ରାସ୍ତା ନଷ୍ଟ ହୋଇ ଖାଲ ଖମା ହୋଇଯିବାରୁ ରାସ୍ତାରେ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ଆସିକା ଠାରୁ ସୋରଡ଼ା ଚଳାଚଳ କରୁଥିବା ପ୍ରାୟ ୩୦ ଖଣ୍ଡ ଗାଁର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ହନ୍ତସନ୍ତ ହେଉଛନ୍ତି। ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରା ହେଉଥିବା ବେଳେ ଚାଲି ଚାଲି ଯିବା ସମ୍ଭବ ହେଉନାହିଁ ।ଆଶ୍ଚର୍ଯ୍ୟର କଥା ଏହି ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱ ଗାଙ୍ଗପୁର ଓ ସୋରଡା ପୂର୍ତ୍ତ ବିଭାଗ ଅଧିନରେ ରହିଛି। ଦୁଇଜଣ ଯନ୍ତ୍ରୀ,ସହକାରୀ ଯନ୍ତ୍ରୀ ଙ୍କ ସମେତ ମେଟ ମ୍ୟାନ ନିର୍ମାଣ କାର୍ଯ୍ୟ ସମୟରେ ଉପସ୍ଥିତ ରହିବା ପରେ ମଧ୍ୟ ଠିକା ସଂସ୍ଥା ଏପରି ନିମ୍ନ ମାନର ନିର୍ମାଣ କାର୍ଯ୍ୟ କରିବା ପାଇଁ ସାହାସ ଯୁଟାଇ ପାରୁଛି କେମିତି । ନିମ୍ନ ମାନର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଅଞ୍ଚଳ ର ଲୋକେ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ଯାଉନାହିଁ ତାହା ବୁଝି ହେଉନାହିଁ। ଠିକା ସଂସ୍ଥା ସହ ବିଭାଗୀୟ ଅଧିକାରୀ ମାନଙ୍କ ଭିତିରି ସମ୍ପର୍କ ଯୋଗୁଁ ସରକାରୀ ଅନୁଦାନ ହରିଲୁଟ ସହ ସାଧାରଣ ଜନତା ବେଶ ହଇରାଣ ହରକତ ହେଉଛନ୍ତି। ଘଟଣା ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କ ସହ ଯୋଗାଯୋଗ ବେଳେ ଖୁବ ଶୀଘ୍ର ବନ୍ଦ ରହିଥିବା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି। ସମ୍ପ୍ରତି ନିମ୍ନ ମାନର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ବଇସୟିକ ତଦନ୍ତ ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି।



# ରେଳବାଇର ଅବହେଳାକୁ ନେଇ ଅସନ୍ତୋଷ
# ଦାବି ହାସଲ ନିମନ୍ତେ ସମ୍ମିଳିତ ଲଢେଇ ପାଇଁ ଆହ୍ୱାନ

ରାଉରକେଲା(ପିପିଏସ): ସୁନ୍ଦରଗଡ଼ ଜିଲ୍ଲା ପ୍ରତି ରେଳବାଇର କ୍ରମାଗତ ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ଆବଶ୍ୟକ ସ୍ଥଳେ ଏଥିପାଇଁ ସମ୍ମିଳିତ ଭାବେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଭଞ୍ଜ ଭବନସ୍ଥିତ ଆଦର୍ଶ ପାଠାଗାର ଠାରେ ଭାରତୀୟ ରେଳ ବିଭାଗର ଆମ ପ୍ରତି ଅବହେଳା ଓ ରେଳର ବିକାଶ ପାଇଁ ସଂଗ୍ରାମ ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ବରିଷ୍ଠ ସଦସ୍ୟ ଅଭୟ କୁମାର ଦାସଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲାବେଳେ ରାଉରକେଲା ନାଗରିକ ସୁରକ୍ଷା କମିଟିର ପ୍ରମୁଖ ସଦସ୍ୟ ବିଷ୍ଣୁ ମହାନ୍ତି ବୈଠକର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି କହିଥିଲେ, ଏ ଅଂଚଳରୁ ବିପୁଳ ରାଜସ୍ୱ ପାଉଥିବା ରେଳବାଇ ବିଭାଗ କ୍ରମାଗତ ଭାବେ ଜିଲ୍ଲା ପ୍ରତି ଅବହେଳା କରିବା ଦୁର୍ଭାଗ୍ୟଜନକ। ଏହି ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳ, ଶ୍ରମିକ ସଂଗଠନ,ଯୁବ, ଛାତ୍ର, ମହିଳା ସଂଗଠନ ଏକତ୍ରିତ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମହାନ୍ତି ମତବ୍ୟକ୍ତ କରିବା ସହିତ ଜିଲ୍ଲାର ସମସ୍ତ ବିଧାୟକ ଓ ଜନ ପ୍ରତିନିଧି ମାନେ ଏହି ଦାବି ପ୍ରତି ସେମାନେ ସମର୍ଥନ ଓ ସମ୍ମତି ଦେଇଥିବା ସେ ସୂଚନା ଦେଇଥିଲେ। ବିଶେଷ କରି ରାଉରକେଲା ଗସ୍ତ ରେ ଆସିଥିବା ଚକ୍ରଧରପୁର ଡି ଆର୍ ଏମ୍ ରାଉରକେଲା ରେ ରେଳ ଡିଭିଜନ ହେଲେ ଏଠାର ଲୋକଙ୍କ କ୍ଷତି ହେବ ବୋଲି ମନ୍ତବ୍ୟ ଦେବା ଅଞ୍ଚଳବାସୀଙ୍କ ଆନ୍ଦୋଳନ ଓ ଭାବାବେଗ କୁ ଆଘାତ ଦେଇଛି ବୋଲି ଶ୍ରୀ ମହାନ୍ତି କହିଥିଲେ। ମୁଖ୍ୟବକ୍ତା ଡଃ ପ୍ରଭାତ ମଲ୍ଲିକ ଜିଲ୍ଲାର ଭୌଗଳିକ ସ୍ଥିତି, ରେଳବାଇ ବିକାଶ ର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର,ସିପିଆଇ ଏମ୍ ଜିଲ୍ଲା ସଂପାଦକ ପ୍ରମୋଦ ସାମଲ, ରାଉରକେଲା ଡେଭଲପମେଣ୍ଟ ଷ୍ଟିଅରିଙ୍ଗ କମିଟି ର ଅଧ୍ୟକ୍ଷ ଗୁରମିତ ସିଂହ,ରେଳ ଓ ସଡ଼କ ଉପଯୋଗକାରୀ ସଂଘ ସଭାପତି ଉତ୍ତମ କୁମାର ସାମଲ,ଉପ ସଭାପତି ଅମୁଲ୍ୟ ଚରଣ ବରାଳ,ସି ଆଇ ଟି ୟୁ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି,ଏ ଆଇ ଟି ୟୁ ସି ସଂପାଦକ ରମେଶ ସେଠୀ, ରାଉରକେଲା ମଜଦୂର ସଭା ଉପ ସଭାପତି ପ୍ରମୋଦ ଦାସ, ଆମ୍ ଆଦମୀ ପାର୍ଟିର ନେତା ଭରତ ବାଇ, ନାଗରିକ ସୁରକ୍ଷା କମିଟି ର ପ୍ରମୁଖ ସଦସ୍ୟ ତଥା ଜଗଦା ସାଂସ୍କୃତିକ ପରିଷଦ ର ସାଧାରଣ ସମ୍ପାଦକ ସଂଜୀବ ମହାନ୍ତି, କଲୁଙ୍ଗା ବିକାଶ ପରିଷଦର ସାଧାରଣ ସମ୍ପାଦକ ଆକୁଳି ପ୍ରଧାନ, ଗୁରୁଦ୍ୱାର ପ୍ରବନ୍ଧକ କମିଟିର ଦଲଜିତ ସିଂ ସାନ୍ଧୁ,ବଣିକ ସଂଘ ର ରେଳ ସମନ୍ୱୟ କମିଟି ର ରଷି ଆର୍ଯ୍ୟ,କଲଚରାଲ ଏକାଡେମୀ ର ସାଧାରଣ ସମ୍ପାଦକ ଅକ୍ଷୟ ସାମଲ, ବିହାର ସାଂସ୍କୃତିକ ପରିଷଦ ର ସଭାପତି ଅରୁଣ ସିଂହ ପ୍ରମୁଖ ଆଲୋଚନା ରେ ବକ୍ତବ୍ୟ ରଖି ଏହି ଦାବି କୁ ସମର୍ଥନ ଘୋଷଣା କରିବା ସହିତ ଏକାଠି ହୋଇ ଆନ୍ଦୋଳନ ପାଇଁ ପ୍ରତିଶୃତି ଦେଇଥିଲେ। ରାଉରକେଲା କୁ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ଘୋଷଣା କରିବା, ତାଳଚେର ବିମଳାଗଡ ରେଳପଥ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା, ରାଉରକେଲା, ପାନପୋଷ, କଲୁଙ୍ଗା, ରାଜଗାଙ୍ଗପୁର, ବିମଳାଗଡ,ଗୋପନା,ରକ୍ସି, କିରିବୁରୁ ମେଗାତବୁରୁ, କୁଆଁରମୁଣ୍ଡା, ବୀରମିତ୍ରପୁର,ବିଶ୍ରା, ବନ୍ଧମୁଣ୍ଡା,ଜରେଇକେଲା,ବାଙ୍ଗୁରୁକେଲା,ରେଳ ଷ୍ଟେସନ ଗୁଡ଼ିକର ଉନ୍ନତିକରଣ, ସୁନ୍ଦରଗଡ଼ ଜିଲ୍ଲାର ସଦରମହକୁମା କୁ ରେଳ ସଂଯୋଗ ବ୍ୟବସ୍ଥା କରାଯିବା ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ରାଉରକେଲା ରେଳ ଡିଭିଜନ ପ୍ରସଙ୍ଗରେ ଡି ଆର୍ ଏମ୍ ଙ୍କ ବକ୍ତବ୍ୟ କୁ ବୈଠକରେ ଦୃଢ଼ ପ୍ରତିବାଦ କରାଯାଇଥିଲା ବେଳେ ଏଭଳି ମନ୍ତବ୍ୟକୁ ଆସନ୍ତା ଦିନରେ ଦୃଢ଼ ବିରୋଧ କରାଯିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସମସ୍ତ ରେଳ ଦାବିକୁ ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା କୁ ନିଷ୍ପତ୍ତି ହେଇଥିଲା। ଦାବି ପ୍ରତି ଯଥା ଶୀଘ୍ର କେନ୍ଦ୍ର ରେଳ ବିଭାଗ ପଦକ୍ଷେପ ନ ନେଲେ ଆନ୍ଦୋଳନ ବ୍ୟାପକ କରିବାକୁ ଆହ୍ୱାନ କରାଯାଇଥିଲା। ଆଲୋଚନା ସଭା ପ୍ରାରମ୍ଭରେ ଓଡ଼ିଆ ଭାଷା ବିକାଶ ମଞ୍ଚ ର ସାଧାରଣ ସମ୍ପାଦକ କବି ଆର୍ତ୍ତତ୍ରାଣ ମହାପାତ୍ର ଆବାହନି କବିତା ପାଠ କରିଥିଲେ। ଶେଷରେ ସୁରକ୍ଷା କମିଟି ର ସଦସ୍ୟ ଆଇନଜୀବୀ ରାଜ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଛାତ୍ରୀ ଗୁରୁତର

ବଲାଙ୍ଗୀର, (ହି.ସ.): ବଲାଙ୍ଗୀର ସହରର ଶାନ୍ତିପଡ଼ାରେ ରହୁଥିବା ଜଣେ ଛାତ୍ରୀ ଗତକାଲି ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ଭଦ୍ରକ ଜିଲ୍ଲାର ଛାତ୍ରୀ ଉଷାରାଣୀ ରାଉତ ଶାନ୍ତିପଡ଼ାରେ ଏକ ଭଡ଼ାଘରେ ରହି ବଲାଙ୍ଗିର ବାଳିକା ମହାବିଦ୍ୟାଳୟରେ ଯୁକ୍ତ ତିନରେ ପଢୁଛନ୍ତି। ରବିବାର ସକାଳୁ ଛାତ ଉପରକୁ କପଡ଼ା ଶୁଖାଇବାକୁ ଯାଇଥିବା ବେଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣା ସ୍ଥଳରୁ ଗୁରୁତର ଭାବେ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ହସପିଟାଲର ବର୍ନ ୟୁନିଟରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

# ଗୁଣୁପୁର ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ
## ରଥଚକ ନିର୍ମାଣ ସହ ପରିମଳ ଓ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା



ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ ସଭାକକ୍ଷ ସଭା ଗୃହଠାରେ ପବିତ୍ର ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୁଣପୁର ଉପ ଜିଲ୍ଲାପାଳ ଲଳିତ କୁମାର କହଁର ଅଧକ୍ଷତା କରିଥିବା ବେଳେ ମାନ୍ୟବର ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ମୁଖ୍ୟ ଅତିଥି ଓ ଗୁଣପୁର ପୌରାଧକ୍ଷ୍ୟା ଶ୍ରୀମତୀ ମମତା ଗୌଡ଼, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିକାଶ କେନ୍ଦ୍ର ଦେହୁରୀ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ । ଆସନ୍ତା ଜୁନ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଘୋଷଯାତ୍ରା ଉପଲକ୍ଷେ ବିଭିନ୍ନ କମିଟି ଗଠନ କରାଯାଇ କାର୍ଯ୍ୟ ସୂଚାରୁ ରୁପେ ସମ୍ପାଦନ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା । ରଥ ତିଆରି ପାଇଁ କାଠ, ରଥ ଚକ ତିଆରି ପାଇଁ କାଠ, ମନ୍ଦିର ରଙ୍ଗ ଦିଆ, ଆଲୋକ ସାଜସଜ୍ଜା, ପରିମଳ ବ୍ୟବସ୍ଥା ଗ୍ରହଣ, ଆଇନ ଶୃଙ୍ଖଳା ବ୍ୟବସ୍ଥା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଗୁଣ୍ଡିଚା ମନ୍ଦିର ତୁରନ୍ତ ଶେଷ କରିବା, ମିନା ବଜାର ବ୍ୟବସ୍ଥିତ ଭାବେ ବସାଇବା, ଉଠା ଦୋକାନିଙ୍କୁ ଟିକଟ ପ୍ରଦାନ କରିବା ସହ ସ୍ଥାନ ନିରୂପଣ କରିବା ଆଦି ଆଲୋଚନା ହୋଇଥିଲା । ରଥଯାତ୍ରା ନିମନ୍ତେ ଆଦାୟ ପାଣ୍ଠି କମିଟି ଅଧୀନରେ ରଖି ଖର୍ଚ୍ଚ କରିବା ସହ ପାଣ୍ଠି ଆଦାୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ନିର୍ବାହୀ ଅଧିକାରୀ ସତ୍ୟ ସମ୍ପୁର୍ଣ ରାଉତ, ଗୁଣପୁର ପୌର ସଂସ୍ଥା, ଉପଖଣ୍ଡ ଚିକସା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ଥାନା ଅଧିକାରୀ, ବନଖଣ୍ଡ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଗୁଣପୁର ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ, ଅକ୍ଷୟ ଦାସ, ଉମା ଦାସ, ଇନ୍ଦ୍ରକ୍ଷୀ ପ୍ରାସାଦ ଦାସ, ସୁଦାମ ପାଢ଼ୀ, ଗୁପ୍ତ ପ୍ରସାଦ ରଥ ଶର୍ମା, ଟୁକୁନା ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍ଏସ୍ସିଇ ଯୁକ୍ତ ୨ ପରୀକ୍ଷାରେ ୮୭ ପ୍ରତିଶତ ମାର୍କ ରଖିଲେ ଆଦର୍ଶ ଅନୁରାଗ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା ସଦର ମହକୁମା ମାଉଲି ମା' ମନ୍ଦିର ନିକଟରେ ରହୁଥିବା ବାପା ତପନ କୁମାର ବେଉରା ଓ ମାତା ରୋଜାଲିନ ରାଉତଙ୍କ ଜ୍ୟେଷ୍ଠ ପୁତ୍ର ଆଦର୍ଶ ଅନୁରାଗ ପିଲାଟି ଦିନରୁ ପାଠପଢାରେ ବହୁତ ଆଗ୍ରହୀ । ମାଲକାନଗିରି ଦୀପ୍ତି କନଭେଣ୍ଟରେ ପାଠପଢା ଆରମ୍ଭ କରିଥିବା ଆଦର୍ଶ ପରବର୍ତୀ ସମୟରେ ଯୁକ୍ତ ୨ ଭୁବନେଶ୍ୱର ସ୍ଥିତ ୟଙ୍ଗ ଫୋନିକ୍ସ ପବ୍ଲିକ ସ୍କୁଲରେ ପଢୁଥିଲେ। ନିକଟରେ ପ୍ରକାଶ ପାଇଥିବା ଏସଏସସିଇ ଯୁକ୍ତ ୨ ବୋର୍ଡ ପରୀକ୍ଷାରେ ୮୭ ପ୍ରତିଶତ ମାର୍କ ରଖି ସେ ପାସ ହୋଇଛନ୍ତି । ପୁଅର ଏଭଳି କୃତିତ୍ୱରେ ବାପା ମା ଦୁହେଁ ଭାବବିହ୍ୱଳ ହୋଇ ନିଜ ଖୁସି ଜାହିର କରିଥିଲା ବେଳେ ସେ ପଢୁଥିବା ଦୀପ୍ତି କନଭେଂଟର ଶିକ୍ଷକ ଓ ନିଜ ସହପାଠୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି । ମାଲକାନଗିରିରେ ଆଦର୍ଶଙ୍କୁ ପିଲାବେଳେ ପାଠ ପଢ଼ାଉଥିବା ସମସ୍ତ ଶିକ୍ଷକ ଏନେଇ ଖୁସିବ୍ୟକ୍ତ କରିବା ସହ ତାଙ୍କର ଉତରୋତର ଉନ୍ନତି କାମନା କରିଛନ୍ତି ।

# ସତ୍ୟସାଇ ସେବା ସଂଗଠନ ତରଫରୁ ରକ୍ତଦାନ ଶିବିର

ଜୟପୁର, (ହି.ସ.)- ଶ୍ରୀ ସତ୍ୟସାଇ ସେବା ସଂଗଠନ ତରଫରୁ ଅମୃତ ବିନ୍ଦୁ କାଯ୍ୟକ୍ରମ ଜୟପୁର ଏମଜି ରୋଡ ସ୍ଥିତ ସତ୍ୟସାଇ ସେବା ସମିତି ଠାରେ ଅନୁଷ୍ଠିତ ହୋଇଛି ।

ସମିତିର ସଦସ୍ୟ ମାନେ ଏଠାରେ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏଠାରେ ଜିଲା ଚିକିତ୍ସାଳୟ ତରଫରୁ ଡାକ୍ତର ଏସ.ଏସ. ମିଶ୍ର ଉପସ୍ଥିତ ଥିଲେ । ଜିଲା ସଭାପତି କେ. ମାର୍କେଣ୍ଡେୟ ସାରାଫ, କେ. ମୋହନ ରାଓ ଆଚାରି, ଏସ. ରମେଶ ଗୁପ୍ତା, ଏମ. ଭେଙ୍କେଟରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଉରକେଲା ଇସ୍ପାତ କାରଖାନାର କୋଲ୍ କେମିକାଲ୍ ବିଭାଗର
# ଅଶୋଧିତ ପିଚୁ ଚାଲାଣରେ କ୍ରମାଗତ ଦୁଇଟି ରେକର୍ଡ

ରାଉରକେଲା(ପିପିଏସ୍): ସେଲ ରାଉରକେଲା ଇସ୍ପାତ କାରଖାନାର କୋଲ୍ କେମିକାଲ୍ ବିଭାଗ (ସିସିଡି) ମଇ ୧୨ ଓ ୧୩ ତାରିଖରେ ଏକଦିବସୀୟ ଅଶୋଧିତ ପିଚୁ ଚାଲାଣ କ୍ଷେତ୍ରରେ କ୍ରମାଗତ ଦିନରେ ଦୁଇଟି ରେକର୍ଡ ସ୍ଥାପନ କରିଛି। ଉକ୍ତ ୟୁନିଟ୍ ମଇ ୧୨ ତାରିଖରେ ୯୨୦ ଟନ୍ ଅଶୋଧିତ ପିଚୁ ଚାଲାଣ ପୂର୍ବକ ରେକର୍ଡ ସୃଷ୍ଟି କରିଥିବାବେଳେ ଠିକ ଏହାର ପରଦିନ ମଇ ୧୩ ତାରିଖରେ ୧୦୧୦ ଟନ୍ ଅଶୋଧିତ ପିଚୁ ଚାଳନ ପୂର୍ବକ ଏହି ରେକର୍ଡରେ ଉନ୍ନତି ଆଣି ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲା। ଏହା ସହିତ ସିସିଡି ବିଭାଗ କାରଖାନା ପାଇଁ ମଇ ୧୨ ତାରିଖରେ ୩.୮୬ କୋଟି ଟଙ୍କା ଏବଂ ଏହାର ପରଦିନ ମଇ ୧୩ ତାରିଖରେ ୪.୧୬ କୋଟି ଟଙ୍କା ରାଜସ୍ୱ ସୃଷ୍ଟି କରିପାରିଥିଲା। ସୂଚନାଯୋଗ୍ୟ ଯେ, ଆରଏସପି ଗତ ଆର୍ଥିକ ବର୍ଷ ୨୦୨୨-୨୩ରେ ଅଶୋଧିତ ପିଚୁ ବିକ୍ରିରୁ ୪୮୬ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲା। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାମୂହିକଙ୍କୁ ଅଭିନନ୍ଦନ ଜଣାଇବା ପାଇଁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ଆର ସୂର୍ଯ୍ୟବଂଶୀ ସିସିଡି ବିଭାଗ ପରିଦର୍ଶନ କରିଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ ଇନ ଚାର୍ଜ ଦେବବ୍ରତ ଦତ୍ତ, ୟୁଟିଲିଟି ଓ ପରିବେଶ ବିଭାଗର ସିଜିଏମ ଶ୍ରୀ ଆଇ ରାଜନ, କୋକ ଓଭେନ ଓ ସିସିଡ଼ି ବିଭାଗର ସିଜିଏମ ତୁଳାରାମ ବେହେରା, ସସ୍ପ ଓ ଡିଜାଇନ ବିଭାଗର ସିଜିଏମ ରବି ରଂଜନ, ମାର୍କେଟିଙ୍ଗ ବିଭାଗର ଜିଏମ ଇନ ଚାର୍ଜ ଏସ ସି ମହାନ୍ତି ଏବଂ କୋକ୍ ଓଭେନ, ସିସିଡି, ମାର୍କେଟିଂର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୂର୍ଯ୍ୟବଂଶୀ କର୍ମଚାରୀମାନଙ୍କୁ ମିଷ୍ଟାନ୍ନ ଭେଟି ଦେଇଥିଲେ। ଶ୍ରୀ ସୂର୍ଯ୍ୟବଂଶୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଟିମ୍ ସିସିଡି, ମାର୍କେଟିଂ ବିଭାଗ ଏବଂ ସମସ୍ତ ସହାୟକ ଏଜେନ୍ସିର ମିଳିତ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ ଏବଂ ବିଭାଗର ଅପରିମିତ ସାମର୍ଥ୍ୟର ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା କାରଖାନା ପାଇଁ ବିପୁଳ ରାଜସ୍ୱ ଆଣିବ। ସେ କହିଥିଲେ ଯେ, "ନିପୁଣ ଗ୍ୟାସ୍ କ୍ଲିନିଙ୍ଗ ନା କେବଳ ଅଶୋଧିତ ପିଚୁ ଉତ୍ପାଦନକୁ ସୁଦୃଢ଼ କରେ ନାହିଁ, ଏଥିସହିତ ଗ୍ୟାସ ପାଇପ୍ ଲାଇନଗୁଡ଼ିକର ସଠିକ୍ ସ୍ୱାସ୍ଥ୍ୟ ସୁନିଶ୍ଚିତ କରେ ଯାହାଦ୍ୱାରା ବ୍ୟବହାରକାରୀ ବିଭାଗଗୁଡିକର ରକ୍ଷଣାବେକ୍ଷଣ ମୂଲ୍ୟ ହ୍ରାସ କରିବାରେ ଏବଂ ସେମାନଙ୍କର କାର୍ଯ୍ୟକ୍ଷମତା ବୃଦ୍ଧିରେ ସାହାଯ୍ୟ କରିଥାଏ।" ଏହି ଅବସରରେ ସମସ୍ତ ସିଜିଏମ ମଧ ସାମୂହିକଙ୍କୁ ସଫଳ ପ୍ରୟାସ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଆହୁରି ଭଲ କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ। ସିସିଡ଼ି ବିଭାଗର ଜିଏମ ଇନଚାର୍ଜ ବି କେ ତିୱାରୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଶୀର୍ଷ ପ୍ରବନ୍ଧନଙ୍କ ଆଶା ଆକାଂକ୍ଷା ପୂରଣ ନିମନ୍ତେ ବିଭାଗ ସମସ୍ତ ପ୍ରୟାସ ଜାରି ରଖିବ ବୋଲି ବରିଷ୍ଠ ଅଧିକାରୀମାନଙ୍କୁ ବିଶ୍ୱାସ ଦେଇଥିଲେ।



# ଇସ୍ପାତ ସାହିତ୍ୟ ସଂସଦରେ
# ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳନ



ରାଉରକେଲା(ପିପିଏସ): ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦର ସଭାଗୃହରେ ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିରେ ଆଲୋଚନା ସଭା ସହ ଭୀମଭୋଇଙ୍କ ଭଜନ ପରିବେଷଣ ଏବଂ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସେକ୍ଟର-୬ ସ୍ଥିତ ମହିମା ଆଶ୍ରମର ସାଧୁ କରୁଣାକର ଦାସ ଏବଂ ମୁଖ୍ୟବକ୍ତା ଭାବେ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗ ଦେଇ ଭୀମଭୋଇଙ୍କ ଜୀବନୀ ଏବଂ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ପ୍ରତିକୂଳ ପରିବେଶ ଏବଂ ଉତ୍କଟ ଦାରିଦ୍ର୍ୟ ସତ୍ତ୍ୱେ ମହାନ କବିଙ୍କ ଲେଖନୀ କାଳଜୟୀ ହୋଇ ପାରିଛି ବୋଲି ମତ ପ୍ରକାଶ ପାଇଥିଲା। ସଂସଦର ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାର ପ୍ରାରମ୍ଭରେ ଅତିଥି ମାନେ ଶୂନ୍ୟ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସଦସ୍ୟା ସ୍ମିତା ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିବାବେଳେ ମୁଖ୍ୟ ଅତିଥଙ୍କ ସମେତ ମହିମା ଆଶ୍ରମର ଭକ୍ତ ସୁବାସ ଲେଙ୍କା, ସଞ୍ଜୟ ରଣା ଏବଂ କୈଳାଶ ଲେଙ୍କା ପ୍ରମୁଖ ଖଞ୍ଜଣୀର ତାଳେ ତାଳେ ଭୀମଭୋଇଙ୍କ ଭଜନ ପରିବେଷଣ ପରିବେଶକୁ ମନ୍ତ୍ରାୟିତ କରିଥିଲା। କାର୍ଯ୍ୟକାରୀ ସଭାପତି ମନୋଜ ନନ୍ଦ ସାଗତ ସମ୍ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଭୀମଭୋଇଙ୍କ ସାହିତ୍ୟରେ ବିଶ୍ୱ ଭାବ ଏବଂ ସାମାଜିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସଂସଦର ଉପସଭାପତି ରଶ୍ମିବାଳା ରାଉତରାୟ ମଞ୍ଚ ପରିଚାଳନା କରିଥିବାବେଳେ କବୀ ବିଜୟିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ତାରିଣୀ ଚରଣ ସାହୁଙ୍କ ସଭାପତିତ୍ୱରେ ଏବଂ କବୀ ସବିତା ବସ୍ତିଆ ଓ ସୁଶାନ୍ତ ନାୟକଙ୍କ ସଂଯୋଜନାରେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଶ୍ରୀ ଅଜୟ କୁମାର ମହାନ୍ତି, ମଞ୍ଜୁଳା ପାତ୍ର, ଉପେନ୍ଦ୍ର ବସ୍ତିଆ, ମଞ୍ଜୁଳା କୁମାରୀ ରଥ, ପ୍ରତାପ କୁମାର ପଣ୍ଡା, ରଶ୍ମି ବାଳା ରାଉତରାୟ, କୁଞ୍ଜବିହାରୀ ରାଉତ, ବିଜୟିନୀ ଜେନା, ବ୍ରଜ ବିହାରୀ ଦାଶ, ଅର୍ଚ୍ଚନା ପାତ୍ର, ମୀନକେତନ ପଶାୟତ, ଶ୍ରେୟସୀ ସାହୁ, ସୁଶାନ୍ତ ନାୟକ, ସତ୍ୟ ବ୍ରତ ଦାସ, ସବିତା ବସ୍ତିଆ, ବ୍ରଜେନ୍ଦ୍ର ଦାଶ, ନୃସିଂହ ଚରଣ ବିଶ୍ୱାଳ ପ୍ରମୁଖ କବିତା ପାଠ କରିଥିବାବେଳେ ଅର୍ଚ୍ଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମଣ ନାଥ ଦାସ, ଇଂ.ପ୍ରତାପ କୁମାର ରାୟ, ଉମେଶ ଚନ୍ଦ୍ର ଜେନା, ଇଂ. ଅଶୋକ ପଟ୍ଟନାୟକ,ଡଃ. କିଶୋରୀ ଦାଶ, ବିଭୂପ୍ରସାଦ ନାୟକ, ପ୍ରଫୁଲ୍ଲ ସାମଲ, ଉର୍ବଶୀ ଦାସ ପତି, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଗଙ୍ଗାଧର ପୁହାଣ, ସସ୍ମିତା ପ୍ରଧାନ, ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ବହୁ ସାହିତ୍ୟପ୍ରେମୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଝାରସୁଗୁଡ଼ାରେ ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତିର ହେବ ସର୍ଭେ

ଝାରସୁଗୁଡ଼ା, (ହି.ସ.) : ଜିଲ୍ଲାରେ ଓଡ଼ିଶା ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତି(ଏସ୍ଇବିସି) ସର୍ଭେ ଆସନ୍ତା ମେ' ୧୬ରୁ ୧୧ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏସ୍ଇବିସି ସର୍ଭେ ଗତ ମେ' ୧ତାରିଖରୁ ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡ଼ାରେ ଉପନିର୍ବାଚନ ପରିପ୍ରେକ୍ଷୀରେ ଏହି ସର୍ଭେ ସ୍ଥଗିତ ରଖା ଯାଇଥିଲା। ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଂଚଳରେ ସଚେତନତା ରଥ ପରିଭ୍ରମଣ କରିବ।

ଜିଲ୍ଲାରେ ୩୭୭ଟି ସର୍ଭେ ସେଂଟର ସ୍ଥିର କରାଯାଇଛି। ୩୯୪ଜଣ ଏନୁମୁରେଟର ଓ ୪୦ଜଣ ସୁପରଭାଇଜରଙ୍କୁ ଏଥି ସକାଶେ ନିୟୋଜିତ କରାଯାଇଛି। ସର୍ଭେ ମାଧ୍ୟମରେ ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ତଥ୍ୟ ଗ୍ରହଣ କରାଯିବ। ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆ ବର୍ଗର ଲୋକଙ୍କ ପାଇଁ ସର୍ଭେ ଉଦ୍ଦିଷ୍ଟ। ପରିବାରର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ/ସଦସ୍ୟା ପରିବାରର ସମସ୍ତ ତଥ୍ୟ ସର୍ଭେ ସେଣ୍ଟରରେ ପ୍ରଦାନ କରିପାରିବେ। ସର୍ଭେ ସକାଶେ ପରିବାରର ରାସନ କାର୍ଡ ସହ ସମସ୍ତ ସଦସ୍ୟଙ୍କର ଯେ କୌଣସି ପରିଚୟ ପତ୍ର ଯଥା ଆଧାର କାର୍ଡ କିମ୍ବା ଭୋଟର ପରିଚୟ ପତ୍ର ବା ପ୍ୟାନ କାର୍ଡ ନଚେତ ପାସପୋର୍ଟ ଆବଶ୍ୟକ । ରାସନ କାର୍ଡ ନଥିବା ପଛୁଆ ବର୍ଗ ପରିବାର ସଦସ୍ୟ ମଧ ସର୍ଭେ ସେଣ୍ଟରରେ ତଥ୍ୟ ପ୍ରଦାନ କରିପାରିବେ। ଅନଲାଇନ(ଙଙଙ. କ୍ଟସ୍ମମଭମ.କ୍ଟୟସଖ୍ଷବ.ଶକ୍ଟଙ୍ଖ.ସଭ)ରେ ବିନା ମୂଲ୍ୟରେ ମଧ ଫର୍ମ ପୂରଣ କରାଯାଇପାରିବ। ''ମୋ ସେବାକେନ୍ଦ୍ର''ରେ ସ୍ଥିରୀକୃତ ଦେୟ ପ୍ରଦାନ କରି ଅନଲାଇନରେ ଫର୍ମ ପୂରଣ କରି ହେବ। ସର୍ଭେ ସେଣ୍ଟର କିମ୍ବା ଅନଲାଇନ ଯେ କୌଣସି ଗୋଟିଏ ମାଧ୍ୟମରେ ଫର୍ମ ପୂରଣ କରାଯାଇପାରିବ। ସର୍ଭେ ସେଣ୍ଟର ସମ୍ପର୍କରେ ଖାଉଟି ସାମଗ୍ରୀ ବଂଟନ କେନ୍ଦ୍ର କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରରେ ସୂଚନା ଉପଲବ୍ଧ। ସଚେତନତା ରଥର ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଜଗଦୀଶ ଚନ୍ଦ୍ର ମେହେର, ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଦୁଷ୍କର୍ମ ସହ ହତ୍ୟା ମାମଲା
# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଜୟପୁର(ହି.ସ) : ବୈପାରୀଗୁଡାଥାନା ଅଂଚଳର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରିଥିବା ମାମଲାର ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଭଗବାନ ଶ୍ରୀଗ୍ରାମକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଗତ ୨୦୨୦ମସିହା ଜୁଲାଇ ୪ତାରିଖ ଦିନ ବୈପାରୀଗୁଡା ଥାନା ଅର୍ନ୍ତଗତ ରାମପୁଟମାଲିଗୁଡା ଗାଁ ନିକଟରେ ଥିବା ସ୍କୁଲର ଝରକାରେ ଚମ୍ପା ହରିଜନ ନାମକ ଜୈନେକା ମହିଳାଙ୍କ ବେକରେ ଗାମୁଛା ବନ୍ଧା ଅବସ୍ଥାରେ ମୃତ ଦେହ ଓହଳି ରହିଥିଲା। ଏ ନେଇ ଗ୍ରାମବାସୀ ମାନେ ବୈପାରୀଗୁଡା ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରି ସନ୍ଦେଇପୁଟ ଗାଁରୁ ଅଭିଯୁକ୍ତ ଭଗବାନ ଶ୍ରୀଗ୍ରାମଙ୍କୁ ଥାନାକୁ ନେଇଥିଲେ। ଥାନାରେ ପଚାରାଉଚାରା ବେଳେ ଭଗବାନ ହିଁ ଚମ୍ପାକୁ ହତ୍ୟା କରିଥିବା ସଂପର୍କରେ ସ୍ୱୀକାର କରିଥିଲେ। ଚମ୍ପା ହାଟକୁ ହାଟ ବୁଲି ବ୍ୟବସାୟ କରୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ରହିଥିଲା। ଘଟଣା ଦିନ ଚମ୍ପାକୁ ମାତିଲି ହାଟକୁ ନେବା ପାଇଁ ବାଇକରେ ବସାଇ ଅଭିଯୁକ୍ତ ଭଗବାନ ନେଇକି ଯାଇଥିଲା। ସେ ସମୟରେ କରୋନା ସଂକ୍ରମଣ ପାଇଁ ବିଦ୍ୟାଳୟ ବନ୍ଦ ରହିଥିଲା। ବିଦ୍ୟାଳୟ ଶୁନଶାନ୍ ଥିବାରୁ ସେଠାକୁ ନେଇ ଚମ୍ପାର ଇଚ୍ଛାବିରୋଧରେ ତାକୁ ଭଗବାନ ଦୁଷ୍କର୍ମ କରିଥିଲେ। ପାତ୍ର ଓ ସହଯୋଗୀ ମାନେ ପରିଚାଳନା କରୁଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
# ୫୯ଗୋଟି ଅଭିଯୋଗର ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ହି.ସ.)- ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜିକୃତ ଅଭିଯୋଗର ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୪୪ ଗୋଟି, ସାମୁହିକ ଦରଖାସ୍ତ ୧୫ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର ମୋତିଲାଲ ସୁଲିଆଙ୍କ ତତ୍ୱାବଧାନରେ ଆଜି ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ ବୀରମହାରାଜପୁର ଅଶୋକ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ବିଶ୍ୱରଞ୍ଜନ ପତି, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ. ଦାମୋଦର କୈବର୍ତ, ଡିଇଓ ଲକ୍ଷ୍ମଣ ଭୋଇ, ସିଏସଓ ସୁରେଶ ପାଣିଗ୍ରାହୀ, ଡ଼ିଏସଏସଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ବୀରମହାରାଜପୁର ବ୍ଲକ ଅଧକ୍ଷା ଶ୍ରୀମତୀ ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ତହସିଲଦାର ବିବୁଧ ଗଡ଼ନାୟକ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ବନବାସୀ କଲ୍ୟାଣ ଆଶ୍ରମର ପରିଚୟ ବର୍ଗ କାର୍ଯ୍ୟକ୍ରମ

ଜୟପୁର, (ହି.ସ) - ଜୟପୁର ଗେଟଗୁଡା ସ୍ଥିତ ଶିକ୍ଷା ବିକାଶ ସମିତି ଭବନରେ ବନବାସୀ କଲ୍ୟାଣ ଆଶ୍ରମ, ଓଡିଶା କୋରାପୁଟ ବିଭାଗ ଜୟପୁର ତରଫରୁ ୩ ତିନି ଦିନିଆ ପରିଚୟ ବର୍ଗର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଏଠାରେ ରାଜ୍ୟ ସଭାପତି ହରି ଚରଣ ବାନରା, ଜିଲା ସଭାପରି ରୁପୁ ଭତ୍ରା, ନଗର ସଭାପତି ଶଶି ଭୁଷଣ ପଟ୍ଟନାୟକ ତତ୍ୱା ବଧାନରେ ଆୟୋଜିତ ବର୍ଗରେ ଅବିଭକ୍ତ କୋରାପୁଟ ଜିଲାରୁ ୧୭୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ସମ୍ଭାଗ ସଂଗଠନ ମନ୍ତ୍ରୀ ରତି କାନ୍ତ ସାହୁ ଏହି କାଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରାନ୍ତ ସଂଗଠନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଭାଟି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ରାଷ୍ଟ୍ର ଗଠନରେ ବନବାସୀ ମାନଙ୍କ କଥା ବନବାସୀ କଲ୍ୟାଣ ଆଶ୍ରମର ଭୁମିକା ସମ୍ପର୍କରେ ଆଲୋକପାତ କରିଥିଲେ । ନଗର ସମ୍ପାଦକ ଲକ୍ଷ୍ମି କାନ୍ତ ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଜିଲା ସମ୍ପାଦକ ପ୍ରଭୁଦାନ ପରଜା ଧନ ଭତ୍ର , ମଦନ ମୋହନ ଦିଶାରି, ହରି ବନ୍ଧୁ କେନ୍ଦୁ, ମଇନା ଦିଶାରି ଉପସ୍ଥିତ ଥିଲେ ।

# କେଳାପଡ଼ାରେ ମଦଦୋକାନ ବନ୍ଦ ଦାବିରେ ତାତିଲେ ମହିଳା

କନ୍ଧମାଳ (ହି.ସ.) - ଫିରିଙ୍ଗିଆ, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡା ପଂଚାୟତ ବୈରିକୁମ୍ପା ଠାରେ ଥିବା ସରକାରୀ ସ୍ୱିକୃତି ପ୍ରାପ୍ତ ମଦ ଦୋକାନ ବନ୍ଦ ପ୍ରତିବାଦରେ ରେ ଅଂଚଳର ମହିଳା ମାନେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଶତାଧିକ ମହିଳା ଓ ଅଂଚଳର ଜନସାଧାରଣ କେଳାପଡା ପଂଚାୟତ କାର୍ଯ୍ୟାଳୟ ରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମଦ ଦୋକାନ ପାଖରେ ପହଂଚି ପ୍ରତିବାଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ତେବେ ଏହି ମଦ ଦୋକାନ ପାଇଁ କେଳାପଡା ଅଂଚଳରେ ଦିର୍ଘଦିନ ଧରି ବିରୋଧ ଲାଗିରହିଥିବା ବେଳେ ମଦ ଦୋକାନ କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଓ ନବିକରଣ ବନ୍ଦ କରିବା ପାଇଁ ପଂଚାୟତ କାର୍ଯ୍ୟାଳୟ ରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ମଧ ଅନୁଷ୍ଠିତ ହୋଇଥିଲା । ଅଂଚଳର ମହିଳା ସଂଗଠନ ମାନଙ୍କ ସହ କେଳାପଡା ଓ ଭୃଙ୍ଗିଯୋଡି ପଂଚାୟତର ସରପଂଚ ମାନେ ମଧ ଅବକାରୀ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ବହୁବାର ଲିଖିତ ଭାବରେ ଜଣେଇଥିଲେ । ଏହା ସହ ଏହି ମଦ ଦୋକାନ କୁ ବନ୍ଦ କରିବା ପାଇଁ କେଳାପଡା ସରପଂଚ ଏକ ପିଟିସନ ମଧ ଦାୟାର କରିଥିଲେ। କିନ୍ତୁ କନ୍ଧମାଳ ଜିଲ୍ଲା ପ୍ରଶାସନ ଏହାକୁ ମଧ ବେଖାତିର କରିବା ସହ ଅଂଚଳ ର ଜଣେ ଆଦିବାସୀ ମହିଳା ସରପଂଚଙ୍କ ଅନୁରୋଧ ସହ ପଂଚାୟତରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ଗ୍ରାମ ସଭାର ରିପୋର୍ଟକୁ ମଧ ବେଖାତିର କରି ମଦ ଦୋକାନ ମାଲିକଙ୍କ ସହ ସଲାସୁତରା କରି ଲାଇସେନ୍ସକୁ ନବିକରଣ କରିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ସରପଂଚ ସର୍ଣ୍ଣଲତା ପ୍ରଧାନ ଓ ଆନ୍ଦୋଳନକାରୀ ମହିଳାମାନେ। ଅନ୍ୟ ପଟେ ଆଗାମୀ ଦିନରେ ପ୍ରଶାସନ ଏହି ମଦ ଦୋକାନ କୁ ବନ୍ଦ ନ କରନ୍ତି ତାହାହେଲେ ଆନ୍ଦୋଳନକୁ ତୀବ୍ରତର କରିବା ସହ ଅଂଚଳର ମହିଳା ସଘଠନିକ ମାନେ ରାଜ ରାସ୍ତା କୁ ଓହ୍ଲାଇବା ପାଇଁ ବାଧ ହେବେ ଓ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତାହା ହେଲେ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଆନ୍ଦୋଳନ କାରୀ ମାନେ ଚେତାବନୀ ଦେଇଛନ୍ତି । ତେବେ ଦିର୍ଘ ତିନି ବର୍ଷ ଧରି ଏହି ମଦ ଦୋକାନ ଟି କେଳାପଡା ଠାରୁ ଭୃଙ୍ଗିଯୋଡି ରାସ୍ତା ର ବୈରିକୁମ୍ପା ଠାରେ ଏହି ମଦ ଦୋକାନ ସ୍ଥାପନ କରାଯାଇଥିବା ବେଳେ ଏହି କନ୍ଧମାଳ ଜିଲ୍ଲା ନୂଆଗାଁ ବ୍ଲକ ସାରଙ୍ଗଡ ଗାଁ ର ସନ୍ତୋଷ ପାଣିଗ୍ରାହୀଙ୍କ ନା ରେ ରହିଛି । ମଦ ଦୋକାନ ହେବା ଦ୍ୱାରା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବଢି ଚାଲିଥିବା ବେଳେ ସଡ଼କ ଦୁର୍ଘଟଣା, ଚୋରି, ରାହାଜାନୀ, ଡକାୟତି ଭଳି କାର୍ଯ୍ୟ କଳାପ ବଢ଼ି ବଢ଼ି ଚାଲିଛି ଜାହା ପାଇଁ ଯାହା ପାଇଁ ଏହି ମଦ ଦୋକାନ କୁ ନେଇ ସ୍ଥାନୀୟ ଅଂଚଳରେ ଜନ ଅସନ୍ତୋଷ ଦେଖାଦେଇଛି ।

ଅନ୍ୟପଟେ ଏହି ଘଟଣାକୁ ବିଷୟ ରେ ଜିଲ୍ଲା ଅବକାରୀ ଅଧକ୍ଷ ପ୍ରବୀର କୁମାର ସାମଲଙ୍କୁ ପଚାରିବାରୁ ପଂଚାୟତ କାର୍ଯ୍ୟାଳୟ ତରଫରୁ ଆସିଥିବା ଗ୍ରାମ ସଭା ରିପୋର୍ଟ କୋରମ ହୋଇନଥିବା ଯୋଗୁଁ ସମ୍ପୃକ୍ତ ମଦ ଦୋକାନ କୁ ପୁଣିଥରେ ସରକାର ନବିକରଣ ପାଇଁ ଆଦେଶ ଦେଇଥିବା କହିଛନ୍ତି । ତେବେ କେଳାପଡା ସରପଂଚ ସର୍ଣ୍ଣଲତା ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଶାନ୍ତି ପୂର୍ଣ୍ଣ ଶୋଭା ଯାତ୍ରା ରେ କନ୍ଧମାଳ ଜିଲ୍ଲାର ଜିଲ୍ଲା ନିଶାମୁକ୍ତ ଅଭିଯାନର ଆବାହକ ସୁଧିର କୁମାର ସାହୁ, କେଳାପଡା ପଂଚାୟତର ସମିତି ସଭ୍ୟ ବୈରାଗୀ କହଁର,କୁଇ ନେତା ତଥା ପୂର୍ବତନ ସରପଂଚ ମହେଶ୍ୱର କହଁର, ସମାଜ ସେବୀ ଅକ୍ଷୟ କୁମାର ନାୟକ, ସମାଜ ସେବୀ ଭ୍ରମର ନାୟକ, କେଳାପଡା ପଂଚାୟତ ର ପୂର୍ବତନ ସମିତି ସଭ୍ୟ ଦୁଃଖି ନାୟକ, ସାରଙ୍ଗଡ ପଂଚାୟତ ପୂର୍ବତନ ସରପଂଚ ତଥା କୁଇ ସମାଜ ସଭାପତି ଦିନବନ୍ଧୁ ପ୍ରଧାନ, କେଳାପଡା ଅଂଚଳର ଜଣା ଶୁଣା ସମାଜ ଶେବି ଇଶ୍ୱର ବେହେରା, ମହିଳା ମହା ସଂଘ ସମ୍ପାଦିକା ସୁଯୋତା କହଁର ଙ୍କ ସହ ଦୁଇ ଗୋଟି ପଂଚାୟତ ର ସ୍ୱୟଂ ସହାୟକ ଗୋଷ୍ଠୀ ଶହ ଶହ ମହିଳା ଓ ସ୍ଥାନୀୟ ଜନସାଧାରଣ ସାମିଲ ଥିଲେ । ଅନ୍ୟ ପଟେ କନ୍ଧମାଳ ଜିଲ୍ଲାପାଳଙ୍କ କେଳାପଡା ପଂଚାୟତ ପ୍ରତି ବୈମାତୃକ ମନୋଭାବ ଓ ଜଣେ ଆଦିବାସୀ ମହିଳା ସରପଂଚଙ୍କ ଅନୁରୋଧ ଓ ସ୍ୱତନ୍ତ୍ର ଗ୍ରାମ ସଭାରେ ପାସ ହୋଇଥିବା ପତ୍ର କୁ ବେଖାତିର କରିବା ଘଟଣାକୁ ନାପସନ୍ଦ କରିଛନ୍ତି ସ୍ଥାନୀୟ ଜନସାଧାରଣ ଓ ସ୍ଥାନୀୟ ଜନ ପ୍ରତିନିଧି। ଅନ୍ୟପଟେ ସୁରକ୍ଷା ଦୃଷ୍ଟି କୁ ଆଖି ଆଗରେ ରଖି ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସରକାରୀ ଜମିରେ ବେଆଇନ ନିର୍ମାଣ



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠରେ ଏବେ ବଢ଼ିଚାଲିଛି ସରକାରୀ ଜମି ଦବରଦଖଲ ଘଟଣା। କେନାଲ, ନାଳ ନର୍ଦ୍ଦମା, ଅନାବାଦୀ, ଗୋଚର ଆଦି କିସମକୁ ଛାଡୁନାହାନ୍ତି ଜମି ଦଲାଲ। ଏପରିକି ଏହିଭଳି ଜମି ଅକ୍ତିଆର କରି ବେଆଇନ ନିର୍ମାଣ କରୁଥିଲେ ବି ପୁଲିସ କିମ୍ବା ପ୍ରଶାସନ ନିରବ ରହୁଛି। କେତେକସ୍ଥଳେ ପ୍ରଶାସନ ବିରୋଧ କଲେ ବି ଦଲାଲମାନେ ଏହାକୁ ମାନୁନାହାନ୍ତି। ସୂଚନା ଅନୁଯାୟୀ ଉତ୍ତର ଭୁବନେଶ୍ୱର ଉପକଣ୍ଠରେ ଜଳସେଚନ ପାଇଁ ଦୟା ୱେଷ୍ଟ କେନାଲ ରହିଛି। ଏଥିରୁ ଇଞ୍ଜଣା ମାଇନର ଓ ରୋକଟ ମାଇନର କେନାଲ ବାହାରିଛି। ଅଞ୍ଚଳରେ ଚାଷ କାର୍ଯ୍ୟକୁ ଏହାଦ୍ୱାରା ଜଳ ଯୋଗାଇ ଦିଆଯାଇଥାଏ। ଖରାଦିନେ ଜଳସ୍ତର ଠିକ ରଖିବା ସହ ଗୋରୁଗାଈଙ୍କ ପାଇଁ ଗଡ଼ିଆ ପୋଖରୀରେ ପାଣି ଭରି ରହିବାରେ ଏହା ବେଶ ସହାୟ ହୋଇଥାଏ। ଏମିତିକି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ପାନୀୟଜଳ ପାଇଁ କୂଅ ନଳକୂଅ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ଦୟା ୱେଷ୍ଟ କେନାଲରେ ପାଣି ଆସିଲେ ଜଳ କଷ୍ଟ ସମାଧାନ ହେବା ସହ ଗହୀରମାନଙ୍କରେ ଘାସ ଜାତୀୟ ଗୁଳ୍ମ ଆଦି ସୃଷ୍ଟି ହୋଇଥାଏ। ଯାହାକି ଗାଈଗୋରୁଙ୍କ ପାଇଁ ଉପାଦେୟ ହୋଇଥାଏ। ହେଲେ ପରିତାପର ବିଷୟ, ବର୍ତ୍ତମାନ ସମୟରେ କିଛି ଅସାଧୁ ବିଲଡର୍ ଓ ଜମି ଦଲାଲଙ୍କ ଦାଦାଗିରି ଯୋଗୁଁ ଏହି ସବୁ କେନାଲ ବିପଦରେ। କେନାଲକୁ ଯିଏ ଯେଉଁଠି ପାରିଲା ଜେସିବି ଲଗାଇ ତାଡ଼ି ଦେଉଛନ୍ତି। ଜଳସେଚନ ବିଭାଗର ବିନା ଅନୁମତିରେ ବ୍ରିଜ୍ ନିର୍ମାଣ କରୁଛନ୍ତି। ଯେଉଁଠି ବିଭାଗ ପକ୍ଷରୁ ମାତ୍ର ୨ଟି ବ୍ରିଜ୍ ପାଇଁ ଅନୁମତି ରହିଛି, ସେଠି ବହୁ ଅଧିକ ବ୍ରିଜ୍ ହୋଇସାରିଲାଣି। ଖାଲି ସେତିକି ନୁହେଁ କଳାଝରୀଠାରେ ଦୟା ୱେଷ୍ଟ କେନାଲ ଉପରେ କଂକ୍ରିଟ ପିଲାର କରି ଦୋକାନ ଘର ନିର୍ମାଣ କରାଯାଇଛି। ଡେଲ୍ଟା ଅଧୀନରେ ଥିବା ଦୟା ୱେଷ୍ଟ କେନାଲ ବନ୍ଧର ବହୁ ଜାଗାକୁ ବେଆଇନ ଭାବେ କେତେକ ଅସାଧୁ ଲୋକ ଜୋରଜବରଦସ୍ତ ମାଡ଼ିବସି ନିଜ ସ୍ୱାର୍ଥ ପାଇଁ କଂକ୍ରିଟ ରାସ୍ତା ନିର୍ମାଣ କରିଛନ୍ତି। ପାଣି ପଞ୍ଚାୟତ ଓ ବିଭାଗୀୟ ଅଧିକାରୀ ଏ ନେଇ ଅଭିଯୋଗ କରି ଆସୁଛନ୍ତି। ମଞ୍ଚେଶ୍ୱର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ପୁଲିସ ପ୍ରଶାସନ ଏହି ଅସାଧୁ ଲୋକଙ୍କ ସହ ମିଶି କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଏମିତି କି ପ୍ରାଚୀ ଡିଭିଜନର ଏସ୍‌ଡିଓ ଓ ମହିଳା ସହକାରୀ ଯନ୍ତ୍ରୀ ବେଆଇନ ନିର୍ମାଣ ହେଉଥିବା କାର୍ଯ୍ୟସ୍ଥାନରେ ପହଞ୍ଚି ଏହାକୁ ରୋକିବାକୁ ଚେଷ୍ଟା କରିଥିଲେ। ମାତ୍ର ଏହି ଅଧିକାରୀମାନଙ୍କୁ କେହି ଖାତିର ନକରି ବେଆଇନ ବ୍ରିଜ୍ ନିର୍ମାଣ କରିଚାଲିଥିଲେ। ସେଠାରେ ପୁଲିସ ପ୍ରଶାସନର ଉପସ୍ଥିତରେ କାର୍ଯ୍ୟକରି ଚାଲିଥିଲେ। ଏହି ଅଧିକାରୀମାନଙ୍କୁ ପୁଲିସ ସାହାଯ୍ୟ କରିବା ବଦଳରେ ନିରବ ରହିଥିଲେ। ଫଳରେ ଅଧିକାରୀମାନେ ନିଜ ସମ୍ମାନ ଓ ଜୀବନ ବଞ୍ଚାଇ ସେଠାରୁ ଫେରିଆସିଥିଲେ। ଏ ନେଇ ମଞ୍ଚେଶ୍ୱର ଥାନାରେ ପାଣି ପଞ୍ଚାୟତ ସାହାଯ୍ୟରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ପ୍ରାଚୀ ଡିଭିଜନର ଜଣେ ଉଚ୍ଚ ଅଧିକାରୀ କହିଛନ୍ତି। ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର ସାହୁଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିବାବେଳେ ଥାନା ବାବୁ ଏଭଳି ସଂଗୀନ ଘଟଣାକୁ କୌଣସି ଗୁରୁତ୍ୱ ଦେଉଥିବା ଭଳି ଜଣାପଡ଼ିନାହିଁ। ଓଲଟି କହୁଛନ୍ତି ଏଫ୍‌ଆଇଆର୍ କେବେ ହୋଇଥିଲା ଆଉ କିଏ କରିଥିଲା ତାକୁ ଏଠିକି ପଠାଇ ଦିଅନ୍ତୁ, ଦେଖିଦେବି। ଯଦି ନିର୍ମାଣ ହୋଇଛି, ଭଙ୍ଗାଭଙ୍ଗି ପାଇଁ ବିଏମସିକୁ କୁହନ୍ତୁ। ଥାନା ବାବୁଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟରୁ ବେଆଇନ ନିର୍ମାଣକାରୀ, ସରକାରୀ ଜମି ଜବରଦଖଲକାରୀଙ୍କୁ ଅଧିକ ପ୍ରୋତ୍ସାହନ ମିଳୁଛି। ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହେଉଛି।

## ଏୟାର ଏସିଆ ବିମାନର ଜରୁରୀ ଅବତରଣ, ବିମାନବନ୍ଦରରେ ଉତ୍ତେଜନା



**ଭୁବନେଶ୍ୱର (ପିପିଏସ୍) :** ସୁରଟରୁ କୋଲକତା ଅଭିମୁଖେ ଯାଉଥିବା ଏୟାର ଏସିଆ ବିମାନ ସୋମବାର ସଂଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ହେଲେ ପ୍ରାୟ ୩ଘଣ୍ଟା ପର୍ଯ୍ୟନ୍ତ ବିମାନଟି କୋଲକତା ଅଭିମୁଖେ ନଯିବାରୁ ଭୁବନେଶ୍ୱର ବିମାନବନ୍ଦରରେ ଯାତ୍ରୀମାନେ ଗଣ୍ଡଗୋଳ କରିଛନ୍ତି। ସ୍ଥିତି ଏପରି ହୋଇଥିଲା ଯେ ସିଆଇଏସ୍‌ଏଫ୍ ଯବାନଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ମିଳିଥିବା ସୂଚନା ଅନୁଯାୟୀ, ବିମାନଟି ସୁରଟରୁ ଅପରାହ୍ନ ୪ଟାରେ କୋଲକତା ଅଭିମୁଖେ ଉଡ଼ାଣ କରିଥିଲା। ହେଲେ କୋଲକତାରେ କାଳବୈଶାଖୀ ଜନିତ ଝଡ଼ତୋଫାନ ଯୋଗୁ ବିମାନ ଅବତରଣ ସମ୍ଭବ ନହେବାରୁ ରାତି ପ୍ରାୟ ୭ଟାବେଳେ ବିମାନଟି ଭୁବନେଶ୍ୱରରେ ଜରୁରୀ ଅବତରଣ କରିଥିଲା। ଏହାପରେ ବିମାନର କ୍ରିଉ ସଦସ୍ୟ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇଦେଇଥିଲେ। କିଛି ସମୟ ପରେ ବିମାନ ଛାଡ଼ିବା ନେଇ ଯାତ୍ରୀମାନେ ପଚାରିବାରୁ ଜାଣିବାକୁ ମିଳିଥିଲା ଯେ ବିମାନରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି ଏବଂ ତେଲ କମ୍ ଅଛି। ଏହାଶୁଣି କେତେକ ଯାତ୍ରୀ ଉତ୍ତ୍ୟକ୍ତ ହୋଇ ଗଣ୍ଡଗୋଳ କରିଥିଲେ। ସିଆଇଏସ୍‌ଏଫ୍ ଯବାନ ବୁଝାସୁଝା କରିବା ସହ ବିମାନରେ ଇନ୍ଧନ ଭର୍ତ୍ତି ହୋଇସାରିଛି କହିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ବ୍ରାଉନ୍‌ସୁଗର ଜବତ, ୨ଅଟକ

**ଭୁବନେଶ୍ୱର (ପିପିଏସ୍) :** ଚନ୍ଦ୍ରଶେଖରପୁର ଥାନା ପୁଲିସ ୫ଶହ ଗ୍ରାମ୍‌ର ବ୍ରାଉନ୍ ସୁଗର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ମୋବାଇଲ୍ ଫୋନ୍, ବାଇକ୍ ଜବତ କରିଛି। ସେମାନଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଦୁଇ ଅଭିଯୁକ୍ତ ବାଲେଶ୍ୱରରୁ ବ୍ରାଉନ୍ ସୁଗର ଆଣି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବିକ୍ରି କରନ୍ତି। ବିଶେଷ କରି ବସ୍ତି ପିଲାଙ୍କୁ ବିକ୍ରି କରିବା ସହ ସେମାନଙ୍କୁ ତାଙ୍କ ଗ୍ୟାଙ୍ଗ୍‌ରେ ସାମିଲ୍ କରିଥିଲେ। ଯେଉଁମାନେ ୫ଟା ପୁଡିଆ ବିକ୍ରି କରୁଥିଲେ ସେମାନଙ୍କୁ ଗୋଟିଏ ପୁଡିଆ ଫ୍ରି ଦେଉଥିଲେ। ଏନେଇ ପୁଲିସ ନିକଟରେ ଖବର ପହଞ୍ଚିଥିଲା। ଶେଷରେ ପୁଲିସ ଆଜି ସନ୍ଧ୍ୟାରେ ସେମାନେ ଧରିବା ପାଇଁ ଜଗି ବସିଥିଲା। ଦୁଇ ଜଣ ଆସି ପହଞ୍ଚିବା ପରେ ପୁଲିସ ମାଡି ବସିଲା। ସେମାନଙ୍କୁ ଯାଞ୍ଚ କରିବା ପରେ ୫ଶହ ଗ୍ରାମ୍‌ର ବ୍ରାଉନ୍ ସୁଗର ମିଳିଥିଲା।

## ବିଏମ୍‌ସି ଗାଡ଼ିରୁ ଗୋରୁ ଛଡ଼ାଇନେଲେ ଲୋକେ



**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସିର ଗୋରୁ ଗାଡ଼ିକୁ ଅଟକାଇ ସେଥିରୁ ଗୋରୁଗୁଡ଼ିକୁ ଛାଡ଼ିଦେଲେ ଲୋକେ। ଏଭଳି ଘଟଣା ଲକ୍ଷ୍ମୀସାଗର ଥାନା ବୁଦ୍ଧେଶ୍ୱରୀ କଲୋନୀ ନିକଟରେ ଦେଖିବାକୁ ମିଳିଥିଲା। ଗତକାଲି ରାତି ପ୍ରାୟ ସାଢ଼େ ୨ଟାରେ ବିଏମ୍‌ସି କର୍ମଚାରୀ ପ୍ରାୟ ୨୦ଟି ଗୋରୁ ଧରି ଏକ ଗାଡ଼ିରେ ନେଇଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ଏକ ସଙ୍ଗଠନର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଅଟକାଇବା ସହ ସେଥିରେ ଥିବା ଗୋରୁଗୁଡ଼ିକୁ ବାହାରକୁ ବାହାର କରିବାକୁ କହିଥିଲେ। ଏହି ସମୟରେ ଉଭୟ କର୍ମଚାରୀ ଓ ସଂପୃକ୍ତ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏପରିକି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାରି ଭିତରେ ସଂପୃକ୍ତ ସଙ୍ଗଠନର କର୍ମକର୍ତ୍ତାମାନେ ଗୋରୁଗୁଡ଼ିକୁ ଗାଡ଼ିରୁ ବାହାର କରି ଛାଡ଼ିଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ବି ସେତବେଳେକୁ ଗୋରୁଗୁଡ଼ିକ ପଳାଇଥିଲେ। ଶେଷରେ ବିଏମ୍‌ସି କର୍ମଚାରୀ ଖାଲି ଗାଡ଼ି ଧରି ଫେରିଥିଲେ। ଜଣେ କର୍ମଚାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଆମେ ଗୋରୁଗୁଡ଼ିକୁ ଜାମୁକୋଲିସ୍ଥିତ ଗୋଶାଳାକୁ ନେଉଥିଲୁ।

ସୂଚନାଯୋଗ୍ୟ, ରାଜଧାନୀରେ ଗୋରୁ ରଖିଥିବା ମାଲିକମାନେ ରାତିରେ ଗୋରୁ ଛାଡ଼ି ଦେଉଛନ୍ତି। ଯାହାଫଳରେ ଗୋରୁଗୁଡ଼ିକ ରାସ୍ତାରେ ବୁଲିବା ଫଳରେ ଦୁର୍ଘଟଣାମାନ ଘଟୁଛି। ତେଣୁ ଗତକାଲି ବିଳମ୍ବିତ ରାତିରେ ବିଏମ୍‌ସି ଗାଡ଼ି ବୁଲା ଷଣ୍ଢ, ଗୋରୁ ଉଠାଇ ନେଉଥିଲେ। ଏହି ସମୟରେ ବୁଦ୍ଧେଶ୍ୱରୀ କଲୋନୀ ନିକଟରେ ସଂପୃକ୍ତ ସଂଗଠନର କର୍ମକର୍ତ୍ତା ଆସି ଗାଡ଼ିକୁ ଅଟକାଇ ଗୋରୁଗୁଡ଼ିକୁ କାଢ଼ି ଛାଡ଼ି ଦେଇଥିଲେ।

## ମାଙ୍କଡ଼ଙ୍କ ଆକ୍ରମଣରେ ଅତିଷ୍ଠ ଗ୍ରାମବାସୀ



**ଭୁବନେଶ୍ୱର (ପିପିଏସ୍):** ମାଙ୍କଡ଼ଙ୍କ ଉତ୍ପାତରେ ଅତିଷ୍ଠ ହେଲେଣି ଗ୍ରାମବାସୀ। ଗତକାଲି ମାଙ୍କଡ଼ ଆକ୍ରମଣରେ ଦୁଇଜଣ ବ୍ୟକ୍ତି ଗୁରୁତର ହେବା ପରେ ଆଜି ପୁଣି ଦୁଇଜଣ ବ୍ୟକ୍ତି ମାଙ୍କଡ଼ ଆକ୍ରମଣର ଶିକାର ହୋଇଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଛି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବାଗଲପୁର ଗ୍ରାମରେ। ବାଗଲପୁର ଗ୍ରାମରେ କିଛିଦିନ ତଳେ ମାଙ୍କଡ଼ ଆକ୍ରମଣରେ ୫ଜଣ ଗୁରୁତର ଏବଂ ୧୦ ଜଣରୁ ଅଧିକ ବ୍ୟକ୍ତି ଆହତ ହୋଇଥିଲେ। ଖବର ପ୍ରସାରଣ ପରେ ବାଲିପାଟଣା ବନାଞ୍ଚଳ ତରଫରୁ ମାଙ୍କଡ଼ ଧରା ଅଭିଯାନ କରାଯାଇ ଦୁଇଟି ମାଙ୍କଡ଼ ଧରି ଅନ୍ୟତ୍ର ଛଡ଼ା ଯାଇଥିଲା। ଫଳରେ ମାଙ୍କଡ଼ ଉତ୍ପାତ ଟିକେ କମିଥିଲା। ହେଲେ କିଛି ଦିନର ନିରବତା ପରେ ଗତକାଲି ପୁଣି ବାଗଲପୁର ଗ୍ରାମର ବୁଲି ସ୍ୱାଇଁ(୮୮) ଏବଂ ଶଙ୍କର ବେହେରା (୬୦) ମାଙ୍କଡ଼ କାମୁଡ଼ାରେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେହିପରି ଆଜି ସେହି ଗ୍ରାମର ବସନ୍ତ ସ୍ୱାଇଁ(୬୨) ଏବଂ ଶଙ୍କର ବାରିକ (୮୦), ସ୍ୱର୍ଣ୍ଣପ୍ରଭା ସାହୁ (୩୫) ଓ ଲୁସି ସ୍ୱାଇଁ (୬) ମାଙ୍କଡ଼ କାମୁଡ଼ାରେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଯାତାୟାତ ସମୟରେ କିମ୍ବା ଏପରିକି ବସିବା ସମୟରେ ମଧ୍ୟ ମାଙ୍କଡ଼ ଆକ୍ରମଣ କରୁଛନ୍ତି। ଫଳରେ ଏବେ ଗାଆଁରେ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ଏପରିକି ଲୋକମାନେ କବାଟ ଦେଇ ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ଆଉ କିଛି ଲୋକ ଠେଙ୍ଗା ଧରି ଯିବା ଆସିବା କରୁଛନ୍ତି। ଦୁଇଦିନରେ ଆହତ ହୋଇଥିବା ୪ଜଣ ବ୍ୟକ୍ତି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ବାଗଲପୁର ଓ ଏହାର ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ନକରିଲେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର (ପିପିଏସ୍) :** ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ମହିଳା ହେଉଛନ୍ତି ରଶ୍ମୀ ନାୟକ (୩୬)। ଘର ନୟାଗଡ଼ ଅଞ୍ଚଳରେ। ମିଳିଥିବା ସୂଚନା ଅନୁସାରେ, ରଶ୍ମୀ ପୂର୍ବରୁ ବିବାହିତ ହୋଇଥିବାବେଳେ କିଛି ମାସ ହେବ ଆଉଥରେ ବିବାହ କରିଥିଲେ। ସେ ଦ୍ୱିତୀୟ ସ୍ୱାମୀଙ୍କ ସହିତ ଜାଗମରା ଅଞ୍ଚଳରେ ରହୁଥିଲେ। ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ସବୁଦିନ ଭଳି ଗତକାଲି ରାତିରେ ରଶ୍ମୀ ଓ ତାଙ୍କ ସ୍ୱାମୀ ଖାଇସାରିବା ପରେ ଶୋଇବାକୁ ଯାଇଥିଲେ। ସ୍ୱାମୀ ଶୋଇପଡ଼ିବା ପରେ ବିଳମ୍ବିତ ରାତିରେ ରଶ୍ମୀ ଗାଧୁଆଘରକୁ ଯାଇଥିଲେ। ବେକରେ ଗାମୁଛା ଲଗାଇ ଗାଧୁଆଘରେ ଝୁଲି ପଡ଼ିଥିଲେ। ସେପଟେ ସକାଳୁ ରଶ୍ମୀଙ୍କ ସ୍ୱାମୀ ତାଙ୍କୁ ନପାଇ ବ୍ୟତିବ୍ୟସ୍ତ ହୋଇଥିଲେ। ରଶ୍ମୀଙ୍କୁ ଖୋଜିବା ବେଳେ ଗାଧୁଆଘର ଭିତର ପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ସ୍କାଏ ଲାଇଟ୍ ପଟରେ ରଶ୍ମୀଙ୍କ ଝୁଲନ୍ତା ମୃତଦେହ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଖଣ୍ଡଗିରି ଥାନା ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ରଶ୍ମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସୋଆରେ ୧୦ ଦିନିଆ ସମର କ୍ୟାମ୍ପ ଉଦ୍‌ଯାପିତ



**ଭୁବନେଶ୍ୱର (ପିପିଏସ୍) :** ଗ୍ରୀଷ୍ମକାଳୀନ ଛୁଟି ସମୟରେ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ କ୍ରୀଡା କ୍ଷେତ୍ରରେ ଅଧିକ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ ହୋଇଥିବା ୧୦ ଦିନିଆ ସମର କ୍ୟାମ୍ପ ରବିବାର ଉଦ୍ ?ଯାପିତ ହୋଇଯାଇଛି। ମେ ୫ ତାରିଖରେ ସୋଆ କ୍ୟାମ୍ପସ-୨ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଏହି ସମର କ୍ୟାମ୍ପର ଶୁଭାରମ୍ଭ ହୋଇଥିବା ବେଳେ ପଂଚମରୁ ଦଶମ ଶ୍ରେଣୀ ମଧ୍ୟରେ ଅଧ୍ୟୟନ କରୁଥିବା ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀ ଏହି କ୍ୟାମ୍ପରେ ସାମିଲ୍ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପିଲାମାନେ ଖୁସିରେ ରହିବା ସବୁଠାରୁ ବଡ ଜିନିଷ ବୋଲି କହିବା ସହ ସେମାନଙ୍କ ସହିତ ବାର୍ତ୍ତାଳାପ ମାଧ୍ୟମରେ ସେମାନେ ଏହି କ୍ୟାମ୍ପକୁ ଆସି ଖୁସି କି ନାହିଁ ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ଛାତ୍ରଛାତ୍ରୀମାନେ କ୍ୟାମ୍ପକୁ ଆସି ଖୁବ ଖୁସି ବୋଲି କହିଥିଲେ। ସେହିପରି ଆର୍ନ୍ତଜାତିକ କରାଟେ ପ୍ରତିଯୋଗୀ କୁମାରୀ ଭ୍ୟାଲିନା ଭ୍ୟାଲେଂଟିନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ନିଜର ପରିଚୟ ସୃଷ୍ଟି କରିବା ସହ ଦେଶ ପାଇଁ ସଫଳତା ଆଣିବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରମଙ୍ଗଳ ଡ଼ିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଯୋଗଦେଇ ପିଲାମାନେ ସତ୍ ପଥରେ ଯିବା ସହ ସଫଳତା ହାସଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସୋଆର ଏହି ସମର କ୍ୟାମ୍ପରେ ଭବିଷ୍ୟତରେ ୧୦୦୦ ପିଲା ସାମିଲ୍ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ସୋଆର ସ୍ପୋର୍ଟସ ଅଫିସର ସୁନିତା ବର୍ମା ସାଗତ ଭାଷଣ ଦେବା ସହ କ୍ୟାମ୍ପ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କ୍ୟାମ୍ପରେ ସାମିଲ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ବୀଣାଭାରତୀ ବିଦ୍ୟାମନ୍ଦିରର ଏବଂ ଏସ.ଓ.ଏସ ଭିଲେଜର ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିବାରୁ ବୀଣାଭାରତୀର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଦିପ୍ତିମୟୀ ସାମନ୍ତରାୟ ଏବଂ ଏସ.ଓ.ଏସ ଭିଲେଜର ଆସିଷ୍ଟାଂଟ ଭିଲେଜ ଡାଇରେକ୍ଟର ଶ୍ରୀକ୍ରିଷ୍ଣା ନନ୍ଦଗିରିଙ୍କୁ ସତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ସାମିଲ ହୋଇଥିବା ସମସ୍ତ ୧୩୦ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ମାନପତ୍ର ଓ ଉପହାର ପ୍ରଦାନ କରିଥିଲେ। ତୃତୀୟ ବର୍ଷ ପାଇଁ ଏହି ସମର କ୍ୟାମ୍ପ ସୋଆରେ ଆୟୋଜନ କରାଯାଇଛି। ଏହି କ୍ୟାମ୍ପରେ ଭଲିବଲ୍, ବାସ୍କେଟ ବଲ୍, ଟେବୁଲ୍ ଟେନିସ, ଟେନିସ୍ ଓ କ୍ରିକେଟ୍ ଭଳି କ୍ରୀଡାରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତ୍ୟେକ ଦିନ ଅପରାହ୍ନ ୪ ଟାରୁ ୬ ଟା ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲିଥିଲା। ଏହି କ୍ୟାମ୍ପରେ କୋଚ ପ୍ରିୟମ୍ ମଲ୍ଲିକ କ୍ରିକେଟ୍ ପ୍ରଶିକ୍ଷଣ ଦେଉଥିବା ବେଳେ ସହୀଦ ହୁସେନ ଟେବୁଲ ଟେନିସ, ଉର୍ବଶୀ ମଲ୍ଲିକ ବାସ୍କେଟ ବଲ, ବରେଶ ମିଶ୍ର ଭଲିବଲ ଓ ସୁବ୍ରତ ନାୟକ ଟେନିସର ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମ ଶେଷରେ ଜୁନିୟର ସ୍ପୋର୍ଟସ ଅଫିସର ପ୍ରିୟମ୍ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପହରଣ ଓ ବଳତ୍କାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର (ପିପିଏସ୍):** ୨୦୧୮ରେ ଘଟିଥିବା ଏକ ଅପହରଣ ଓ ବଳତ୍କାର ମାମଲାର ଫେରାର୍ ଅଭିଯୁକ୍ତକୁ ଆଜି ପୁଲିସ ଗିରଫ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ବାଲିପାଟଣା ଥାନା ଅନ୍ତର୍ଗତ ନରିଶୋ ପଞ୍ଚାୟତ କୁଶୁପଦାର ଶିବ ଜେନା (୨୮) ଶିବ ୨୦୧୮ ମସିହାରୁ ଗୋଆରେ ଆତ୍ମଗୋପନ କରିଥିଲା। କିଛି ମାସ ପୂର୍ବରୁ ସେ ଘରକୁ ଆସିବା ଖବର ପାଇ ଆଜି ପୁଲିସ ଗିରଫ କରିଥିଲା। ଏ ନେଇ ମାମଲା ନଂ ୭୯/୧୮ରେ ତାକୁ କୋର୍ଟ ଚାଲାଣ କରାଯାଇଛି।।

## ୨୫ରେ ମୁକ୍ତିଲାଭ କରିବ ‘ଟି’

**ଭୁବନେଶ୍ୱର (ପିପିଏସ୍):** ଟ୍ରାନ୍ସଜେଣ୍ଡରଙ୍କ ଜୀବନ କାହାଣୀକୁ ନେଇ ନିର୍ମିତ ଚଳଚ୍ଚିତ୍ର ‘ଟି’ର ଟ୍ରେଲର ରିଲିଜ୍ ହୋଇଯାଇଛି। ଏହି ଟ୍ରେଲର ରିଲିଜ୍ ଅବସରରେ ଓଲିଉଡ୍ ସିନେ ଇଣ୍ଡଷ୍ଟ୍ରିର ବହୁ ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ତଥା ଅନେକ ସିନେ ସମୀକ୍ଷକ ଯୋଗ ଦେଇଥିଲେ। ପାନୋରାମା ମ୍ୟୁଜିକ୍ ଓ ଷ୍ଟୁଡିଓ ପ୍ରଥମଥର ପାଇଁ ଓଡ଼ିଆ ଚଳଚ୍ଚିତ୍ରଟି ସହିତ ମିଳିତ ଭାବରେ ପ୍ରଚାରପ୍ରସାର କରୁଛନ୍ତି। ଯେଉଁଥିରେ ଟିଜର୍, ଟ୍ରେଲର୍ ଏବଂ ଚଳଚ୍ଚିତ୍ରର ଗୀତଗୁଡ଼ିକ ଦେଖିବାକୁ ପାଇବେ ଦର୍ଶକ। ଲୋକାର୍ପଣ ଉତ୍ସବରେ କିନ୍ନର ମେଘନା ସାହୁ, କିନ୍ନର ସମୀକ୍ଷା, ଅଭିନେତା ଦେବାଶିଷ ସାହୁ, ରଣବୀର କଲସୀ, ସହପ୍ରଯୋଜକ ମନବୀର ସିଂ କଲସୀ, ସହପ୍ରଯୋଜକ ହିମାଦ୍ରି ତନୟ ଦାସ, ନିର୍ଦ୍ଦେଶକ ଜିତେଶ କୁମାର ପରିଡ଼ା ଓ ପ୍ରଣୟ ଜେଠୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ଉଚ୍ଚ ପ୍ରଶଂସିତ ହେବା ସହିତ ଅନେକ ସାର୍ଟିଫିକେଟ୍ ହାତେଇଛି ଚଳଚ୍ଚିତ୍ର ‘ଟି’। ଟ୍ରାନ୍ସଜେଣ୍ଡରଙ୍କୁ ନେଇ ସର୍ବଭାରତୀୟସ୍ତରରେ ଛୋଟ ପରଦାରେ ପୂର୍ବରୁ ପରିକଳ୍ପନା ହୋଇଥିବାବେଳେ ପ୍ରଥମଥର ପାଇଁ ନିର୍ଦ୍ଦେଶକ ଜିତେଶ କୁମାର ପରିଡ଼ା ବଡ଼ ପରଦା ପାଇଁ ପରିକଳ୍ପନା କରିଛନ୍ତି।



କିନ୍ନରମାନଙ୍କ ସଂଘର୍ଷମୟ ଜୀବନ କାହାଣୀକୁ ନେଇ ଚଳଚ୍ଚିତ୍ର’ଟି’ ନିର୍ମାଣ କରିଛନ୍ତି। ଏଥିରେ ଅଭିନେତା ଦେବାଶିଷ୍ ସାହୁ ମେଘନା ସାହୁ ଚରିତ୍ରରେ ନଜର ଆସିବେ। ତାଙ୍କ ବ୍ୟତୀତ ଉଷସୀ ମିଶ୍ର, ହର ରଥ, ରଣବୀର କଲସୀ ଓ ପ୍ରସନ୍‌ଜିତ୍ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ଆସନ୍ତା ୨୫ତାରିଖରେ ସମଗ୍ର ରାଜ୍ୟର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ସ୍ଥିର କରାଯାଇଛି। ଚଳଚ୍ଚିତ୍ରଟି ସମାଜ ପାଇଁ ଅନେକ ଶିକ୍ଷଣୀୟ ବାର୍ତ୍ତା ବହନ କରୁଛି। ଏଥିପାଇଁ ସିନେପ୍ରେମୀ ଚଳଚ୍ଚିତ୍ର ‘ଟି’କୁ ଦେଖିବା ପାଇଁ ମିଡିଆ ପ୍ଲାନର୍ ମୁଖ୍ୟ ପ୍ରଣୟ ଜେଠୀ କହିଛନ୍ତି। ଜିତେଶ କୁମାର ଫିଲ୍ମଜ୍ ଓ ଆର୍ ଆର୍ ମୋସନ ପିକ୍‌ଚର୍ସର ପ୍ରଯୋଜନା ତଥା ବିଘ୍ନହର୍ତ୍ତା ମୁଭିଜ୍, ମୋହିତ୍ କୁମାର ପୁରୀ, ହିମାଦ୍ରୀ ତନୟ ଦାସ ସହ ପ୍ରଯୋଜନା ଏବଂ ଅମ୍ରିତାମୋହନ ଶତ୍ପଥି, ସୋମାକିରଣ ଜେନା, ରାଜଶ୍ରୀ ମହାପାତ୍ରଙ୍କ ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଛି ଚଳଚ୍ଚିତ୍ର ‘ଟି’।

## ‘ମୈତ୍ରେୟୀ ଲେଖିକା ସଙ୍ଗଠନ’ର ଦ୍ୱିତୀୟ ବାର୍ଷିକୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ସାହିତ୍ୟାନୁଷ୍ଠାନ ‘ମୈତ୍ରେୟୀ ଲେଖିକା ସଙ୍ଗଠନ’ର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥିଭାବେ ସାହିତ୍ୟିକ ତଥା ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ସାହିତ୍ୟିକ ଦାଶ ବେନହୁର ଓ ସାହିତ୍ୟିକ ସରୋଜିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ‘ସର୍ଜନା ଓ ସାମାଜିକ ପ୍ରତିବଦ୍ଧତାରେ ନାରୀ’ ପ୍ରସଙ୍ଗରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ସାହିତ୍ୟିକ ତଥା ପ୍ରଶାସକ ଶ୍ରୀ ଦାସ କହିଲେ, ଯେ ନାରୀ ସବୁବେଳେ ସୃଷ୍ଟିଶୀଳା। କାରଣ ସେ ମା’ଟିଏ, ଯିଏ ସନ୍ତାନକୁ ଜନ୍ମ ଦେବା ପରି ଦୁନିଆର ସବୁଠୁ କଠିନ କାମ କରିବା ସହିତ ସାମାଜିକ ପ୍ରତିବଦ୍ଧତାର ସହ ବିଭିନ୍ନ କାର୍ଯ୍ୟ ଦାୟିତ୍ୱର ସହ ନିର୍ବାହ କରିଥାଏ। ମା’କୁ ସର୍ବଶ୍ରେଷ୍ଠ ସ୍ଥାନ ଦେଇ ନାରୀର ସର୍ଜନାତ୍ମକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ ଶ୍ରୀ ବେନହୁର। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖପତ୍ର ‘ମୈତ୍ରେୟୀ’ ଉନ୍ମୋଚିତ ହୋଇଥିଲା। ଏହାସହିତ ଦିବଂଗତ ଶୁଭ୍ରାଂଶୁ ଭୂଷଣ ପାଢ଼ଯୋଶୀଙ୍କ କବିତା ସଂକଳନ ‘ଈଶାନୁରାଗ’ ଓ ଅଶୋକ କୁମାର ମହାନ୍ତିଙ୍କ ଦ୍ୱାରା ଇଂରାଜୀରେ ଅନୁଦିତ ସୁଲେଖିକା ସୁଷମା ମିଶ୍ରଙ୍କ ଗଳ୍ପ ପୁସ୍ତକ ‘ଦି ଇଣ୍ଟିମେଟ୍ ଆର୍ଟ’ ଉନ୍ମୋଚିତ ହୋଇଥିଲା।

## ବାଲିପାଟଣା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ଭୁବନେଶ୍ୱର (ପିପିଏସ୍):** ବାଲିପାଟଣା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ରହିଥିଲେ। ଶିବିରରେ ମୋଟ ୧୨୯ଟି ବିଭିନ୍ନ ସମସ୍ୟା ବିଚାର ପାଇଁ ଆସିଥିବାବେଳେ ସେଥିରୁ ୨ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ସବୁ ଅଭିଯୋଗଗୁଡ଼ିକୁ ସଂପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁ, ତହସିଲଦାର ବୁଲବଲ୍ ବେହେରା, ଅତିରିକ୍ତ ତହସିଲଦାର ପର୍ଶୁରାମ ମଲ୍ଲିକ, ବ୍ଲକ୍ ଶିକ୍ଷାଧିକାରୀ ଶୈଳଧିରାଜତନୟା ଶତପଥୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଜଣେ ନିରାଶ୍ରୟା ବିଧବା ମହିଳା ବହୁବାର ଜନଶୁଣାଣି କାର୍ଯ୍ୟକ୍ରମରେ ନିଜ ମନର ବ୍ୟଥା ବିଖାଣି ଥକିଗଲେ ବି ନ୍ୟାୟ ପାଇପାରୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ ହେଲେ ରାଜଶ୍ରୀ ସ୍ୱାଇଁ। ବାଲିପାଟଣା ଥାନା ବରଦାପଡ଼ା ଗ୍ରାମର ପ୍ରଶାନ୍ତ କୁମାର ନାୟକଙ୍କୁ ସେ ବିବାହ କରିଥିଲେ। ୨୦୨୧ରେ ତାଙ୍କ ସ୍ୱାମୀଙ୍କର କୋଭିଡ୍ ଜନିତ ମୃତ୍ୟୁ ଘଟିଥିଲା। ପରେ ଶ୍ୱଶୁର ଘରେ ତାଙ୍କୁ ନିର୍ଯାତନା ଦିଆଯିବା ସହିତ ତାଙ୍କ ସ୍ୱାମୀଙ୍କ ଜୀବନବୀମା ଅର୍ଥକୁ ତଞ୍ଚକତା କରି ନେଇଯାଇଥିଲେ। ଏଥିସହ ତାଙ୍କୁ ଘରୁ ତଡ଼ିଦେବାରୁ ସେ ଆସି ତାଙ୍କ ବାପ ଘରେ ଅଛନ୍ତି। ଏ ନେଇ ରାଜଶ୍ରୀ କମିଶନରେଟ୍ ପୁଲିସ୍ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ମହିଳା ଥାନା, ବାଲିପାଟଣା ଥାନା, ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଇଗଲେଣି, କିନ୍ତୁ ନ୍ୟାୟ ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସବୁଥର ଜନଶୁଣାଣିରେ ଜିଲ୍ଲାପାଳ ବୁଝିବେ କହି ଟାଳି ଯାଉଛନ୍ତି। କିନ୍ତୁ ରାଜଶ୍ରୀ ଏବଂ ତାଙ୍କ ପାଞ୍ଚ ବର୍ଷର ପୁଅର ଭବିଷ୍ୟତ ଏବେ ଅନ୍ଧାରରେ।

ଅନ୍ୟପକ୍ଷରେ ଜନଶୁଣାଣିବେଳେ ଲାଇନ୍ କଟିଯିବାରୁ କିଛି ସମୟ ଅନ୍ଧାର ଓ ଗୁଳୁଗୁଳିରେ ଶୁଣାଣି କାର୍ଯ୍ୟ ଚାଲିଥିଲା।

# ମିଳୁନି ପାନୀୟଜଳ, ସମସ୍ୟାରେ ୩୫ ପରିବାର



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ୍ କୁଳସାହି ଗ୍ରାମରେ ଏବେ ପିଇବା ପାଣି ସମସ୍ୟା ଉତ୍କଟ ହୋଇଛି। ଗ୍ରାମର ଦୁଇ ବ୍ରାହ୍ମଣସାହି ପଣ୍ଡାସାହି ଓ ମିଶ୍ରସାହିକୁ ବିଛା ଯାଇଥିବା ପାଇପ୍‌ଲାଇନ କୁଶଭଦ୍ରା ବନ୍ୟାରେ ଭାସିଯିବା ପରେ ଆଉ ପକାଯାଇ ନାହିଁ। ଯାହାଫଳରେ ଖରାଦିନେ ପଣ୍ଡାସାହି ଓ ମିଶ୍ରସାହିର ୩୫ ପରିବାର ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଗ୍ରାମରେ ଥିବା ୨ଟି କୂଅ ଓ ପୋଖରୀ ପାଣି ଶୁଖିଯାଇଛି। ଗାଁର ମା’ ବାସେଳୀଙ୍କ ପୀଠ ନିକଟରେ ଥିବା ଏକମାତ୍ର ନଳକୂପରୁ ମଧ୍ୟ ଭଲକରି ପାଣି ବାହାରୁ ନାହିଁ। ତେଣୁ ବାଧ୍ୟ ହୋଇ ଗ୍ରାମର ୨୦୦ରୁ ଅଧିକ ଲୋକ ଗୋଟିଏ କୂଅର ଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ମେଗା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ଆଳରେ ଆଉ ଗ୍ରାମକୁ ପାଇପ୍‌ଲାଇନ ବିଛାଯାଇପାରିବ ନାହିଁ ବୋଲି ସ୍ଥାନୀୟ ଜନପ୍ରତିନିଧିମାନେ କହି ନିଜ ଉପରୁ ଦାୟିତ୍ୱ ଖସାଇ ଦେଉଥିବା ସାହିବାସିନ୍ଦା କହିଛନ୍ତି। ଏଭଳି ପରିସ୍ଥିତିରେ ଅନ୍ୟ ବିକଳ୍ପ ବ୍ୟବସ୍ଥା ହେଉଛି ଟ୍ୟାଙ୍କର ଯୋଗେ ଏହି ଦୁଇସାହିକୁ ପାଣି ଯୋଗାଣ। ପାଣି ଯୋଗାଣ ନେଇ ଶତାଧିକ ଲୋକ ଦସ୍ତଖତ ସମ୍ବଳିତ ଦାବିପତ୍ର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖାଲିସେତିକି ନୁହେଁ ଚଳିତ ମାସ ୧୦ତାରିଖରେ ବ୍ଲକ୍ ସଭାକକ୍ଷରେ ଅନୁଷ୍ଠିତ ଅତିରିକ୍ତ ଖୋର୍ଦ୍ଧା ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହୁରାଙ୍କ ଜନଶୁଣାଣି ଶିବିରରେ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ତୁରନ୍ତ ପାଣି ଯୋଗାଇ ଦେବାକୁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ମଧ୍ୟରେ ମାସ ଶେଷ ହେବାକୁ ବସିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗୀୟ ଅଧିକାରୀ ଆନ୍ତରିକତା ଦେଖାଉନଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର ପୂର୍ବତନ ୱାର୍ ? ସଭ୍ୟ ନିରଞ୍ଜନ ସ୍ୱାଇଁଙ୍କ କହିବାନୁସାରେ ୨୦୦୮ ମସିହା କୁଳସାହି ନିକଟରେ କୁଶଭଦ୍ରା ନଦୀ ପ୍ରଳୟଙ୍କରୀ ବନ୍ୟାରେ ସାହିକୁ ବିଛା ଯାଇଥିବା ପାଇପ ଲାଇନ ସବୁ ନଷ୍ଟ ହୋଇଯାଇଥିଲା। ସେବେଠାରୁ ଗ୍ରାମର ଅଧା ଲୋକ ପ୍ରତାପରୁଦ୍ରପୁର ପ୍ରକଳ୍ପରୁ ପାଇପ୍ ଲାଇନ ପାଣି ପାଉଥିବା ବେଳେ ବାକି ଅଧା ଲୋକ ଏଥିରୁ ବଞ୍ଚିତ ହୋଇଛନ୍ତି। ପଣ୍ଡାସାହି ଏବଂ ମିଶ୍ରସାହି ବାସିନ୍ଦା ଗ୍ରୀଷ୍ମଦିନେ ପାଣି ପାଇଁ ଦହଗଞ୍ଜ ହେଉଛନ୍ତି। ତୁରନ୍ତ ଟ୍ୟାଙ୍କର ଯୋଗେ ସାହିକୁ ପାଣି ଯୋଗାଇ ଦେବାକୁ ଦାବି ହେଉଛି।

# ଗେଙ୍ଗୁଟି ନଦୀରେ କୁମ୍ଭୀର ଆତଙ୍କ

## ନଦୀ ପାର୍ଶ୍ୱରେ ତାରବାଡ଼ ଘେରାଇବାକୁ ବନବିଭାଗ ନିକଟରେ ଦାବି



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଈଶ୍ୱରପୁର ଗ୍ରାମ ଦେଇ ପ୍ରବାହିତ ଗେଙ୍ଗୁଟି ନଦୀରେ ଅଧିକାଂଶ ସମୟରେ କୁମ୍ଭୀର ଭାସୁଥିବାରୁ ନଦୀକୂଳିଆ ଗ୍ରାମର ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ବନବିଭାଗ ଏ ନେଇ ଲୋକମାନଙ୍କୁ ସଚେତନ କରାଇବା ସହିତ ନଦୀ ପାର୍ଶ୍ୱରେ ତାରବାଡ଼ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ପ୍ରକାଶ ଯେ, ଶ୍ୟାମସୁନ୍ଦରପୁର ପଞ୍ଚାୟତର ଈଶ୍ୱରପୁର, ସାପକାଟିଆ, ଶ୍ୟାମସୁନ୍ଦରପୁର ଇତ୍ୟାଦି ୫ଟି ଗ୍ରାମର ଲୋକ ନଦୀରେ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି । ନଦୀରେ କୁମ୍ଭୀର ଭାସୁଥିବା ଦେଖି ଲୋକମାନେ ନଦୀକୁ ଯାଇ ପାରୁନାହାନ୍ତି । କିଛିଦିନ ପୂର୍ବରୁ ଗେଙ୍ଗୁଟି ନଦୀରେ କୁମ୍ଭୀର କାଁପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କର କୁମ୍ଭୀର ଆକ୍ରମଣରେ ମୃତ୍ୟୁ ହୋଇଥିବା ବେଳେ ଗାଈଗୋରୁ ମଧ୍ୟ କୁମ୍ଭୀର ଆକ୍ରମଣ ଶିକାର ହେଉଛନ୍ତି । ଏଥିପାଇଁ ଭୟଭୀତ ହୋଇ ଲୋକମାନେ ନଦୀକୁ ଯାଇ ପାରୁନଥିବାରୁ ଜୀବିକା ନିର୍ବାହରେ ବାଧା ସୃଷ୍ଟି ହେଉଛି । ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକମାନଙ୍କୁ ଏଥିପାଇଁ ସଚେତନ କରାଇବା ସହିତ ବନ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ତାରବାଡ଼ ବ୍ୟବସ୍ଥା କରିବାକୁ ସରପଞ୍ଚ ପବିତ୍ରମୋହନ ମଳିକ, ପୂର୍ବତନ ସମିତିସଭ୍ୟ ଯଶୋବନ୍ତ ମଳିକ, ସୁଧୀର ମଳିକ, ଦିଲୀପ ମଳିକ, ତରୁଣ କୁମାର ମଳିକ, ଆଶିଷ ମଳିକ, ନରେନ୍ଦ୍ର କୁମାର ମଳିକ, ବିକାଶ ମଳିକ, ଦୟାନିଧି ମଳିକଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି ।

# ଚୌଦ୍ୱାରରେ ଘନ ଘନ ବିଜୁଳି କାଟ୍ : ଜନଜୀବନ ହନ୍ତସନ୍ତ

ଚୌଦ୍ୱାର,(ପିପିଏସ୍): ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ କାଟ ହେବନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିବାବେଳେ ଚୌଦ୍ୱାରରେ ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ଘନଘନ ବିଜୁଳି କାଟ ହେବା ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଲାଣି । ଗତ ୫ଦିନ ହେଲା ପ୍ରଚଣ୍ଡ ରୌଦ୍ର ତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେତୁ ଲୋକେ ହନ୍ତସନ୍ତ ହେଉଛନ୍ତି ।ଏଭଳି ପରିସ୍ଥିତିରେ ଟାଟା ପାୱାରର ବାରମ୍ବାର ବିଦ୍ୟୁତ୍ କାଟ ଲୋକ ମାନଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛି ।ରବିବାର ଦିନସାରା ବାରମ୍ବାର ବିଦ୍ୟତ କାଟ ସହିତ ଲାଇନ୍ ମେଣ୍ଟେନାନ୍ସ ନାମରେ ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ କରାଗଲା । ପୁଣି ରାତିରେ ବାରମ୍ବାର ଲାଇନ୍ କଟିଲା । ସୋମ ବାର ସକାଳ ୯ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଓ ଅପରାହ୍ନରେ ଲଗାତାର ଲାଇନ୍ କାଟ କରାଗଲା । ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ପ୍ରବାହ ସମୟରେ ଏଭଳି ବିଦ୍ୟୁତ୍ କାଟ ଫଳରେ ଲୋକେ ନାହିଁ ନଥିବା ଯାତନା ଭୋଗୁଛନ୍ତି । ଗ୍ରୀଷ୍ମ କାଳରେ ଲାଇନ୍ ସଜଡ଼ା ନାମରେ ବିଜୁଳି କାଟ କରାଯିବା ଟାଟା ପାୱାରର ଏକ ଚାଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଭଳି ବିଦ୍ୟୁତ୍ କାଟ ବନ୍ଦ ନକଲେ ସ୍ଥାନୀୟ ଲୋକେ ଟାଟା ପାୱାର ଅଫିସ୍ ଘେରାଓ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ରାଜରାସ୍ତା ଅବସ୍ଥା ଶୋଚନୀୟ, କାମଛାଡ଼ି ଠିକାଦାର ଫେରାର



ଚୌଦ୍ୱାର,(ପିପିଏସ୍): ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆଜକୁ ୫ ବର୍ଷ ହେଲା ଜାରୀ ରହିଛି । ସମ୍ପ୍ରସାରଣ କାର୍ଯ୍ୟ ହାତକୁ ନେଇଥିବା ଠିକାଦାର ସଂସ୍ଥା ମଙ୍ଗୁଳି ଛକ ଠାରୁ ହୋଇ ଚୌଦ୍ୱାର ନିକଟ ଧୂମାବତୀ ଛକ ପର୍ଯ୍ୟନ୍ତ ଦୀର୍ଘ ୪ କିଲୋମିଟର ରାସ୍ତାକୁ ଖୋଳିତାଡ଼ି ଅଗମ୍ୟ କରି ପକାଇ ଦେଇ ଆଜକୁ ୩ ମାସ ହେଲା ଫେରାର ହୋଇ ଯାଇଛି । ବ୍ୟସ୍ତ ବହୁଳ ଏହି ରାଜରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ି ମଟର ଯାତାୟତ କରୁଥିବାବେଳେ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଚୌଦ୍ୱାର ସହରର ଲୋକମାନେ ରାତି ପାହିଲେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ରାସ୍ତାଟି ଖାଲ ଖମାରେ ଭରି ଅଗମ୍ୟ ହୋଇଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଯାନବାହନ ଜଖମ ହେବା ଓ ପଥଚାରୀ ଆହତ ହେବା ନିତିଦିନିଆ ଘଟଣା ହେଲାଣି ।ବିଗତ ୩ ବର୍ଷ ଭିତରେ ଏହି ରାସ୍ତା ଦୁର୍ଘଟଣାରେ ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ହାନୀ ହେଲାଣି ।ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ବହୁ ସଂଗଠନ ଓ ଜନ ସାଧାରଣ ଜାତୀୟ ରାଜପଥ ପ୍ରାଧିକରଣକୁ ବାରମ୍ବାର ଅନୁରୋଧ କରିବା ସହିତ ଅନେକ ଥର ରାସ୍ତାରୋକୋ କରିଛନ୍ତି । ସ୍ଥାନୀୟ ବିଧାୟକ ଓ ବହୁ ରାଜନେତା ରାସ୍ତା କାର୍ଯ୍ୟ ତଦାରଖ କରି ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟ ତାଗିଦ କରିଛନ୍ତି । ହେଲେ ଏମ୍ଏସ୍‌ସିଏଲ ନାମକ ଏହି ଠିକା ସଂସ୍ଥା କାହାରିକୁ ଖାତିର ନକରି କାର୍ଯ୍ୟକୁ ଅଧା ପନ୍ତରିଆ କରି ପକାଇ ଦେଇ ଚାଲି ଯାଇଛି ।ଫଳରେ ସ୍ଥାନୀୟ ଜନ ସାଧାରଣ ଓ ରାସ୍ତାରେ ଯାଉଥିବା ଗାଡ଼ି ମଟର ସବୁ ଯାତନା ଭୋଗିବା ସାର ହୋଇଛି ।ଓଟିଏମ୍ ବଜାର ଠାରୁ ଚୌଦ୍ୱାର କଲେଜ ପର୍ଯ୍ୟନ୍ତ ରାଜରାସ୍ତାର ଦୁଇ ପାଖରେ ସର୍ଭିସ୍ ରୋଡ଼ ନିର୍ମିତ ହୋଇଥିଲେହେଁ ତାହାମଧ୍ୟ ଅଧରାପନ୍ତରିଆ ହୋଇ ରହିଛି ।ମୁଖ୍ୟରାସ୍ତାଟି ଅଗମ୍ୟ ହୋଇଥିବାରୁ ବଡ଼ ଗାଡ଼ି ଗୁଡ଼ିକ ଏହି ସର୍ଭିସ୍ ରୋଡ଼ରେ ଯାତାୟତ କରୁଥିବାରୁ ପଥଚାରୀ ଓ ଛୋଟଗାଡ଼ି ମାନଙ୍କ ପାଇଁ ସର୍ଭିସ୍ ରୋଡ଼ ଏବେ ମରଣ ଯନ୍ତା ପାଲଟିଲାଣି । ଏସମ୍ପର୍କରେ ସ୍ଥାନୀୟ ଲେଶକେ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ଥାନା ତରଫରୁ ରାସ୍ତା ଉପରେ ସ୍ଥାନେସ୍ଥାନେ ଷ୍ଟପ୍ ବୋର୍ଡ଼ ଲାଗାଯିବା ସହିତ କିଛିଦିନ ପାଇଁ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲେହେଁ ଏବେ ତାହା ମଧ୍ୟ ଠଇକ୍ ଭାବରେ କରାଯାଉନଥିବା ଏବଂ ଅନେକ ସ୍ଥାନରେ ଷ୍ଟପ୍ ବୋର୍ଡ଼ ଗୁଡ଼ିକୁ ହଟାଇ ବଡ଼ ଗାଡ଼ି ଗୁଡ଼ିକ ସର୍ଭିସ୍ ରୋଡ଼ରେ ଯାତାୟତ କରୁଥିବା ଦେଖିବାକୁ ମିଳୁଛି । ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜାତୀୟ ରଜପଥ ପ୍ରାଧିକରଣ, ରାଜ୍ୟ ସରକାର, ଚୌଦ୍ୱାର ପୌର ପାଳିକା ଓ ଚୌଦ୍ୱାର ଥାନା ତରଫରୁ ତୁରନ୍ତ ଦୃଢ଼ ପଦକ୍ଷେପ ନେବାପାଇଁ ଦାବି ହେଉଛି ।

# ସଖାଶ୍ରୟରେ ମାତୃ ଦିବସ ପାଳିତ



କଟକ ସଦର, (ପିପିଏସ୍): କଟକ ସଦର ଅନ୍ତର୍ଗତ ନୂଆଗଡ଼ସ୍ଥିତ ଜରା ନିବାସ 'ସଖାଶ୍ରୟ' ପକ୍ଷରୁ ମାତୃ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡାକ୍ତର ପ୍ରେମଲତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତିତ ନିଷ୍ଠାପର ଜନସେବା ପାଇଁ ଅର୍ଚ୍ଚନା ମହାନ୍ତି, ସଂଘମିତ୍ରା ଦାସ, ଗୁରୁପ୍ରିୟା ରାଉତ, ପିଙ୍କି ସାହୁ ଓ ମେନକା ପ୍ରଧାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ବସୁନ୍ଧରାର ସମ୍ପାଦିକା ଶୈଳ ବେହେରା, ଶିଳା କାନୁନ୍‌ଗୋ, ଅନୁଷ୍ଠାନର ଉପଦେଷ୍ଟା ଡଃ ସତ୍ୟ ରାୟ, ଡଃ ମିତା ଦେବତା, ଡେପୁଟି କଲେକ୍ଟର ଅଳକା ଦେବତା ପ୍ରମୁଖ ଯୋଗଦେଇ ମହିଳାମାନଙ୍କର ସାମାଜିକ ନିରାପତ୍ତା ଓ ଅଧିକାର ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ବ୍ରଜ କିଶୋର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସମ୍ପାଦିକା କବିତା ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ସମଭାଷଣ ଜଣାଇଥିଲେ । କୈଳାସ ଚନ୍ଦ୍ର ମାହାଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ଖବରକାଗଜ ବିତରକଙ୍କ ସ୍କୁଟର ଚୋରି

କଟକ ସଦର, (ପିପିଏସ୍): ୪୨ ମୌଜା ଅଞ୍ଚଳର ଖବର କାଗଜ ବିତରକ ସୁକାନ୍ତ ବେହେରାଙ୍କର ଏକ ଆକ୍ଟିଭା ସ୍କୁଟର (ଓଡି୦୫-ଏଏଚ୍-୩୪୫୨କୁ ଗତ କାଲି ରାତିରେ ସ୍ଥାନୀୟ ବେଣ୍ଟକାର ବଜାରରୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ଆଜି ୪୨ ମୌଜା ଥାନାରେ ଅଭିଯୋଗ ହୋଇଛି । ଥାନା ପକ୍ଷରୁ ଉକ୍ତ ଘଟଣାର ଅନୁସନ୍ଧାନ କରାଯାଇ ସନ୍ଧ୍ୟାରେ ଉକ୍ତ ସ୍କୁଟର ଚୋରକୁ ଗିରଫ କରାଯାଇଥିଲେ ହେଁ ଆସନ୍ତା କାଲି ଜଣକୁ କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି ।

# ବସ୍ ଧକ୍କାରେ ବାଇକ୍‌ଆରୋହୀଙ୍କ ମୃତ୍ୟୁ

ଭୁବନେଶ୍ୱର,(ପିପିଏସ୍): ଅନୁଗୁଳ ଜିଲ୍ଲା ପାଲଲହଡ଼ା ଥାନା ୪୯ ନମ୍ବର ଜାତୀୟ ରାଜପଥ ସାମିୟାପାଲି ଛକ ନିକଟରେ ବସ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ସାଇନାଥ ନାମକ ଏକ ଘରୋଇ ବସ୍ ବାଇକକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ବାଇକ ଚାଳକ ଗୁରୁତର ହୋଇପଡ଼ିଥିଲେ । ପରେ ସ୍ଥାନୀୟ ଲୋକେ ତାଙ୍କୁ ପାଲଲହଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମୃତ ବ୍ୟକ୍ତି ହେଲେ ପାଲଲହଡା ସିଗଡ଼ ଗାଁର ଶରତ ପ୍ରଧାନ ଓ ଘଟଣା ସ୍ଥଳରେ ପୋଲିସ ପହଂଚି ବସ ଓ ବାଇକ କୁ ଜବତ କରି ଅଧିକ ତଦନ୍ତ ଚଳାଇଛି ।

# ବାଙ୍କୀ ତହସିଲ ରେକର୍ଡରୁମ୍‌ରୁ ରେକର୍ଡ ଗାୟବ

## ଖୋଜି ପାଉନି ତହସିଲ ପ୍ରଶାସନ, ଉତ୍ତରଦାୟିତ୍ୱ କାହାର ?

ବାଙ୍କୀ,(ପିପିଏସ୍): ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଜନସାଧାରଣକୁ ଡୋର୍ ଷ୍ଟେପ୍‌ରେ ସେବା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ବାଙ୍କୀ ତହସିଲ କାର୍ଯ୍ୟାଳୟ ବିଭିନ୍ନ ସମୟରେ ଜନସାଧାରଣଙ୍କୁ ହଇରାଣ ହରକତ କରୁଥିବା ନଜରକୁ ଆସୁଛି । ବିଗତ ଦିନରେ ବାଙ୍କୀ ତହସିଲରେ ବ୍ୟାପକ ଜମି ଜାଲିଆତି କରାଯାଇଥିବା ନେଇ ଅଭିଯୋଗ ହେବାପରେ ତଦନ୍ତ କରାଯିବା ସହିତ ପୂର୍ବ ତସହିଲଦାରଙ୍କୁ ପଦବୀରୁ ଅବନତି ପାହ୍ୟା ପ୍ରଦାନ କରାଯିବା ସହିତ ବାଙ୍କୀରୁ ବଦଳି କରାଯାଇଥିଲା । ଏଥି ସହ ବର୍ତ୍ତମାନ ସମୟରେ ବାଙ୍କୀ ତହସିଲ୍ କାର୍ଯ୍ୟାଳୟ ବିଭିନ୍ନ ପ୍ରମାଣ ପତ୍ର ପ୍ରଦାନ ଏବଂ ରେକର୍ଡ ସମ୍ପର୍କୀତ ତଥ୍ୟ ପ୍ରଦାନରେ ଅବହେଳା କରୁଛି ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି । ବର୍ତ୍ତମାନ ସମୟରେ ଜନସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ବାଙ୍କୀ ତହସିଲ୍ ରେକର୍ଡ ରୁମରୁ ଆବଶ୍ୟକୀୟ ସୂଚନାର ରେକର୍ଡ ଗାଏବ ହୋଇଥିବା ନେଇ ତଥ୍ୟ ମିଳିବା ପରେ ରେକର୍ଡକୁ ସାଇତି ରଖିବାର ଉତ୍ତର ଦାୟିତ୍ୱ କାହାର ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏକ ଜମିଜମା ସଂକ୍ରାନ୍ତିୟ ଦାଖଲଖାରଜର ମୋକଦ୍ଦମା ସମ୍ବନ୍ଧୀୟ ତଥ୍ୟ ବାଙ୍କୀ ତହସିଲ୍‌କୁ ରାଜ କିଶୋର ମହାପାତ୍ର ନାମକ ଜନୈକ ବ୍ୟକ୍ତି ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ମାଗିଥିଲେ । କିନ୍ତୁ ସୂଚନା ପାଇବାର ସମୟ ସୀମା ବଢ଼ି ଯାଇଥିଲେ ମଧ୍ୟ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ନପାଇ ଶ୍ରୀଯୁକ୍ତ ମହାପାତ୍ର ତହସିଲ୍ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ରେକର୍ଡ ରୁମ୍ ଦାୟିତ୍ୱରେ ରହିଥିବା ରେକର୍ଡ କିପର ମନୋଜ କୁମାର ରାଉତ ତାଙ୍କୁ ଗାଳିଗୁଲଜ୍ କରିଥିଲେ । ଏ ସଂକ୍ରାନ୍ତରେ ବାଙ୍କୀ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଜାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି । ଅନ୍ୟପଟେ ତଥ୍ୟ ନପାଇ ଅବେଦନକାରୀ ତହସିଲଦାରଙ୍କ ନିକଟରେ ଅପିଲ୍ କରିବା ପରେ ତରବରିଆ ଭାବେ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ସଂଖ୍ୟା ୧୦୪୬ ତା. ୧୦.୦୪.୨୦୨୩ରେ ଆବେଦନକାରୀଙ୍କୁ ଅବଗତ କରାଯାଇଛି ଯେଉଁଥିରେ ରେକର୍ଡ ରୁମ୍‌ରେ ଏ ସଂକ୍ରାନ୍ତିୟ ତଥ୍ୟର ରେଜିଷ୍ଟର ଖୋଜି ପାଇ ନ ଥିବା ଦର୍ଶା ଯାଇଛି । ତହସିଲ୍ କାର୍ଯ୍ୟାଳୟ ପରି ଏକ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ବିଭାଗରେ କିଭଳି ଭାବରେ ରେକର୍ଡ ରେଜିଷ୍ଟର ହଜିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରୀ ବିଧିବ୍ୟବସ୍ଥା ମୁତାବକ ରେକର୍ଡ ରୁମ୍‌ରେ ଚାର୍ଜରେ ରହିଥିବା ବ୍ୟକ୍ତି ଅବସର କିମ୍ବା ବଦଳି ହେବାବେଳେ ଅନ୍ୟଜଣେ ସରକାରୀ କର୍ମଚାରୀଙ୍କୁ ରେକର୍ଡ ରୁମ୍‌ର ସମସ୍ତ କାଗଜାତ୍ ମଡାର ଦେଇଥାନ୍ତି । ତେବେ କେଉଁ ପରିସ୍ଥିତିରେ ଏବଂ କେଉଁ ଅଧିକାରୀଙ୍କ କାର୍ଯ୍ୟକାଳ ସମୟରେ ଏପରି ତଥ୍ୟ ହଜିଲା ତାହା ଏବେ ସନ୍ଦେହ ଘେରରେ ଅଛି । ବର୍ତ୍ତମାନ ସମୟରେ ରେକର୍ଡ କିପର ରହିଥିବା ବ୍ୟକ୍ତି ଜନସାଧାରଣଙ୍କୁ ବିଭିନ୍ନ ସମୟରେ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ବେଳେ ରେକର୍ଡ ନଦେଇ ହଜି ଯିବାର ବାହାନା ଦେଖାଇ ଥାଇ ପାରନ୍ତି ବୋଲି ବାଙ୍କୀର ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ବାଙ୍କୀରେ ପୂର୍ବରୁ ଘଟିଥିବା ଜମି ଜାଲିଆତିକୁ ଲୁଚେଇବା ପାଇଁ ରେକର୍ଡ ରୁମ୍‌ରୁ ରେକର୍ଡ କିପର ଆବଶ୍ୟକୀୟ ରେକର୍ଡ ଗାୟବ କରି ଥାନ୍ତି ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି । ତେଣୁ ଏହାର ତଦନ୍ତ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି ।

# ପଞ୍ଚାୟତର ଉନ୍ନତି ପାଇଁ ସହଯୋଗ ଲୋଡ଼ିଲେ ସରପଞ୍ଚ

କଟକ ସଦର,(ପିପିଏସ୍): କଟକ ସଦର ବ୍ଲକ୍ ଅନ୍ତର୍ଗତ ଦଧିବାମନପୁର ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ସରପଞ୍ଚ ସୁମିତ୍ରା ଗୋଚ୍ଛାୟତ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୋଖରୀ ବନ୍ଧରେ ଥିବା ଚାକୁଣ୍ଡା ଗଛ କାଟିବାକୁ ନେଇ ଭିତ୍ତିହୀନ ପ୍ରଚାର ନକରିବା ପାଇଁ ସେ ଅନୁରୋଧ କରିଛନ୍ତି । ଉକ୍ତ ଗଛର ଫଳ ଦ୍ୱାରା ପାଣି ବିଷାକ୍ତ ହୋଇ ମାଛ ମରିବାକୁ ଦୃଷ୍ଟିରେ ରଖି ଚାକୁଣ୍ଡା ଗଛଟିକୁ କାଟିବାକୁ ପଞ୍ଚାୟତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ତା'ପରେ ଟେଣ୍ଡର ପକ୍ରିୟାରେ ଗଛ ନିଲାମ କରି ଆଦାୟ ଅର୍ଥକୁ ପଞ୍ଚାୟତ ଆକାଉଣ୍ଟରେ ଜମା କରାଯାଇଛି । ସମସ୍ତ ନୀତି ନିୟମ ଅନୁଯାୟୀ ଏହି ଗଛ କଟା ଯାଇଥିବା ସରପଞ୍ଚ ଶ୍ରୀମତୀ ଗୋଚ୍ଛାୟତ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ନାଏବ ସରପଞ୍ଚ ସରୋଜ ବେହେରା ସରପଞ୍ଚଙ୍କ ପ୍ରତିନିଧି ପଦ୍ମନାଭ ଗୋଚ୍ଛାୟତ, ସମାଜସେବୀ ବାଉରୀ ବନ୍ଧୁ ସାଇଁ ସମେତ ୱାର୍ଡ ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ଥିଲେ ।

# ଘରପୋଡି ବିପନ୍ନଙ୍କୁ ଆର୍ଥିକ ସହାୟତା



ବାଙ୍କୀ,(ପିପିଏସ୍): ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତ ସାମନ୍ତରାପୁର (ଖଳିପଲ୍ଲୀ) ଗ୍ରାମର ବାଙ୍କ ନିଧି ଖଟେଇ ଓ ରବି ଖଟେଇଙ୍କର ଘର ପୋଡିରେ ବ୍ୟାପକ କ୍ଷତି ଘଟିଛି । ଖବରପାଇ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବିପନ୍ନଙ୍କ ପାଖରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବାଙ୍କୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ସରପଞ୍ଚ ତଥା ବାଙ୍କୀ ବିଜୁ ଯୁବଜନତା ଉପସଭାପତି ପ୍ରଭୁ ପ୍ରସାଦ ବେହେରା, ପୂର୍ବତନ ସରପଞ୍ଚ ବିପିନି ବିହାରୀ ନନ୍ଦ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପରିଡା, ବାଙ୍କୀ ବିଜୁ ଯୁବଜନତା ସାମାଜିକ ଗଣ ମାଧ୍ୟମ ସଂପାଦକ ସୂର୍ଯ୍ୟକାନ୍ତ ସାହୁ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

# ବେଆଇନ ଗୋରୁ ଚାଲାଣ ଗାଡିକୁ ପୋଲିସ୍‌କୁ ଜିମା ଦେଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର, (ପିପିଏସ୍): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧିନ ୧୬ନଂ ଜାତୀୟ ରାଜପଥ ମୁରୁଣା ଛକ ନିକଟରେ ବେଆଇନ ଗୋରୁ ବୋଝେଇ ଟାଟା ଏସିଇ ଗାଡିକୁ ଅଟକ ରଖି ସ୍ଥାନୀୟ ବାସିନ୍ଦା ପୋଲିସ ଜିମା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଗାଡ଼ିରେ ୭ଟି ଗୋରୁ ଥିବାବେଳେ ଗୋରୁଙ୍କୁ ମଇତାପୁର ଗୋଶାଳାରେ ଛଡ଼ାଯାଇଛି । ଅନ୍ୟପଟେ ପୋଲିସ ଗାଡ଼ିଟିକୁ ଜବତ କରିବା ସହିତ ଗାଡ଼ି ଚାଳକକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

# ଶ୍ରୀରାମ ଫାଉଣ୍ଡେସନ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ ସଦର, (ପିପିଏସ୍): ଅଗ୍ରଣୀ ସାମାଜିକ ସଂଗଠନ ଶ୍ରୀରାମ ଫାଉଣ୍ଡେସନର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ୫୫ ନଂ ୱାର୍ଡ଼ ଅନ୍ତର୍ଗତ ବିଦ୍ୟାଧରପୁର ଜାଗୁଲେଇ ମନ୍ଦିର ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ଏହି ଶିବିରରେ ଅଭିଜ୍ଞ ମେଡ଼ିସିନ, ଅର୍ଥପେଡ଼ିକ୍, ନିରୋଲୋଜି ବିଭାଗର ଡାକ୍ତରଙ୍କ ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନା ମୂଲ୍ୟରେ ଔଷଧ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଫାଉଣ୍ଡେସନର ସଭାପତି ରାକେଶ ଲେଙ୍କା, ସମ୍ପାଦକ ସଂଜୀବ ସାହୁ, ସତ୍ୟ ଶିବ ମିର୍ଦ୍ଧା, ଶୁଭମ ଓଝା, ଓମ ପ୍ରକାଶ ସିଂହ, ନୀଳମାଧବ ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଶିବିରଟିକୁ ପରିଚାଳନା କରିଥିଲେ ।



# ରାଜ୍ୟରେ ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ହେଉଛି ଗୁଳୁଗୁଳି



ଭୁବନେଶ୍ୱର: ସାରା ରାଜ୍ୟରେ ଅସହ୍ୟ ହେଉଛି ଗୁଳୁଗୁଳି ଗରମ । ଚଳିତ ସପ୍ତାହରେ ଏହା ଜନଜୀବନକୁ ଆହୁରି ଅସ୍ତବ୍ୟସ୍ତ କରିପାରେ ଏନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରୁଛି । ତେବେ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ଖରା ଲୋକଙ୍କର କଷ୍ଟ ଦୁଇଗୁଣ ବଢ଼ାଇ ଦେଇଛି । ମଙ୍ଗଳବାର ଦିନ ୨ଟା ୩୦ମିନିଟ ସୁଦ୍ଧା ରାଜ୍ୟର ୩ଟି ସହରର ତାପମାତ୍ରା ୪୦ ଡିଗ୍ରି ଅତିକ୍ରମ କରିଥିଲା ବେଳେ ସମ୍ବଲପୁରରେ ଏହା ସର୍ବାଧିକ ୪୩.୬ ଡିଗ୍ରି ରେକର୍ଡ ହୋଇଛି ।ସେହିପରି ଝାରସୁଗୁଡ଼ାରେ ୪୩.୪ ଓ ହୀରାକୁଦରେ ପାରା ୪୧.୬ ଡିଗ୍ରି ଛୁଇଁଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି ଏବେ ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଅସ୍ୱାଭାବିକ ପାଣିପାଗ ପରିସ୍ଥିତି ରହିଛି । ଉତ୍ତର ବିହାରରୁ ମଧ୍ୟ ଛତିଶଗଡ଼ ପ୍ରଯ୍ୟନ୍ତ ଗୋଟେ ଟ୍ରପ ଲାଇନ ରହିଛି । ତା ପ୍ରଭାବରେ ଉତ୍ତରଓଡ଼ିଶା ସମେତ ଦକ୍ଷିଣଓଡ଼ିଶାରେ ବିଜୁଳି ଘଡଘଡି ଜନିତ ବର୍ଷା ହେବ । ବର୍ଷା ହେଲେ ଗୁଳୁଗୁଳିରୁ ନିସ୍ତାର ମିଳିବ । ବାୟୁମଣ୍ଡଳରେ ଆଦ୍ରତା ଅଧିକ ରହିବା କାରଣରୁ ଦିନ ତମାମ ଅଧିକ ଗୁଳୁଗୁଳି ହେଉଛି କିଛି ଜିଲ୍ଲାରେ ଦିନ ତାପମାତ୍ରା ଅଧିକ ବୃଦ୍ଧି ନହେଲେ ବି ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ଲାଗୁଛି । ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଦିନ ୨ଟା ୩୦ ମିନିଟରେ ଭୁବନେଶ୍ୱରରେ ତାପମାତ୍ରା ୩୭.୨ ଡିଗ୍ରି ରେକର୍ଡ ହୋଇଛି । ଚାନ୍ଦବାଲିରେ ଏହା ୩୬.୬ ଡିଗ୍ରି ଥିବା ବେଳେ କେନ୍ଦୁଝରରେ ୩୬.୪, ଗୋପାଳପୁରରେ୩୪.୮, ପାରାଦୀପରେ ୩୪.୦, ବାଲେଶ୍ୱରରେ ୩୩.୦ ଓ ପୁରୀରେ ୩୨.୮ ଡିଗ୍ରି ପାରା ଛୁଇଁଛି ।

# ମଣିନାଥପୁର ପାଠାଗାର ଓ କ୍ଲବର ନୂତନ ଗୃହ ଉଦ୍‌ଘାଟିତ



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘର ନବନିର୍ମିତ ଗୃହ ଓ ଲକ୍ଷ୍ମଣନାଥ ଦାଶ ପାଠାଗାରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଯୁବକ ସଂଘ ସଭାପତି ଗଜେନ୍ଦ୍ର ଦାସ ଓ ସମ୍ପାଦକ ସୁରଥ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୁଲିସ ଅଧିକାରୀ ବୈଦ୍ୟନାଥ ସୋରେନ ମୁଖ୍ୟ ଅତିଥି, ଗାଁ ମୁରବୀ ବସନ୍ତ କୁମାର ବେଉରିଆ, ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉଦଘାଟନ କରିଥିଲେ ।୧୯୮୮ ମସିହାରେ ପ୍ରତିଷ୍ଠିତ ଏହି ସଂଘର ନୂତନ ଗୃହ ଆକର୍ଷଣୀୟ ଭାବେ ସଂଘ ସଦସ୍ୟଙ୍କ ନିଜସ୍ୱ ଉଦ୍ୟମରେ ନିର୍ମିତ ହୋଇଛି । ସେହିପରି ସ୍ୱର୍ଗତ ଶିକ୍ଷକ ଲକ୍ଷ୍ମଣନାଥ ଦାଶଙ୍କ ଦ୍ୱାରା ୧୯୬୧ ମସିହାରେ ପ୍ରତିଷ୍ଠିତ ପାଠାଗାର ନୂତନ ଗୃହ ଅନୁରୂପ ଭାବେ ନିର୍ମାଣ କରାଯାଇଛି । ଦୈନନ୍ଦିନ ପାଠକଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ନିର୍ମାଣ କରାଯାଇ ପୁସ୍ତକ ସଂଗ୍ରହ କରାଯାଇଛି । ଏହା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ପାଠକୀୟ ପ୍ରବୃତ୍ତି ଅତୁଟ ରହିପାରିବ ବୋଲି ଆଶା ପ୍ରକାଶ ପାଇଛି । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଦୁଃଖିଶ୍ୟାମ ଦାଶଙ୍କ ସମେତ ସୁଶାନ୍ତ ବେହେରା, ଆଲୋକ ଦାସ, ପ୍ରଭାତ ମହାରଣା, ଅଜୟ ମହାଳିକ ପ୍ରମୁଖ ଯୁବକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସମାଜସେବୀ ଜୟଦେବ ମହାପାତ୍ରଙ୍କ ପରଲୋକ

ବାଙ୍କୀ,(ପିପିଏସ୍): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତସ୍ଥ ରାମଚନ୍ଦ୍ରପୁର ଗ୍ରାମର ପୂର୍ବତନ ଶିକ୍ଷକ ସ୍ୱର୍ଗତ ନବୀନ ଚନ୍ଦ୍ର ମହାପାତ୍ରଙ୍କ ପୁତ୍ର ଜୟଦେବ ମହାପାତ୍ରଙ୍କର (୯୨) ବର୍ଷ ବୟସରେ ପରଲୋକ ଘଟିଛି । ସ୍ୱର୍ଗତ ଜୟଦେବ ମହାପାତ୍ର ଜଣେ ସମାଜସେବୀ ଭାବେ ଗ୍ରାମର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ସ୍ୱର୍ଗତ ମହାପାତ୍ର ପରବର୍ତ୍ତୀ ସମୟରେ ଡମପଡ଼ା ବ୍ଲକସ୍ଥ ନରଗାଙ୍ଗ ଗ୍ରାମ ଠାରେ ନିଜସ୍ୱ ଘର କରି ବାସ କରୁଥିଲେ । ସ୍ୱର୍ଗତଃ ମହାପାତ୍ର ଆଦର୍ଶ ଶିକ୍ଷକ ନବୀନ ଚନ୍ଦ୍ର ମହାପାତ୍ରଙ୍କ ଶେଷ ଦାୟଦ ଥିଲେ । ଆଜି ତାଙ୍କ ପରଲୋକ ଖବର ପାଇ ଜିଲ୍ଲା ପରିଷଦ ସଦସ୍ୟ ମିନତୀ ମହାପାତ୍ର, ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ବାଙ୍କ ନିଧି ମହାପାତ୍ର, ସରୋଜ କୁମାର ମହାପାତ୍ର, ପୂର୍ବତନ ଡମପଡ଼ା ବ୍ଲକ ଉପାଧ୍ୟକ୍ଷ ସରୋଜ ମତଗଜ ସିଂହ, ସ୍ଥାନୀୟ ସରପଞ୍ଚ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୃତ୍ୟୁ ସମୟରେ ସ୍ୱର୍ଗତ ଜୟଦେବ ମହାପାତ୍ରଙ୍କ ୩ଝିଅ , ଜାମାତା ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାର ଠାରେ ଅନୁଷ୍ଠିତ ହୋଇଥିଲା ଓ ଜ୍ୟେଷ୍ଠ ନାତି ଜ୍ୟୋତିରଞ୍ଜନ ସାହୁ ମୁଖାଗ୍ନି ପ୍ରଦାନ କରିଥିଲେ ।

# ରତାଗଡ଼ରେ ପ୍ରଥମ ଡାଲୁଅ ଧାନମଣ୍ଡି ଖୋଲିଲା



ବାଙ୍କୀ,(ପିପିଏସ୍): ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ଅଞ୍ଚଳ ରତାଗଡ ସେବାସମବାୟ ସମିତିରେ ପ୍ରଥମ ଡାଲୁଅ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇଛି । କଟକ ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିବା ସହିତ ଚାଷୀମାନେ ସୁବିଧାରେ ଏଠାରେ ଧାନ ବିକ୍ରୟ ପାଇଁ ଅନୁରୋଧ କରିଥିଲେ । ଯେପରି କୌଣସି ଚାଷୀର ଅସୁବିଧା ନହୁଏ ସେଥିପ୍ରତି ସେବାସମବାୟ ସମିତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ମହାପାତ୍ର ସମିତି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ରତାଗଡ ସେବା ସମବାୟ ସମିତି ସଭାପତି ମାନସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ସମବାୟ ସର୍କଲ ଏସ୍.ଏ.ଆର. ଜ୍ୟୋର୍ତି ରଞ୍ଜନ ସେଠୀ, ଏମ୍.ଆଇ ପ୍ରଭାତ କୁମାର ସାହୁ ଅତିଥି ଭାବରେ ଯୋଗଦେଇଥିଲେ । ସମିତି ସଂପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିବା ବେଳେ ସହ ସଂପାଦକ ଗୋବର୍ଦ୍ଧନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତିର ପରିଚାଳନା କମିଟିର କର୍ମକର୍ତ୍ତା ଓ ଚାଷୀମାନେ ଯୋଗଦେଇଥିଲେ ।

## ଆଇପିଏଲ୍-୨୦୨୩

# ୩୪ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କଲା ଗୁଜରାଟ୍ ଟାଇଟନ୍ସ



ଅହମ୍ମଦାବାଦ(ଏଜେନ୍ସୀ): ଶୁଭମନ ଗିଲ୍‌ଙ୍କ ଶତକ ପରେ ମହମ୍ମଦ ଶାମି ଏବଂ ମୋହିତ ଶର୍ମାଙ୍କ ଶାଣିତ ବୋଲିଂ ବଳରେ ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲର ୬୨ତମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଗୁଜରାଟ୍ ଟାଇଟନ୍ସ ୩୪ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି । ବିଜୟ ସହ ଗୁଜରାଟ୍ ପ୍ରଥମ ଦଳ ଭାବେ ଚଳିତ ଆଇପିଏଲରେ ପ୍ଲେ ଅଫରେ ପ୍ରବେଶ କରିଥିବା ବେଳେ ହାଇଦ୍ରାବାଦ ଦ୍ୱିତୀୟ ଦଳ ଭାବେ ପ୍ଲେ ଅଫରୁ ବାଦ୍ ପଡ଼ିଛି । ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ୍ ଟାଇଟନ୍ସ ଶୁଭମନ ଗିଲ୍‌ଙ୍କ ୧୦୧ ରନ ଏବଂ ସାଇ ସୁଦର୍ଶନଙ୍କ ୪୭ ରନ ବଳରେ ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ୧୮୮ ରନ କରିଥିଲା । ଜବାବରେ ହାଇଦ୍ରାବାଦ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୫୩ ରନ କରିଛି । ଦଳ ପକ୍ଷରୁ ଏକ ମାତ୍ର ବ୍ୟାଟର ଭାବେ ହେନରିଚ୍ କ୍ଲାସେନ ୬୪ ରନର ଇନିଂସ ଖେଳିଥିଲେ । ବୋଲିଂରେ ୫ ୱିକେଟ୍ ନେଇଥିବା ଭୁବନେଶ୍ୱର କୁମାର ବ୍ୟାଟିଂରେ ୨୭ ରନ କରିଥିଲେ । ଗୁଜରାଟ୍ ପକ୍ଷରୁ ମହମ୍ମଦ ଶାମି ଏବଂ ମୋହିତ ଶର୍ମା ୪ଟି ଲେଖାଏଁ ୱିକେଟ୍ ନେଇ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ୧୮୯ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ହାଇଦ୍ରାବାଦର ଆରମ୍ଭ ନିରାଶଜନକ ଥିଲା । ୧୧ ରନ ଭିତରେ ଦଳ ଦୁଇ ଓପନର ଅନମୋଲପ୍ରୀତ ସିଂ(୫) ଏବଂ ଅଭିଷେକ ଶର୍ମା(୪)ଙ୍କ ୱିକେଟ୍ ହରାଇଥିଲା । ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା । ଶାମି ଘାତକ ବୋଲିଂ କରି ହାଇଦ୍ରାବାଦର ଟପ୍ ଅର୍ଡର ବିଧ୍ୱସ୍ତ କରିଥିଲେ । ୪୫ ରନ ଭିତରେ ହାଇଦ୍ରାବାଦ ଅଧା ୱିକେଟ୍ ହରାଇଥିଲା । ଅଧିନାୟକ ଆଡନ ମାରକ୍ରମ(୧୦), ରାହୁଲ ତ୍ରିପାଠୀ(୧) ଏବଂ ସନଭୀର ସିଂ(୭) କ୍ରିଜରେ ଅଧିକ ସମୟ ତିଷ୍ଠି ପାରିନଥିଲି । ମଧ୍ୟ କ୍ରମରେ ହେନରିଚ କ୍ଲାସେନ ଦଳର ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ । ହେଲେ ଅନ୍ୟପଟୁ ତାଙ୍କୁ ଉଚିତ୍ ସହାୟତା ମିଳିନଥିଲା । ଅବଦୁଲ ସାମଦ ମଧ୍ୟ ୪ ରନ କରି ପାଭିଲିୟନ ଫେରିଥିଲେ । କ୍ଲାସେନ ୪୪ ବଲ୍‌ରୁ ୪ ଚୌକା ଏବଂ ୩ ଛକା ସହ ୬୪ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ୍ ହୋଇଥିଲେ । ଶେଷ ଆଡ଼କୁ ଭୁବନେଶ୍ୱର କୁମାର ୨୭ ରନ କରିଥିଲେ । ମୟଙ୍କ ମାର୍କେଣ୍ଡ ୧୮ ରନରେ ଅପରାଜିତ ଥିଲେ । ଶେଷରେ ହାଇଦ୍ରାବାଦ ୯ ୱିକେଟ୍ ହରାଇ ୧୫୪ ରନ କରିପାରିଥିଲା । ଗୁଜରାଟ୍ ପକ୍ଷରୁ ମହମ୍ମଦ ଶାମି ୨୦ ରନ ଦେଇ ୪ଟି ୱିକେଟ୍ ନେବା ହାଇଦ୍ରାବାଦର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିବା ବେଳେ ମୋହିତ ଶର୍ମା ୨୮ ରନରେ ୪ ୱିକେଟ୍ ହାସଲ କରି ପ୍ରତିପକ୍ଷ ଦଳର ନିମ୍ନକ୍ରମ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ।

# ଜୁନ୍ ୧ରୁ ନୂଆ ନିୟମକାର୍ଯ୍ୟକାରୀ କରିବାକୁ ଯାଉଛି ଆଇସିସି




ମୁମ୍ବାଇ(ଏଜେନ୍ସୀ) : ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆସନ୍ତା ଜୁନ୍ ୧ରୁ କାର୍ଯ୍ୟକାରୀ କରିବାକୁ ଯାଉଛି ନୂଆ ନିୟମ । ମ୍ୟାଚ୍ ଅବସରରେ ଖେଳ ଓ ଖେଳାଳିଙ୍କ ସ୍ଥିତିରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଆଇସିସି ନୂଆ ନିୟମ ପ୍ରଣୟନ ପାଇଁ ନିଷ୍ପତ୍ତି ନେଇଛି । ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଅଧକ୍ଷତାରେ ଗଠିତ ଆଇସିସି ପୁରୁଷ କ୍ରିକେଟ୍ କମିଟିର ସୁପାରିସ ପରେ ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟି ଏହାକୁ ସବୁଜ ସଙ୍କେତ ଦେଇଛି । ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଜୁନ୍ ପହିଲାରୁ ଲର୍ଡସରେ ଖେଳାଯିବାକୁ ଥିବା ଟେଷ୍ଟ ମ୍ୟାଚ୍ ପରେ ଏହି ସୁପାରିସ କାର୍ଯ୍ୟକାରୀ ହେବ । ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ହେଲମେଟର ସୁରକ୍ଷା ବାଧ୍ୟତାମୂଳକ କରାଯାଇଛି । ଏହି ନିୟମ ଅଧୀନରେ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହେବା ସମୟରେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ । ପୁଣି ଦ୍ରୁତ ବୋଲିଂ ବିପକ୍ଷରେ ଷ୍ଟମ୍ପ ନିକଟରେ ୱିକେଟ୍ କିପିଂ କରିବା ସମୟରେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ । ଏହାଛଡ଼ା ୱିକେଟ୍ ସମ୍ମୁଖରେ ଫିଲ୍ଡରମାନେ ବ୍ୟାଟ୍ସମ୍ୟାନଙ୍କ ନିକଟରେ ଫିଲ୍ଡିଂ କରୁଥିବା ବେଳେ ସେମାନଙ୍କ ପାଇଁ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ । ଫ୍ରି-ହିଟ୍ ରେ ରନ୍: ଯେତେବେଳେ ବଲ୍ ଷ୍ଟମ୍ପେ ମାଡ଼ିବ, ଫ୍ରି-ହିଟ୍ ରେ ନିଆଯାଇଥିବା ଯେକୌଣସି ରନ୍ ସ୍କୋର ହୋଇଥିବା ରନ୍ ସହ ସମାନ ବୋଲି ଗଣନା କରାଯିବ । ଏହା ଫ୍ରି-ହିଟ୍ ରୁ ହୋଇଥିବା ବାକି ରନ୍ ସହ ସମାନ ବୋଲି ବିବେଚନା କରାଯିବ । ଗତ କିଛି ମାସ ହେଲା ଅମ୍ପାୟାରଙ୍କ ସଫ୍ଟ ସିଗନାଲ ଖେଳାଳି, ପ୍ରଶଂସକ ଓ ପୂର୍ବତନ କ୍ରିକେଟରଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ମୁଖ୍ୟ ଅମ୍ପାୟାର ଯେଉଁ ସଂକେତ ମାଧ୍ୟମରେ ୩ୟ ଅମ୍ପାୟାରଙ୍କ ନିକଟକୁ ନିଷ୍ପତ୍ତି ପଠାନ୍ତି ତାହାକୁ ସଫ୍ଟ ସିଗନାଲ କହନ୍ତି । କିନ୍ତୁ ଏବେ ଫିଲ୍ଡ ଅମ୍ପାୟାରମାନଙ୍କୁ ନିଜ ନିଷ୍ପତ୍ତିକୁ ତୃତୀୟ ଅମ୍ପାୟାରଙ୍କ ନିକଟକୁ ପଠାଇବା ପାଇଁ ସଫ୍ଟ ସିଗନାଲର ଆବଶ୍ୟକତା ପଡ଼ିବ ନାହିଁ । ଏବେ ଜୁନ୍ ପହିଲାରୁ ଫିଲ୍ଡ ଅମ୍ପାୟାରମାନେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଟିଭି ଅମ୍ପାୟାରଙ୍କ ସହ ପରାମର୍ଶ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୧୪ ମେ-୨୦ ମେ ୨୦୨୩




କୁସ୍ତି ଯୋଦ୍ଧାଙ୍କ ବିଦ୍ରୋହ

ଅଲମ୍ପିକକୁ ଆଉ ବର୍ଷେ ରହିଲା । ଭାରତ ବହୁ ପଦକ ଆଶା କରିଛି । ଅଲମ୍ପିକ ପଦକ ଦାବିଦାର କୁସ୍ତି ଯୁଦ୍ଧା ନୂଆଦିଲ୍ଲୀ ଯନ୍ତର ମନ୍ତରରେ ଧାରଣା ରତ । ଭାରତୀୟ କୁସ୍ତି ସଂଘର ସଭାପତିଙ୍କ ବିରୋଧ ରେ ସଙ୍ଗିନ ଅଭିଯୋଗ (ମହିଳା କୁସ୍ତି ଯୁଦ୍ଧା ଙ୍କୁ ଯୌନ ଉତ୍ପିଡ଼ନ, ଶୋଷଣ)ଆଣି ତାଙ୍କ ଗିରଫ ଦାବି ଓ ନ୍ୟାୟ ପାଇଁ ଧାରଣାରେ ବସି ରହିଛନ୍ତି । ସରକାର ଏଥିପ୍ରତି ଦୃଷ୍ଟି ଦେଇଥିଲେ ବି କାହିଁକି କୁସ୍ତି ସଙ୍ଘ ର ସଭାପତି ଙ୍କୁ ଗିରଫ କରୁନି ତାହା ଦେଶ ବ୍ୟାପି ଆଲୋଚନା ଚାଲିଛି । ଧାରଣା ଯୋଗୁଁ କୁସ୍ତି କ୍ରୀଡା ବିତ ମାନେ ଅଲମ୍ପିକ ପାଇଁ କୌଣସି ଅଭ୍ୟାସ କରୁନାହାନ୍ତି ଯାହା କି ଆଗାମୀ ଦିନ ରେ ପ୍ୟାରିସରେ ହେବାକୁ ଥିବା ଅଲମ୍ପିକରେ ଭାରତ ପଦକ ଜିତିବା ଆଶା କ୍ଷୀଣ ହେବାରେ ଲାଗିଛି । ଭାରତୀୟ କୁସ୍ତି ମହାସଂଘର ମୁଖ୍ୟ ତଥା ବିଜେପି ସାଂସଦ ବ୍ରିଜ ଭୂଷଣ ଶରନ ସିଂହଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ପୁଣି ଆନ୍ଦୋଳନକୁ ଓହ୍ଲାଇଥିବା ଦେଶର ଷ୍ଟାର ରେଲସରମାନେ ନିଜର ଆଭିମୁଖ୍ୟ ବଦଳାଇଛନ୍ତି । ଗତଥର ଯେତେବେଳେ ସେମାନେ ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରୁଥିଲେ ସେତେବେଳେ କୌଣସି ରାଜନୀତିକ ଦଳର ସମର୍ଥନ ଲୋଡ଼ା ନଥିବା କହିଥିଲେ ।

**ଜାତୀୟ:** ଶରଦ ପାୱାରଙ୍କ ୟୁ ଟର୍ଣ୍ଣ

**ସ୍ୱତନ୍ତ୍ର ପ୍ରସଙ୍ଗ:** ମହାମହିମଙ୍କ ଓଡ଼ିଶା ଗସ୍ତ, ସୃଷ୍ଟି କଲା ଅନେକ ପ୍ରଶ୍ନ

**ନାରୀ:**ସୁନ୍ଦର କେଶ ଏବଂ ତ୍ୱଚା ପାଇଁ ବ୍ୟବହାର କରନ୍ତୁ ଏହି ଫୁଲ୍

**କ୍ଷୁଦ୍ରଗଳ୍ପ:**ନିମ୍ବଫୁଲର ହସ

**ଚଳଚ୍ଚିତ୍ର:** ବାଂଲାଦେଶରେ ରିଲିଜ୍ ହେବ ପଠାନ୍,ବଡ଼ ଘୋଷଣା କଲେ ଏମା,ଗର୍ଭବତୀ ଅଛନ୍ତି ଦଲଜିତ୍ କୌର ,ଓଟିଟିରେ ରିଲିଜ୍ ହେଲା ସୋନାକ୍ଷୀ ସିହ୍ନାଙ୍କ ଫିଲ,ମନ କଥା କିହିଲେ ଶ୍ରଦ୍ଧା,'ମୈଦାନ'ର ରିଲିଜ ତାରିଖ ଘୁଞ୍ଚିଲା,ବିରାଟଙ୍କ ସହ ଡିନରରେ ଗଲେ ଅନୁଷ୍କା,ପ୍ରିୟଙ୍କା ବୁକ୍ କଲେ ଅଢେଇ କୋଟିର ଟେବୁଲ

**ଖେଳ:**ସ୍ୱଦେଶ ଫେରିଗଲେ ଗୁଜୁରାଟର ଷ୍ଟାର ବୋଲର ଜୋସୁଆ ଲିଟିଲ,ନୀତିଶ ରାଣାଙ୍କ ପତ୍ନୀଙ୍କ ସହ ଦୁର୍ବ୍ୟବହାର ମାମଲା ସାମ୍ନାକୁ ଆସିଲା,ଦୋହା ଡାଇମଣ୍ଡ ଲିଗ୍‌ରେ ଜବରଦସ୍ତ ପ୍ରଦର୍ଶନ କଲେ ନୀରଜ,୫୦ ବର୍ଷରେ ପାଦ ଥାପିଲେ ମାଷ୍ଟର ବ୍ଲାଷ୍ଟର,ଆମେରିକୀୟ ଧାବିକା ପଦକ ବିଜେତା ଟୋରି ବୋୱୀଙ୍କ ଦେହାନ୍ତ,ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ୍‌ରୁ ବାଦ୍ ପଡ଼ିଲେ କେ ଏଲ୍ ରାହୁଲ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଅରଣ୍ୟରୋଦନ"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଚର୍ଚ୍ଚାରେ ସ୍ୱିଙ୍ଗର ରାଜକୁମାର ଭୁବନେଶ୍ୱର କୁମାର



ନୂଆଦିଲ୍ଲୀ(ଏଜେନ୍ସୀ): ଆଇପିଏଲ ୬୨ତମ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦକୁ ମାତ୍ ଦେଇ ପ୍ଲେଅଫରେ ପହଞ୍ଚିଛି ଗୁଜୁରାଟ ଟାଇଟନ୍ସ । ତେବେ ହାଇଦ୍ରାବାଦ ମ୍ୟାଚରେ ପରାଜୟ ବରଣ କରିଥିଲେ ବି ଦଳର ଉପ-ଅଧିନାୟକ ତଥା ଷ୍ୟାର ବୋଲର ଭୁବନେଶ୍ୱର କୁମାର ଏକ ଦମଦାର ସ୍ୱେଲ ବୋଲିଂ କରିଛନ୍ତି । ୪ ଓଭରରେ ମାତ୍ର ୩୦ ରନ୍ ଦେଇ ୫ଟି ୱିକେଟ ହାସଲ କରିଛନ୍ତି । ଯେଉଁଥିରେ ଗୁଜୁରାଟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ଶତକବୀର ଶୁଭମନ ଗିଲଙ୍କୁ ମଧ୍ୟ ଶିକାର କରିଥିଲେ ଭୁବି । ତେବେ ବର୍ତ୍ତମାନ ଭୁବନେଶ୍ୱରଙ୍କ ଏହି ସ୍ୱେଲର ଏକ ଭିଡିଓ ଖୁବ ଭାଇରାଲ ହେଉଛି । ବଲକୁ ଉଭୟ ଦିଗରେ ସିଙ୍ଗ କରିବାର କ୍ଷମତା ରଖିଥିବାରୁ ଭୁବନେଶ୍ୱର କୁମାରଙ୍କୁ ସିଙ୍ଗର ରାଜକୁମାର ବୋଲି ମଧ୍ୟ କୁହାଯାଏ । ତେବେ ଗୁଜୁରାଟ ବିପକ୍ଷ ମ୍ୟାଚରେ ତାଙ୍କର ଏପରି ଏକ ଚାଲ୍ ସାମନାକୁ ଆସିଛି । ପୁରୁଣା ଅନ୍ଦାଜରେ ବଲକୁ ସିଙ୍ଗ କରି ସେ ହାସଲ କରିଛନ୍ତି ଏକ ବଡ ୱିକେଟ । ଗୁଜୁରାଟ ଟାଇଟନ୍ସର ଷ୍ୟାର ଓପନର ରିଦ୍ଧିମାନ ସାହାଙ୍କୁ ସେ ନିଜ ପ୍ଲାନର ଶିକାର କରିଛନ୍ତି । ଇନିଂସର ତୃତୀୟ ବଲରେ ସାହାଙ୍କୁ ସେକେଣ୍ଡ ସ୍ଲିପରେ କ୍ୟାଚ କରାଇ ଆଉଟ କରିଥିଲେ ଭୁବନେଶ୍ୱର । କିନ୍ତୁ ଏହା ପୂର୍ବରୁ ତାଙ୍କର ଏକ ଭିଡିଓ ଏବେ ଭାଇରାଲ ହେଉଛି । ଏହି ଭିଡିଓରେ ସେ ସାହାଙ୍କୁ ଆଉଟ କରିବା ପାଇଁ ଯୋଜନା କରୁଥିବାର ଦେଖାଯାଇଛି । ବଲ କରିବା ପୂର୍ବରୁ ଅଧିନାୟକ ମାର୍କରମଙ୍କୁ ଇସାରା କରି ସେକେଣ୍ଡ ସ୍ଲିପ ମାଗିଥିଲେ ଭୁବି । ମାର୍କରମ ମଧ୍ୟ ଭୁବିଙ୍କ କଥାକୁ ସମ୍ମାନ ଦେଇ ସେକେଣ୍ଡ ସ୍ଲିପରେ ଫିଲ୍ଡରଙ୍କୁ ଲଗାଇଥିଲେ । ପରବର୍ତ୍ତୀ ବଲ ଭୁବି ଅଫ ଷ୍ଟମ୍ପ ବାହାରେ ପକାଇଥିଲେ, ଯେଉଁ ବଲରେ ସାହା ଦ୍ୱିତୀୟ ସ୍ଲି ଫିଲ୍ଡର ହାତରେ କ୍ୟାଚ ହୋଇଛନ୍ତି । ଭୁବି ମାର୍କରମଙ୍କୁ ଯେଉଁଭଳି ଇସାରା କରିଥିଲେ, ଠିକ ସେହି ଷ୍ଟାଇଲରେ ପାଭିଲିୟନ ଫେରିଥିଲେ ରିଦ୍ଧିମାନ ସାହା । ତେବେ ବର୍ତ୍ତମାନ ଭୁବନେଶ୍ୱରଙ୍କର ଏହି ଭିଡିଓ ଖୁବ ଭାଇରାଲ ହେଉଛି । ଅନେକଲୋକ ଏହାକୁ ପସନ୍ଦ କରିବା ସହ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ କରିଛନ୍ତି । ତେବେ ଭୁବନେଶ୍ୱର ଏହି ମ୍ୟାଚରେ ମୋଟ ୫ଟି ୱିକେଟ ହାସଲ କରିଥିବା ବେଳେ ଆଇପିଏଲ ଇତିହାସରେ ଦ୍ୱିତୀୟ ଥର ପାଇଁ ଏହି ରେକର୍ଡ ନିଜ ନାମରେ କରିଛନ୍ତି ।

# ଯୁବ ବ୍ୟାଟ୍ସମ୍ୟାନ୍ ଶୁଭମନ୍‌ଙ୍କୁ ପ୍ରଶଂସା କଲେ ବିରାଟ କୋହଲି



ମୁମ୍ବାଇ(ଏଜେନ୍ସୀ) : ଶୁଭମନ୍‌ଙ୍କ ବିରାଟଙ୍କ ପ୍ରଶଂସା । କହିଲେ ଏବେ ସମୟ ଆସିଛି ପରବର୍ତ୍ତୀ ପିଢିଙ୍କୁ ଆଗକୁ ନେବାକୁ । ବିରାଟ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଷ୍ଟୋରୀ ସେୟାର କରି ଏପରି ଲେଖିଛନ୍ତି । ଆଇପିଏଲ୍ ୨୦୨୩ ସିଜନ୍ । ୧୫ ତାରିଖ ଦିନ ଗୁଜୁରାଟ ଓ ହାଇଦ୍ରାବାଦ ମଧ୍ୟରେ ଥିଲା ହାଇଭୋଲଟେଜ୍ ମୁକାବିଲା । ଏହି ମ୍ୟାଚ୍‌ରେ ଶୁଭମନ୍ ଗିଲ୍ ଚମତ୍କାର ବ୍ୟାଟିଂ କରିଥିଲେ । ୫୮ ବଲ୍ ଖେଳି ୧୦୧ ରନ୍ କରିଥିଲେ । ଏଥିରେ ୧୩ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଅଛି । ଆଇପିଏଲ୍‌ରେ ନିଜର ପ୍ରଥମ ଶତକ ହାସଲ କରିଛନ୍ତି ଗିଲ୍ । ତେବେ ଗିଲ୍‌ଙ୍କ ଏହି ଶତକ ପରେ ବିରାଟ କୋହଲି ସୋସିଆଲ୍ ମିଡିଆ ଆକାଉଣ୍ଟ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟୋରୀ ସେୟାର କରିଥିଲେ । ବିରାଟ ଏଥିରେ ଲେଖିଥିଲେ ଯେ, ଯେଉଁଠି ସାମର୍ଥ, ସେଠାରେ ଗିଲ୍ । ଏବେ ସମୟ ଆସିଛି, ଆଗାମୀ ପିଢିକୁ ଆଗକୁ ନେବାକୁ । ଭଗବାନ ତୁମକୁ ଆର୍ଶୀବାଦ କରନ୍ତୁ । ଆଇପିଏଲ୍‌ରେ ଏହା ଗିଲ୍‌ଙ୍କ ପ୍ରଥମ ଶତକ । ଏହାପୂର୍ବରୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିରୋଧୀରେ ଅପରାଜିତ ଭାବେ ୯୪ ରନ୍ କରିଥିଲେ । ଗିଲ୍ ଆଇପିଏଲ୍‌ରେ ଏବେ ଯାଏଁ ୧୩ଟି ମ୍ୟାଚ୍ ଖେଳିଛନ୍ତି । ଯେଉଁଥିରେ ୧୪୬.୧୯ ଷ୍ଟ୍ରାଇକ୍ ରେଟ୍‌ରେ ୫୭୬ ରନ୍ ସଂଗ୍ରହ କରିଛନ୍ତି । ଚଳିତ ସିଜିନ୍‌ରେ ଗିଲ୍ ଏବେ ଯାଏଁ ୪ଟି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଗୋଟିଏ ଶତକ କରିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୩ରେ ଚମତ୍କାର ଫର୍ମରେ ଅଛନ୍ତି ଶୁଭମନ୍ ଗିଲ୍ । ପ୍ରଥମେ ଦିନିକିଆ କ୍ରିକେଟ୍‌ରେ ଦ୍ୱିଶତକ ମାରିଥିଲେ । ଏହାପରେ ଟେଷ୍ଟ ଏବଂ ଟି-୨୦ କ୍ରିକେଟ୍‌ରେ ମଧ୍ୟ ଶତକ ହାସଲ କରିଥିଲେ । ଆଉ ଏବେ ଆଇପିଏଲ୍‌ରେ ମଧ୍ୟ ଶତକ ମାରିଛନ୍ତି ।

# ଆଇପିଏଲ୍‌ରେ ହାତରେ ପଟି ବାନ୍ଧି ନାଚିଲେ ଚିୟରଗର୍ଲ



ମୁମ୍ବାଇ(ଏଜେନ୍ସୀ): ଚାଲିଛି ଫଟାଫଟ୍ କ୍ରିକେଟ । ଘରେ ଘରେ ଏବେ କ୍ରୀଡା ମହାକୁମ୍ଭ ଫିଭର । କାରଣ ଆମ ଦେଶରେ ଅଧିକାଂଶ ଲୋକଙ୍କ ଫେଭରିଟ୍ କ୍ରିକେଟ । ଆଉ ଲୋକଙ୍କ ମଧ୍ୟରେ ଏହି ଖେଳକୁ ଆହୁରି ରୋମାଞ୍ଚ ଭରିବାକୁ ନିୟୋଜିତ ହୋଇଛନ୍ତି ଚିୟର ଗର୍ଲ । ପ୍ରତି ମ୍ୟାଚ୍‌ରେ ନାଚି ନାଚି ଲୋକଙ୍କୁ କରୁଛନ୍ତି ଏଣ୍ଟରଟେନ୍‌ମେଣ୍ଟ । କିନ୍ତୁ ନିକଟରେ ଗୋଟିଏ ଓଚଖ ମ୍ୟାଚ୍‌ରେ ଜଣେ ଚିୟରଗର୍ଲଙ୍କୁ ନେଇ ସାମ୍ନାକୁ ଆସିଛି ବିବାଦ । ସୋମବାର ଥିଲା ଗୁଜୁରାଟ ଟାଇଟାନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍ । ମ୍ୟାଚ୍‌ରେ ଜଣେ ଚିୟରଗର୍ଲ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା । ହେଲେ ଏହି ନାଚୁଥିବାବେଳେ ନଜର ଆସିଥିଲା ଅଭାବନୀୟ ଘଟଣା । ଯାହା ଲାଗୁଥିଲା ଚିୟରଗର୍ଲ ଜଣକଙ୍କ ସୁସ୍ଥ ନଥିଲେ । ନିଜର ଅସୁସ୍ଥ ସ୍ୱାସ୍ଥ୍ୟ ସତ୍ତ୍ୱେ ସେ ର ନାଚୁଥିବା ନଜର ଆସିଥିଲା । ତାଙ୍କର ଗୋଟିଏ ହାତ ଭାଙ୍ଗିଯାଇଥିବାବେଳେ ହାତରେ ପ୍ଲାଷ୍ଟର ଗୁଡାହୋଇଥିବା ହୋଇଥିବା ଦେଖିବାକୁ ମିଳିଥିଲା । ହେଲେ ଏହି ଫଟୋ ଭାଇରାଲ ହେବା ପରେ ଯାହାକୁ ନେଇ ସାମ୍‌ନାକୁ ଆସିଛି ବିବାଦ । ସେପଟେ ଘଟଣାକୁ ଲୋକଲୋଚନକୁ ଆସିବା ପରେ କିଛି ଦର୍ଶକ ବିସିସିଆଇକୁ କରିଛନ୍ତି ସମାଲୋଚନା । ସାମାଜିକ ଗଣମାଧ୍ୟମ ଟ୍ୱିଟରରେ ଚିୟରଗର୍ଲଙ୍କ ନୃତ୍ୟ ପରିବେଷଣ ବେଳର କିଛି ଫଟୋ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଚିୟରଗର୍ଲଙ୍କ କର୍ତ୍ତବ୍ୟ ନିଷ୍ଠା ସ୍ପଷ୍ଟ ବାରି ହୋଇପଡୁଛି । ଚିୟରଗର୍ଲଙ୍କ ନୃତ୍ୟ ପରିବେଷଣ ବେଳର କିଛି ଫଟୋ କେବଳ ସୋସିଆଲ ମିଡିଆ ଟ୍ୱିଟର କାହିଁକି, ଇନ୍‌ଷ୍ଟାଗ୍ରାମ୍ ଓ ୟୁଟ୍ୟୁବ୍‌ରେ ମଧ୍ୟ ଦେଖିବାକୁ ମିଳିଛି । ଯାହାକି ବର୍ତ୍ତମାନ ଭାଇରାଲ ଟ୍ରେଣ୍ଡ ପାଲଟିଛି । ଖାଲି ସେତିକି ନୁହେଁ, ବିସିସିଆକୁ ସାଧାରଣରେ ପ୍ରଶ୍ନ ପରେ କିଛି ଜାତୀୟ ଗଣମାଧ୍ୟମରେ ମଧ୍ୟ ଏହା ବ୍ରେକିଂ ନ୍ୟୁଜ୍ ପାଲଟିଥିଲା ।

# ଆସନ୍ତା ୨୦୨୪ ପର୍ଯ୍ୟନ୍ତ ଖେଳିବେ ମାହି:ଚେନ୍ନାଇ ସିଇଓ



ନୂଆଦିଲ୍ଲୀ(ଏଜେନ୍ସୀ): ରବିବାର ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଛି କୋଲକାତା ନାଇଟ ରାଇଡର୍ସ । କିନ୍ତୁ ଏହି ମ୍ୟାଚ ଶେଷରେ କ୍ୟାପଟେନ କୁଲ ଧୋନୀ ଚେନ୍ନାଇର ଫ୍ୟାନ୍ସମାନଙ୍କୁ ଏକ ଭିନ୍ନ ଅନ୍ଦାଜରେ ଧନ୍ୟବାଦ ଦେଇଛନ୍ତି । ଚେନ୍ନାଇ ସୁପର କିଙ୍ଗସର କ୍ୟାପ, ବଲ୍ ଏବଂ ଜର୍ସି ମଧ୍ୟ ଉପହାର ଦେଇଛନ୍ତି ଧୋନୀବାହିନୀ । ତେବେ ଏହା ଧୋନୀଙ୍କ ଶେଷ ମ୍ୟାଚର ଇସାରା ବୋଲି ଚର୍ଚ୍ଚା ଜୋର ଧରିଛି । ତାଙ୍କ କହିବା ଅନୁସାରେ, ଚିପକ ଷ୍ଟାଡିୟମରେ ଧୋନୀ ନିଜ କ୍ୟାରିୟରର ଶେଷ ମ୍ୟାଚ ଖେଳିଲେ ବୋଲି କୁହାଯାଇଛି । ତେବେ ମାହିଙ୍କ ରିଟାୟାରକୁ ନେଇ ବଡ ବୟାନ ଦେଇଛନ୍ତି ସିଏସକେର ସିଇଓ । ଚେନ୍ନାଇ ସୁପର କିଙ୍ଗସର ସିଇଓ କହିଛନ୍ତି, ଏମ.ଏସ ଧୋନୀ ଆଗାମୀ ସିଜନରେ ମଧ୍ୟ ଖେଳୁଥିବାର ନଜର ଆସିବେ । ଏ ନେଇ ନିଜ ଟ୍ୱିଟରରେ ଏକ ଭିଡିଓ ଅପଲୋଡ କରିଛି ସିଏସକେ । ଏଥିରେ କୁହାଯାଇଛି ଯେ, 'ଆମର ବିଶ୍ୱାସ ଅଛି ଯେ, ଧୋନୀ ଆଗାମୀ ଆଇପିଏଲରେ ମଧ୍ୟ ଖେଳିବେ । ତେଣୁ ପ୍ରଶଂସକମାନେ ପ୍ରତିବର୍ଷ ଭଳି ଏହିଭଳି ଭାବେ ସମର୍ଥନ କରିବେ ବୋଲି ମୁଁ ଆଶା କରୁଛି । ଏହି ସିଜନରେ ଧୋନୀ ଆହତ ସମସ୍ୟା ସହିତ ମଇଦାନକୁ ଆସିଥାନ୍ତି, ଏବଂ ମ୍ୟାଚ ପରେ ଚିକିତ୍ସା କରାଇଥାନ୍ତି । ଚଳିତବର୍ଷ ଧୋନୀ ଜଣେ ଅଦିନାୟକ ଭୂମିକାରେ ନଜର ଆସିଛନ୍ତି । ତେବେ ପ୍ରାୟ ପ୍ରତ୍ୟେକ ମ୍ୟାଚରେ ଧୋନୀ ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସୁଛନ୍ତି, କାରଣ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି । ଏଥିପାଇଁ କିଛିଟା ସମୟରେ ଟିମକୁ ମଧ୍ୟ ଏହାର ପରିଣାମ ଭୋଗିବାକୁ ପଡିଛି । ତେବେ ଧୋନୀଙ୍କ ଲୋକପ୍ରିୟତା ଏବଂ ତାଙ୍କ ପ୍ରଶଂସକ ଚାହାନ୍ତି, ସେ ଆଗାମୀ ସିଜନରେ ମଧ୍ୟ ଖେଳନ୍ତୁ । କିନ୍ତୁ ବୟସ ଏବଂ ଆଘାତ ଜନିତ ସମସ୍ୟାକୁ ନଜରରେ ରଖି ଚଳିତବର୍ଷ ଦୋନୀଙ୍କର ଶେଷ ଆଇପିଏଲ ହୋଇପାରେ ବୋଲି କୁହାଯାଉଥିଲା । କିନ୍ତୁ କ୍ୟାପଟେନ କୁଲ ମାହି ଏପର୍ଯ୍ୟନ୍ତ ଅବସର ଘୋଷଣା କରି ନାହାନ୍ତି । ବରଂ ଆଗାମୀ ସିଜନରେ ପୁଣିଥରେ ଖେଳିବା ନେଇ ଅନେକ ଥର ଇସାରା ଦେଇଛନ୍ତି ଏମ.ଏସ ଧୋନୀ ।

# ମୁମ୍ବାଇ ଇଣ୍ଡିଆନ୍ସ ଆଗରେ ୧୭୮ ରନର ବିଜୟ ଲକ୍ଷ୍ୟ ରଖିଲା ଲକ୍ଷ୍ନୌ

ଲକ୍ଷ୍ନୌ(ଏଜେନ୍ସୀ): ଲକ୍ଷ୍ନୌର ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୩ର ୬୩ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଆଗରେ ୧୭୮ ରନର ବିଜୟ ଲକ୍ଷ୍ୟ ରଖିଛି ଲକ୍ଷ୍ନୌ ସୁପର ଜାୟାଣ୍ଟସ । ଏହି ମ୍ୟାଚରେ ମୁମ୍ବାଇ ଦଳ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଆରମ୍ଭରୁ ଦୀପକ ହୁଦା ଓ ପ୍ରେରକ ମଙ୍କଡ୍ ଓ କ୍ୱିଣ୍ଟନ ଡିକକଙ୍କ ୱିକେଟ ହରାଇ ସଂକଟରେ ପଡ଼ିଥିଲା । କିନ୍ତୁ ମାର୍କସ ଷ୍ଟୋଇନିସଙ୍କ ବିସ୍ଫୋରକ ଇନିଂସ ଜରିଆରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୭୭ ରନ କରିଥିଲା । ଷ୍ଟୋଇନିସ୍ ମାତ୍ର ୪୭ଟି ବଲରେ ୮ ଛକା ଓ ୪ ଚୌକା ସହ ଅପରାଜିତ ୮୯ରନ କରିଥିଲେ । ସେହିପରି କ୍ରୁନାଲ ପାଣ୍ଡ୍ୟା ୪୯ରନ କରିଥିଲେ । ମୁମ୍ବାଇ ପକ୍ଷରୁ ଜାସନ ବେହରେନଡ୍ରଫ ୨ଟି ୱିକେଟ ନେଇ ଥିଲେ । ସେହିପରି ପିୟୁଷ ଚାୱଲା ଗୋଟିଏ ୱିକେଟ ନେଇଥିଲେ ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583